


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-154 ♦SUNDAY ♦30 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୪ ♦ରବିବାର ♦୩୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ୬୨ ବର୍ଷରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

■ କାନବେରା, ୨୯ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି । ଦାୟିତ୍ୱରେ ରହିଥିବା ବେଳେ ବିବାହ କରିବାରେ ସେ ହେଉଛନ୍ତି ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ । ସେ ଆଜି ତାଙ୍କର ୪୬ ବର୍ଷୀୟା ବାନ୍ଧବୀ ଜୋଡି ହେଡନଙ୍କୁ କାନବେରାସ୍ଥିତ ପ୍ରଧାନମନ୍ତ୍ରୀ କର୍ଯ୍ୟାଳୟରେ ବିବାହ କରିଛନ୍ତି । ଜୋଡି ଆର୍ଥ ବିଭାଗରେ କାର୍ଯ୍ୟ କରନ୍ତି । ୨୦୨୪ରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା । ଅଲବାନୀଜ ସାମାଜିକ ଗଣମାଧ୍ୟମରେ ଗୋଟିଏ ଶବ୍ଦ 'ମ୍ୟାରେଡ୍' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ବିବାହ ନେଇ ସୂଚିତ କରିଛନ୍ତି । ସୋମବାରରୁ ଶୁକ୍ରବାର ଦୁହେଁ ହନିମୁନରେ ଯିବେ । ସୂଚନାଯୋଗ୍ୟ ଯେ ୨୦୨୦ରେ ଦୁହେଁ ମେଲବୋର୍ଣ୍ଣରେ ଏକ ବ୍ୟବସାୟିକ ନୈଶ୍ୟ ଭୋଜିରେ ପରସ୍ପରକୁ ଭେଟିଥିଲେ । ଆଲବାନିଜ ଓ ହେଡନ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି । ପୂର୍ବରୁ ଆଲବାନିଜ ୨୦୧୯ରେ ତାଙ୍କ ପୂର୍ବତନ ପତ୍ନୀ କାର୍ମେଲ ଟେବୁଟ୍‌ଙ୍କଠାରୁ ଛାଡ଼ପତ୍ର ନେଇଥିଲେ । ଦୁହେଁ ୧୯ ବର୍ଷ ଏକାଠି ରହିବା ପରେ ଅଲଗା ହୋଇଥିଲେ । ଉଭୟଙ୍କର ଜଣେ ପୁଅ ନାଥନ ଅଛନ୍ତି । ତେବେ ହେଡନଙ୍କ ପ୍ରଥମ ବିବାହ ଓ ବିଚ୍ଛେଦ ସମ୍ପର୍କରେ ଅଧିକ କିଛି ସୂଚନା ଦିଆଯାଇନାହିଁ । ଆଲବାନିଜ ୨୦୨୨ ମେ ୨୩ରେ ୩୧ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।



## ଏୟାରବସ୍ 'ଏ-୩୨୦'କୁ ସୌର ବିକିରଣ ଭୟ



ବିଶ୍ୱବ୍ୟାପୀ ୬ ହଜାର ଉଡ଼ାଣ ବାତିଲ

■ ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ବିମାନ ନିର୍ମାତା କମ୍ପାନୀ ଏୟାରବସ୍‌ର ବିମାନ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି । ଏହି କମ୍ପାନୀର ଏ୩୨୦ ସିରିଜ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ସୌର ବିକିରଣ ଯୋଗୁଁ ଏଭଳି ବିପଦ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରାୟ ୬ ହଜାର ଏ-୩୨୦ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଛି । ଗତ ୫୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କମ୍ପାନୀ ଏତେ ବିମାନର ସେବାକୁ ବନ୍ଦ କରିଦେଇଛି । ସଫ୍ଟୱେର ଅପଗ୍ରେଡ କରି ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ବିମାନଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି । ଏହି ସମସ୍ୟା ପାଇଁ ସଫ୍ଟୱେର ଭର୍ସନ ଏଲ୧୦୪ର ଏଲାଭେଟର ଏଲେରନ କମ୍ପ୍ୟୁଟର (ଇଏଲଏସି ବି) ପ୍ରଭାବିତ ହୋଇଛି । ଏହା ଫ୍ଲାଇଟ କଣ୍ଟ୍ରୋଲ ଡାଟା ଖରାପ କରିପାରେ । ବିମାନର ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣକୁ ନେଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଭୁଲ୍ ସାବ୍ୟସ୍ତ ହୋଇପାରେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏୟାରବସ୍ ଉଡ଼ାଣ ବନ୍ଦ କରିବା ନେଇ ଶୁକ୍ରବାର ଘୋଷଣା କରିଥିଲା । ଏହି ସମୟରେ ୩୫୦ ଏୟାର ଲାଇନ୍ସର ପ୍ରାୟ ୩ ହଜାର ଏ-୩୨୦ ବିମାନ ଆକାଶରେ ଉଡୁଥିଲେ । ଏହି ସମସ୍ୟା ଯୋଗୁଁ ଭାରତ ସମେତ ସାରା ବିଶ୍ୱ ପ୍ରଭାବିତ ହୋଇଛି । ବିମାନ ▶ପୃଷ୍ଠା-୭

# 'ଦିତ୍ୱା' ତାଣ୍ଡବ

# ଶ୍ରୀଲଙ୍କାରେ ୧୫୩ ମୃତ

## ତାମିଲନାଡୁରେ ପ୍ରବଳ ବର୍ଷା, ବିମାନ ବାତିଲ

■ଚେନ୍ନାଇ, ୨୯ ।୧୧ (ଏଜେନ୍ସି): ଶ୍ରୀଲଙ୍କାରେ ଧ୍ୱଂସର ତାଣ୍ଡବ ରଚିଛି ଘୂର୍ଣ୍ଣିବାତ୍ୟା 'ଦିତ୍ୱା' । ଏହି ବାତ୍ୟା କାରଣରୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଫଳରେ ୧୫୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୩୦ଜଣ ନିଖୋଜ ଅଛନ୍ତି । ଏବେ ଏହି ବାତ୍ୟା ଭାରତ ଆଡ଼କୁ ଦ୍ରୁତଗତିରେ ମାଡିଆସୁଛି । ବାତ୍ୟା ପ୍ରଭାବରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପ୍ରବଳ ବର୍ଷା ସହିତ ଜୋରରେ ପବନ ବହିବା ଆରମ୍ଭ ହୋଇଛି । ଏହା ଆହୁରି ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି । ତାମିଲନାଡୁରେ ରେଡ ଆଲର୍ଟ ଜାରି କରାଯାଇଛି ।

**ଶ୍ରୀଲଙ୍କାରେ ଫସି ରହିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ**

ତାମିଲନାଡୁରେ ପ୍ରବଳ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୁଡୁଚେରୀ ଓ ତାମିଲନାଡୁରେ ସମସ୍ତ ଶିକ୍ଷାନୁଷ୍ଠାନରେ ସୋମବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ବିଭିନ୍ନ ସ୍କୁଲ ଓ କଲେଜରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ବାତ୍ୟାର ପ୍ରକୋପ ଭୟଙ୍କର ହେଉଥିବାରୁ ୫୪ଟି ବିମାନର ଉଡାଣକୁ ବାତିଲ କରାଯାଇଛି । ଚେନ୍ନାଇରୁ ବିମାନ ଉଡ଼ାଣ ବାତିଲ ହେବା କାରଣରୁ କଲମ୍ବୋ ବିମାନ ବନ୍ଦରରେ ୩୦୦ ଭାରତୀୟ ଯାତ୍ରୀ ଗତ ତିନି ଦିନ ହେବ ଫସି ରହିଛନ୍ତି । ଏମାନେ ସମସ୍ତେ ଦୁବାଇରୁ କଲମ୍ବୋ ଦେଇ ଭାରତ ଆସିବାର କର୍ଯ୍ୟକ୍ରମ ଥିଲା । ନଭେମ୍ବର ୩୦ ଅର୍ଥାତ ରବିବାର ଏହି ବାତ୍ୟା 'ଦିତ୍ୱା' ତାମିଲନାଡୁ ଓ ପୁଡୁଚେରୀର ଉପକୂଳ ଅତିକ୍ରମ କରିବ । ଏହି କାରଣରୁ ରାଜ୍ୟରେ ଆହୁରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତାମିଲନାଡୁ ସମେତ ପୁଡୁଚେରୀ ଓ ଆନ୍ଧ୍ରରେ ବନ୍ୟା ଆସିବା ଆଶଙ୍କା କରାଯାଉଛି ।

ସେହିପରି ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳରେ ଥିବା ବିଭିନ୍ନ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ନେସନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ (ଏନ୍‌ଡିଆରଏଫ)ର ୧୪ଟି ଟିମ୍‌କୁ ନିୟୋଜିତ କରାଯାଇଛି ।

ଇତିମଧ୍ୟରେ ଶ୍ରୀଲଙ୍କାକୁ ସହାୟତା କରିବାକୁ ଭାରତ 'ଅପରେସନ ସାଗର ବନ୍ଧୁ' ଆରମ୍ଭ କରିଛି । ଭାରତୀୟ ବାୟୁସେନାର ବିମାନ ଆଇଏଲ୍-୭୬ ବିମାନ କଲମ୍ବୋରେ ପହଞ୍ଚିଛି । ଏନ୍‌ଡିଆରଏଫ୍‌ର ୮୦ ଜଣିଆ ଟିମ୍ ସହିତ ବିମାନ ଓ ସମୁଦ୍ର ମାର୍ଗ ଦେଇ ପାଖାପାଖି ୨୭ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କାରେ ପହଞ୍ଚିଛି ।



### ଅତିରିକ୍ତ ବଜେଟ୍‌କୁ ନେଇ ନବୀନଙ୍କ ପ୍ରତିକ୍ରିୟା

## ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢୁଛି ଓଡ଼ିଶା



**ବଜେଟରେ ଦୂରଦୃଷ୍ଟି ନାହିଁ; ଓଡ଼ିଶାବାସୀଙ୍କ ଆଶାକୁ ଧୂଳିସାତ୍ କରୁଛି**

**ଅପାରଗତା ଲୁଚାଇବା ପାଇଁ ଅତିରିକ୍ତ ବଜେଟ ଆଣିଛନ୍ତି ସରକାର**

■ ଭୁବନେଶ୍ୱର, ୨୯।୧୧ (ସମିସ): ବିଧାନସଭାରେ ଉପସ୍ଥାପନ କରାଯାଇଥିବା ଅତିରିକ୍ତ ବଜେଟ ଦୂରଦୃଷ୍ଟିହୀନ ଏବଂ ଏହା ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ୍ କରିଛି । ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଉପରେ ପ୍ରତିକ୍ରିୟା ରଖି ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି, ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ । ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ଏହି ଅତିରିକ୍ତ ବଜେଟ୍ ପ୍ରସ୍ତୁତ ହୋଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ; ବରଂ ସେମାନଙ୍କୁ ଭ୍ରମିତ କରିବାର ଏହା ଏକ ପ୍ରୟାସ ବୋଲି ନବୀନ କହିଛନ୍ତି ।



## ଗୁଣ୍ଡିଚା ମନ୍ଦିରରେ ପଶିଲା ଜେସିବି

**ପ୍ରଶ୍ନ ଉଠାଇଲେ ସାଧାରଣ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ**

**ପରିକ୍ରମା ପ୍ରକଳ୍ପ ବେଳେ ଚିତ୍କାର କରୁଥିବା ବୁଦ୍ଧିଜୀବୀ ଗଲେ କୁଆଡ଼େ?**

■ ପୁରୀ, ୨୯।୧୧ (ସମିସ): ଡିସେମ୍ବର ୧ରୁ ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଆଯାଇଥିଲା ନିଷ୍ପତ୍ତି । ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ । ହେଲେ ଭକ୍ତଙ୍କ ପାଇଁ ମନ୍ଦିର ଖୋଲାଯିବାକୁ ଅଚାନକ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି । କାରଣ କୁହାଯାଇଛି ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାମ ପାଇଁ ଆହୁରି ଅଧିକ ସମୟ ଲାଗିବ । ମନ୍ଦିର ମଧ୍ୟରେ ଷ୍ଟିଲ୍ ବିମ୍ ଏବଂ ଖଣ୍ଡୋଲାଇଟ୍ ପଥର ଲଗାଇବା କାମ ବାକି ଅଛି । ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ କରାଯିବ । ଏଭଳି ସ୍ଥିତିରେ ଶନିବାର ଗୁଣ୍ଡିଚା ମନ୍ଦିର ଭିତରେ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଅର୍ଥାତ୍ ମନ୍ଦିର ଭିତରେ ପଶି ▶ପୃଷ୍ଠା-୭

### ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## ସଂସ୍କୃତିକୁ ଆମେ ପଛରେ ଛାଡ଼ି ଦେଇଛୁ: ଜାଭେଦ ଅଖତର୍



**ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ**

■ ଭୁବନେଶ୍ୱର, ୨୯।୧୧ (ସମିସ): ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳା ଆମର ମହାନ ସଂସାଧନ । ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ଦେଶର ଗୋଟିଏ ଛୁଞ୍ଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନଥିଲା । କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର । ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଭାବି ପ୍ଲାଟଫର୍ମରେ ଛାଡ଼ି ଦେଇ ଆସିଛୁ । ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହ ସବୁ କିଛି ସାଙ୍ଗରେ ନେଇ ଚାଲିପାରିବୁ ନାହିଁ । ଏହା ମଧ୍ୟରୁ ଆମ ସଂସ୍କୃତି ▶ପୃଷ୍ଠା-୭


KISS
KALINGA INSTITUTE OF SOCIAL SCIENCES (KISS)
(Deemed to be University) (Established U/S 3 of UGC Act, 1956)
Accredited with 'A' Grade by NAAC, Bhubaneswar, Odisha, India

5th ANNUAL CONVOCATION

30th November 2025 | 3:30 p.m. | KISS Campus-4 Athletic Stadium Bhubaneswar

Chief Guest



Hon'ble
Prof. (Dr.) Ganeshi Lal
Former Governor of Odisha

Convocation Address by



Hon'ble
Ms. Ouided Bouchamaoui
Nobel Laureate
Republic of Tunisia

Guests of Honor

- Mr. Faizal Edavalath Kottikollon
  Founder & Chairman, KEF Holdings
  Philanthropist & Global Business Leader, UAE
- Mr. J.M. 'Meenu' Malhotra DL
  Chairman at Malhotra Group PLC
  Honorary Consul General of India to Newcastle, UK

Conferment of Honoris Causa Degrees on:

- Shri Bhartruhari Mahtab
  Hon'ble Member of Parliament (LS) & Chairman, Prajatantra Prachar Samity, Cuttack
- Shri Soumya Ranjan Patnaik
  Founder-editor, The Sambad & Former Member of Parliament (LS & RS) Bhubaneswar
- Shri Jagadananda
  Co-founder & Mentor Centre for Youth and Social Development (CYSD), Bhubaneswar

A Home for 80,000 Indigenous Children | Website: www.kiss.ac.in | Email: info@kiss.ac.in


# ବିଧାନସଭାରେ ରାସନ କାର୍ଡ ଝଡ଼

## ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ସରକାର: ବିରୋଧୀ

**ରାସନ କାର୍ଡ ସର୍ଭେ ପାଇଁ ଧାର୍ଯ୍ୟ ମାନଦଣ୍ଡ ଗ୍ରହଣୀୟ ନୁହେଁ: ବିଜେଡି**

**ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ**

■ଭୁବନେଶ୍ୱର, ୨୯।୧୧ (ସମିସ): କେୱାଇସି ଅପ୍‌ଡେଟ୍ ଆଳରେ ଲୋକଙ୍କ ରାସନ କାର୍ଡ କଟାଯିବା ନେଇ ବିଧାନସଭାରେ ଆଜି ମୁଲତବୀ ଆଲୋଚନାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଛନ୍ତି । ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ମୁଲତବୀ ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳର ସଦସ୍ୟମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେନେଇ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ପୂର୍ବ ସରକାରଙ୍କ ପିଡିଏସ, ଧାନ ସଂଗ୍ରହ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ପ୍ରଶଂସା କରିଥିଲା । ମାତ୍ର ଏବର ବିଜେପି ସରକାର ରାସନ କାର୍ଡ ନାମରେ ଆତଙ୍କ ସୃଷ୍ଟି କରୁଛନ୍ତି । ଗରିବ ଲୋକଙ୍କ ମନରେ କାର୍ଡ କଟିବା ନେଇ ଆତଙ୍କ ଖେଳିଯାଇଛି । ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ସରକାର ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ । ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ । ଅପରପକ୍ଷେ ଶାସକ ଦଳର ବିଧାୟକମାନେ ପାଲଟା ▶ପୃଷ୍ଠା-୭

## ୬୮୦୧ ପଞ୍ଚାୟତରେ ପିଅନ ନିଯୁକ୍ତ ହେବେ

■ ଭୁବନେଶ୍ୱର, ୨୯ ।୧୧ (ସମିସ): ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ । ସରକାରୀ ଯୋଜନାର ସଫଳ ରୂପାୟନ କରିବାପାଇଁ ସରକାର ଏହି ନୂତନ ପଦ ସୃଷ୍ଟି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିବାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ପଞ୍ଚାୟତ ସ୍ତରରେ ସେମାନେ କାର୍ଯ୍ୟ କରିବେ । ମାସକୁ ୧୩,୧୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯିବ । ସେମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ଦରମା କମ୍ ବା ବେଶି କରାଯାଇପାରେ । ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୬୮୦୧ଟି ପଞ୍ଚାୟତ ଥିବାବେଳେ ନୂତନ ନିଯୁକ୍ତି ପାଇଁ ସମାନ ସଂଖ୍ୟକ ପଦ ସୃଷ୍ଟି ହେବ ।

## ପହିଲାରୁ ସଂସଦ, ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯।୧୧: ଆସନ୍ତା ଡିସେମ୍ବର ପହିଲା ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର। ଆସନ୍ତାକାଲି ସବୁ ଦଳର ସଂସଦୀୟ ଦଳର ନେତାମାନଙ୍କ ବୈଠକ ହେବ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବୈଠକରେ ଉପସ୍ଥିତ ରହିବେ। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ କାର୍ଯ୍ୟ ପରିଚାଳନାରେ ସରକାରଙ୍କୁ ସହଯୋଗ କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଉପରେ ଆଲୋଚନା କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ଏବଂ ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି। ସରକାର 'ବନ୍ଦେ ମାତରମ' ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଯୋଜନା କରିଛନ୍ତି ଏବଂ ଏହାକୁ ନେଇ ପରିସ୍ଥିତି ସରଗରମ ରହିବ ବୋଲି ସୂଚନା ମିଳିଛି। ସୂଚନାରଯୋଗ୍ୟ ଯେ ସରକାର ସଂସଦର ଏହି ଶୀତକାଳୀନ ଅଧିବେଶନକୁ ସଂକ୍ଷିପ୍ତ ସମୟ ପାଇଁ ଡାକିଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛନ୍ତି।

## ପଶ୍ଚିମବଙ୍ଗ: ବିରୋଧ ପରେ ୱାକଫ୍ ଆଇନ ଲାଗୁ

କୋଲକାତା, ୨୯ ।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ୮ ମାସ ଧରି ବିରୋଧ କରିବା ପରେ ଶେଷରେ ୱାକଫ୍ ସଂଶୋଧାନ ଆଇନ ଲାଗୁ କରିବାକୁ ରାଜି ହୋଇଛନ୍ତି। ରାଜ୍ୟର ୮୦୬୩ ୱାକଫ ସମ୍ପତ୍ତିର ସୂଚନା ୨୦୨୫ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାରଙ୍କ ୟୁଏମ୍ଆଇଡି ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବାକୁ ରାଜ୍ୟ ସରକାର ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୱାକଫ ସଂଶୋଧନ ଆଇନ୍ ଚଳିତବର୍ଷ ଏପ୍ରିଲ ୪ରେ ସଂସଦର ଦୁଇଟି ଗୃହରେ ପାରିତ ହୋଇଥିଲା। ସେତେବେଳେ ଏହି ଆଇନ୍‌କୁ ଲାଗୁ କରିବି ନାହିଁ ବୋଲି ପଶ୍ଚିମବଙ୍ଗ ସରକାର କହିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏପ୍ରିଲ ୮ରେ ଏକ ରାଲିରେ କହିଥିଲେ ଯେ, ଯେପର୍ଯ୍ୟନ୍ତ ମମତା ଦିଦି ଅଛି, ସେପର୍ଯ୍ୟନ୍ତ ରାଜ୍ୟରେ ମୁସ୍‌ଲିମ ସମ୍ପ୍ରଦାୟର ସମ୍ପତ୍ତିକୁ ରକ୍ଷା କରିବ। ଏଥିପାଇଁ ଆବଶ୍ୟକ ହେଲେ ଗୁଳି ଖାଇବାକୁ ପ୍ରସ୍ତୁତ ଅଛି। ଏକତାରୁ ମୋତେ ଅଲଗା କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗରେ ଧର୍ମ ନାମରେ ଭାଗବଣ୍ଟା ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ଆଇନ୍ ନେଇ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହି ଆଇନ୍ ଲାଗୁ ହେବା ନେଇ କୌଣସି ରୋକ ଲଗାଇ ନାହାନ୍ତି। ଫଳରେ ମମତା ଶେଷରେ ଏହି ନିୟମ ଲାଗୁ କରିବାକୁ ରାଜି ହେବାକୁ ବାଧ୍ୟ ହୋଇଛନ୍ତି ବୋଲି କୁହାଯାଇଛି।

## ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଚିନ୍ତା ପ୍ରକଟ କଲା ଜାତିସଂଘ

ନ୍ୟୁୟର୍କ, ୨୯ ।୧୧(ଏଜେନ୍ସି): ପାକିସ୍ତାନରେ ହୋଇଥିବା ସମ୍ବିଧାନ ସଂଶୋଧନ ଓ ସେନାଧକ୍ଷ ଆସିମ ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଜାତିସଂଘ ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନରେ ହୋଇଥିବା ୨୭ତମ ସମ୍ବିଧାନ ସଂଶୋଧନ ନ୍ୟାପାଳିକା ତଥା କୋର୍ଟଙ୍କ କ୍ଷମତାକୁ ସଙ୍କୁଚିତ ଓ ଦୁର୍ବଳ କରିବ ବୋଲି ଜାତିସଂଘ ମାନିବକ ଅଧିକାର ଏଜେନ୍ସି (ୟୁଏନ୍ଏଚ୍ଆର) ହାଇ କମିଶନର ଭୋଲକର ଟର୍କ ସତର୍କ କରାଇଛନ୍ତି। ଏହି ସମ୍ବିଧାନିକ ପରିବର୍ତ୍ତନ ଅତ୍ୟାବଶକୀୟ ଆଇନ୍ ଓ ନିୟମକୁ ଆହୁରି ଦୁର୍ବଳ କରିବ। ଫଳରେ ପାକିସ୍ତାନରେ ଆଇନ ବ୍ୟବସ୍ଥା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ନଭେମ୍ବର ୧୨ରେ ସେନାର ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟର କ୍ଷମତା କମ୍ କରିବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ସଂସଦରେ ଅନୁମୋଦନ କରାଯାଇଥିଲା। ଏହିକ୍ରମରେ ସମ୍ବିଧାନର ୪୮ତମ ଅନୁଚ୍ଛେଦରେ ପରିବର୍ତ୍ତନ କରାଯାଇଥିଲା। ଏହା ଦ୍ୱାରା କୋର୍ଟ ଓ ଆଇନ୍ ବ୍ୟବସ୍ଥା ଉପରେ ରାଜନୀତିର ପ୍ରଭାବ ବୃଦ୍ଧିପାଇବ। ସମ୍ବିଧାନ ସଂଶୋଧନ ନେଇ ପୁଣି ଥରେ ବିଚାର କରିବାକୁ ଟର୍କ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୨୭ରେ ମୁନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ବହନ କରିଥିଲେ। ଏବେ ତାଙ୍କ ହାତରେ ପରମାଣୁ ଅସ୍ତ୍ର ରହିଛି।

## ତେଜସ୍ୱୀ ବିହାର ବିଧାନସଭା ବିରୋଧୀ ନେତା

ପାଟନା, ୨୯ ।୧୧(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ବିଧାୟକ ତେଜସ୍ୱୀ ଯାଦବ ବିହାର ବିଧାନସଭାରେ ବିରୋଧୀ ମେଣ୍ଟର ନେତା ନିର୍ବାଚିତ ହୋଇଛନ୍ତି। ଆରଜେଡି ଓ ମହାମେଣ୍ଟ ବିଧାୟକ ଦଳ ବୈଠକରେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆରଜେଡି, କଂଗ୍ରେସ ଓ ବାମଦଳଗୁଡିକର ବିଧାୟକମାନେ ତେଜସ୍ୱୀଙ୍କ ନାମକୁ ଅନୁମୋଦନ କରିଥିଲେ। ଗୃହରେ ସଭ୍ୟ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଜନ କଲ୍ୟାଣ ଦୃଷ୍ଟିକୁ ଦୃଷ୍ଟିରେ ରଖି ଏକାଠି ହୋଇ ମେଣ୍ଟ ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରିବ ବୋଲି ସମସ୍ତେ ଏକ ସ୍ୱରରେ ବୈଠକରେ କହିଥିଲେ। ଡିସେମ୍ବର ୧ରେ ବିଧାନସଭାବର ଅଧିବେଶନ ଆରମ୍ଭ ହେବ। ଏହାପୂର୍ବରୁ ତେଜସ୍ୱୀ ଯାଦବଙ୍କ ବାସଭବନରେ ମହାମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବାକୁ ତେଜସ୍ୱୀ ଶନିବାର ଦିଲ୍ଲୀରୁ ପାଟନା ପହଞ୍ଚିଥିଲେ। ବିଧାନ ସଭାବେ ଶାସକ ଏନ୍‌ଡିଏର ୨୦୨ ବିଧାୟକ ଥିବା ବେଳେ ବିରୋଧୀ ମେଣ୍ଟର ୩୫ ଜଣ ବିଧାୟକ ରହିଛନ୍ତି। ଏଥିରେ ଆରଜେଡିର ୨୫, କଂଗ୍ରେସର ୬ ଓ ବାମ ଦଳର ୪ ଜଣ ବିଧାୟକ ସାମିଲ ରହିଛନ୍ତି।

## ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବ ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ, ୨୯ ।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ସରକାର ୨୦୫୦ ପର୍ଯ୍ୟନ୍ତ ଦେଶର ପାଖାପାଖି ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଦୁର୍ବଳ ଜୀବ- ଜନ୍ତୁ ଓ ପକ୍ଷୀଙ୍କୁ ବଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ବିଲେଇମାନେ ଏମାନଙ୍କର ଶିକାର କରୁଛନ୍ତି। ଏହି ଜଙ୍ଗଲୀ ବିଲେଇଗୁଡିକ ବେଶ୍ ଘାତକ ବୋଲି ନ୍ୟୁଜିଲାଣ୍ଡ ସଂରକ୍ଷଣ ମନ୍ତ୍ରୀ ତାମା ପୋଟାକା କହିଛନ୍ତି। ଏହି ବିଲେଇଗୁଡିକୁ ଏବେ 'ପ୍ରିଡେଟର ଫ୍ରି ୨୦୫୦' ପ୍ରୋଗ୍ରାମ୍‌ରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୧୬ରେ ପକ୍ଷୀ, ବାଦୁଡି, ଝିଟିପିଟି ଓ କିଡାଙ୍କୁ ପ୍ରତି ବିପଦ ସୃଷ୍ଟିକରୁଥିବା ଆକ୍ରମଣାତ୍ମକ ପ୍ରଜାତିକୁ ଶେଷ କରିବା ପାଇଁ ଆରମ୍ଭ କରାଯାଇଛି। ଏହି ଜଙ୍ଗଲୀ ବିଲେଇ ପୋଷା ବିଲେଇମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏମାନେ ଶିକାର କରି ବଞ୍ଚି ରହିଥାନ୍ତି। ଏହି ବିଲେଇଗୁଡିକ ନ୍ୟୁଜିଲାଣ୍ଡର ଜଙ୍ଗଲ ଓ ଦୂର ଦୂରାନ୍ତ ସ୍ଥାନରେ ରହିଥାନ୍ତି। ଏମାନଙ୍କ ସଂଖ୍ୟା ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ପୋଟାକା କହିଛନ୍ତି। ଏହି ବିଲେଇଗୁଡିକର ଲମ୍ବ ୧ ମିଟର ହୋଇଥିବା ବେଳେ ଓଜର ୭ କେଜି। ଏହି ବିଲେଇମାନଙ୍କ ଯୋଗୁଁ ବହୁ ଜୀବଜନ୍ତୁଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି। ଷ୍ଟିୱାର୍ଟ ଦୀପରେ ରହୁଥିବା ଦକ୍ଷିଣୀ ଡୋଟେରେଲ ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଲେଣି ବୋଲି ସେ କହିଛନ୍ତି। ପୁଣି ଏହି ବିଲେଇଙ୍କ କାରଣରୁ ଟୋକ୍ସୋପ୍ଲାସମୋସିସ୍ ଭଳି ରୋଗ ବ୍ୟାପୁଛି ଓ ଏହି କାରଣରୁ ଡଲଫିନ୍, ମଣିଷ ଓ ଅନ୍ୟ ଜୀବଜନ୍ତୁ ବିପଦରେ ପଡୁଛନ୍ତି।

## ଶାହିନ୍ ଫ୍ଲାଟ୍‌ରୁ ମିଳିଲା ୧୮ .୫୦ ଲକ୍ଷ ଟଙ୍କା



ଫରିଦାବାଦ୍, ୨୯ ।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବୋମା ବିସ୍ଫୋରଣର ଯାଞ୍ଚ୍ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍ଆଇଏ) କରୁଛି। ଏହି ମାମଲାରେ ଆତଙ୍କବାଦ ମଡ୍ୟୁଲ୍‌ରେ ସାମିଲ ଥିବା ମହିଳା ଡାକ୍ତର ଶାହିନ ସହିଦର ଫରିଦାବାଦ୍‌ସ୍ଥିତ ଅଲ- ଫଲାହ ବିଶ୍ୱବିଦ୍ୟାଳୟର ଫ୍ଲାଟ୍‌ରୁ ୧୮ .୫୦ ଲକ୍ଷ ଟଙ୍କା ସହ ସୁନାର ବିସ୍କୁଟ ଓ ଗହଣା ମିଳିଛି। ତାଙ୍କ ଆଲମାରୀରୁ ଆରବ ଦେଶରେ ମୁଦ୍ରା ମଧ୍ୟ ମିଳିଛି। ଗୁରୁବାର ରାତିରେ ଏନ୍ଆଇଏ ଶାହିନଙ୍କୁ ନେଇ ଅଲ-ଫଲହା ବିଶ୍ୱବିଦ୍ୟାଳୟ ପହଞ୍ଚିଥିଲା। ଟିମ ସେଠାରେ ଶାହିନର ଗତିବିଧିକୁ ନେଇ ଯାଞ୍ଚ୍ କରିଥିଲେ। ବିଶ୍ୱବିଦ୍ୟାଳୟ ଭିତରେ ଶାହିନର ଫ୍ଲାଟ୍ ନଂ ୨୨ ଥିଲା ବୋଲି ଏନ୍ଆଇଏ ଜାଣିବାକୁ ପାଇଛି। ଏହି ଫ୍ଲାଟ୍‌ରେ ବହୁ ସମୟ ଧରି ରହୁଥିଲା। ଫ୍ଲାଟ୍‌ର ଆଲମାରୀ ଖୋଲିବା ପରେ ଭିତରେ ଏକ ସିକ୍ରେଟ ଲକର ମିଳିଥିଲା। ତାଙ୍କୁ ଖୋଲାଯାଇଥିଲା ଓ ସେଥିରେ ଏକ ପକେଟ ରଖାଯାଇଥିଲା ଓ ଏଥିରେ ୫୦୦ ଟଙ୍କିଆ ନୋଟ ଥିଲା। ଗଣିବା ପରେ ଏହା ୧୮ .୫୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଥିଲା। ଅଲମାରୀର ଦ୍ୱିତୀୟ ଲକରରୁ ସୁନାର ଦୁଇଟି ବିସ୍କୁଟ ଓ ୩୦୦ ଗ୍ରାମର ସୁନା ଗହଣା ମିଳିଥିଲା। ଏହି ଆଲମାରୀରେ ଆରବ ଦେଶର ମୁଦ୍ରା ମଧ୍ୟ ମିଳିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର ଆଡମିଶନ ବ୍ଲକରୁ ଶାହିନର କିଛି କାଗଜପତ୍ରକୁ ମଧ୍ୟ ଏଜେନ୍ସି ଜବତ କରିଥିଲା। ଏଜେନ୍ସି ଶାହିନକୁ କେବିନ ଓ କ୍ଲାସରୁମ ନେଇ ପହଞ୍ଚିଥିଲା। ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲରଙ୍କ ନିକଟକୁ ମଧ୍ୟ ତାଙ୍କୁ ନିଆଯାଇଥିଲା। ଉଲ୍ଲେଖଥାଉ କି, ଲାଲକିଲ୍ଲା ବିସ୍ଫୋରଣରେ ଶାହିନ ସମେତ ୭ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ସାମିଲ ରହିଛନ୍ତି।

# ତୁଟୁନି କର୍ଣ୍ଣାଟକ ଅଡୁଆ।



ବେଙ୍ଗାଲୁରୁ, ୨୯।୧୧ (ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଆରମ୍ଭ ହୋଇଥିବା କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ଚୌକିକୁ ନେଇ ଲାଗିଥିବା ଏହି ଟଣା ଓଟରା ଖୋଲାଖୋଲି ଭାବେ ସାମ୍ନାକୁ ଆସି ଯାଇଛି। ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବାବେଳେ ଆଉ ଜଣେ ଚୌକି ନ ଛାଡ଼ିବାକୁ ଅଡ଼ି ବସିଛନ୍ତି। ଏହି ବିବାଦ ସାଇବର ସହରରୁ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ- ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ପଦବୀ ବିବାଦ ଏତେ ବଢ଼ି ଯାଇଥିଲା ଯେ କଂଗ୍ରେସ ହାଇକମାଣ୍ଡଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଉଭୟ ଗୋଷ୍ଠୀର କର୍ମୀ ନିଜ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରନ୍ତି। ଅଢ଼େଇ ବର୍ଷ ପୂରଣ ହୋଇଥିବାରୁ ଗାଦି ଛାଡ଼ ବୋଲି ଡିକେଙ୍କ ସମର୍ଥକ ଦାବି କରିଛନ୍ତି। କିନ୍ତୁ ଏଭଳି କୌଣସି ଚୁକ୍ତି ହୋଇ ନ ଥିବା ସିଦ୍ଧରମେୟା ଗୋଷ୍ଠୀ ମତ ଦେଉଛନ୍ତି। ତେବେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମେୟା ନିଜ ସହଯୋଗୀ ତଥା କଂଗ୍ରେସ ଅଧ୍ୟକ୍ଷ ଡିକେ ଶିବକୁମାରଙ୍କୁ ଜଳଖିଆ ପାଇଁ ଡକାଇଛନ୍ତି। ଆଉ ଏହାକୁ ରକ୍ଷା କରି ଶନିବାର ସକାଳ ୧୦ଟା ୧୫ରେ ଡିକେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଭେଟଘାଟକୁ କଂଗ୍ରେସରେ ଚାଲିଥିବା କ୍ଷମତା କଳିର ସମାଧାନ ଭାବେ ଦେଖାଯାଉଛି। ଉଭୟ ନେତା ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଜଳଖିଆ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ।

- ଏକାଠି ଜଳଖିଆ କଲେ ସିଦ୍ଧରମେୟା-ଶିବକୁମାର
- ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ମତଭେଦ ନ ଥିବା କହିଲେ

ସିଦ୍ଧରମେୟା କହିଥିଲେ ଯେ ଆମ ଭିତରେ କୌଣସି ମତଭେଦ ନାହିଁ ଏବଂ ଭବିଷ୍ୟତରେ ମଧ୍ୟ ହେବ ନାହିଁ। ଉଭୟେ ଏକାଠି କାମ କରିବୁ। ବିଜେପି ଏବଂ ଜେଡିଏସ ମିଥ୍ୟା ଅଭିଯୋଗ ଲଗାଇଥିବା କହିଥିଲେ। ଉଭୟ ଦଳ କଂଗ୍ରେସ ସାମ୍ନାରେ ଟିକ୍ପି ପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଡିକେ କହିଥିଲେ ଯେ ଜନତାଙ୍କ ସମର୍ଥନରେ ସରକାର ଗଢିଛୁ। ଯାହା ପ୍ରତିଶ୍ରୁତି ଦେଇଛୁ ତାହା କରିବା ପାଇଁ କାମ କରୁଛୁ। ହାଇକମାଣ୍ଡ ଯାହା କହିବେ ଆମେ ତାହା ପାଳନ କରିବୁ। କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି। କର୍ଣ୍ଣାଟକରେ ବିକାଶକୁ ପ୍ରାଧାନ୍ୟ ଦେବୁ। ପୁଣି ଥରେ ୨୦୨୮ରେ ସରକାର ଗଠନ କରିବୁ।

ସୂଚନା ଅନୁଯାୟୀ ଏହି ବୈଠକରେ ୨୦୨୮ରୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଡିକେଙ୍କୁ ଶିବକୁମାର କହିଥିଲେ। ଆଉ କିଛି ରିପୋର୍ଟରେ ମୁଖ୍ୟମନ୍ତ୍ରୀ ବଦଳାଇବା ମାମଲାକୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି। ଏହା ପରେ ଶିବକୁମାର ସରକାରର ମୁଖ୍ୟ ହୋଇପାରନ୍ତି। ସହଜରେ କ୍ଷମତା ପରିବର୍ତ୍ତନ ପାଇଁ ଶିବକୁମାରଙ୍କୁ ଶାନ୍ତ ରହି ନିଜ କାମ କରିବାକୁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

# ବାଇଡେନଙ୍କ ୯୨% ନିର୍ଦ୍ଦେଶ ରଦ୍ଦ କଲେ ଟ୍ରମ୍ପ

ୱାଶିଂଟନ, ୨୯।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଚକିତ କଲା ଭଳି ପଦକ୍ଷେପ ନେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଜାରି କରାଯାଇଥିବା ୯୨ ପ୍ରତିଶତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଟ୍ରମ୍ପ ରଦ୍ଦ କରିଦେଇଛନ୍ତି। ସେ ନିଜ ସାମାଜିକ ଗଣମାଧ୍ୟମ ସାଇଟ୍ 'ଟ୍ରୁଥ୍ ସୋସିଆଲ'ରେ ଏହାର ସୂଚନା ଦେଇଛନ୍ତି। ଟ୍ରମ୍ପ ଏହି ନିର୍ଦ୍ଦେଶକୁ ନେଇ ବଡ଼ ଦାବି ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ ଏହି ସବୁ ନିର୍ଦ୍ଦେଶରେ ଅଟୋପେନ୍ ତଥା ମେସିନରେ ଦସ୍ତଖତ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଏହା ବୈଧ ହୋଇଥାଏ। ବାଇଡେନଙ୍କ ମଞ୍ଜୁରି ନ ନେଇ ଏପରି କରାଯାଇଥିବାରୁ ତାହାକୁ ରଦ୍ଦ କରିଦିଆଯାଇଛି। କାରଣ ସେ ଅଟୋପେନ ପ୍ରକ୍ରିୟାରେ ସାମିଲ ନ ଥିଲେ। ଏହି ସବୁ ନିର୍ଦ୍ଦେଶକୁ ଆଉ କେବେ ବି କାର୍ଯ୍ୟକାରୀ କରାଯିବ ନାହିଁ।

- ମେସିନରେ ଦସ୍ତଖତ ହୋଇଥିବା ଦାବି
- ପୂର୍ବତନ ରାଷ୍ଟ୍ରପତିଙ୍କୁ ମଞ୍ଜୁର ନ ଥିବାରୁ ବେଆଇନ

ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିରେ ସ୍ୱାସ୍ଥ୍ୟ ପରିବେଶ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧିତ ନିୟମ ସାମିଲ ରହିଛି। ବାଇଡେନଙ୍କୁ



ଟ୍ରମ୍ପ ନିଦ୍ରାଳୁ ଜୋ ଏବଂ ଚାଲାକ ଜୋ କହି ଧମକ ଦେଇଛନ୍ତି। ଯଦି ବାଇଡେନ ଏହି ନିର୍ଦ୍ଦେଶରେ ନିଜ ସହମତି ଥିବା ଦାବି କରନ୍ତି ତେବେ ତାଙ୍କ ବିରୋଧରେ ମିଥ୍ୟା ବୟାନ ଦେଇଥିବାରୁ ଅଭିଯୋଗ ଲଗାଯିବ ବୋଲି କହିଛନ୍ତି। ହ୍ୱାଇଟ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଆକ୍ରମଣ ହେବା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି।

ବାଇଡେନ ଚାରି ବର୍ଷ (୨୦୨୧-୨୫) ମଧ୍ୟରେ ମୋଟ ୧୬୨ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲେ। ଏହା ସହିତ ଅନେକ ମେମୋରାଣ୍ଡମ ଏବଂ ନୋଟିସରେ ମଧ୍ୟ ସ୍ୱାକ୍ଷର କରିଥିଲେ। ଗତ ଜାନୁଆରୀରେ ଟ୍ରମ୍ପ ପଦ ସମ୍ଭାଳିବା ପରଠାରୁ ବାଇଡେନ ଯୁଗର ୮୦ ନିର୍ଦ୍ଦେଶକୁ ରଦ୍ଦ କରି ସାରିଲେଣି। କିନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବେ ବି କାର୍ଯ୍ୟକାରୀ ହେଉଛି। ଏବେ ଏହା ମଧ୍ୟରୁ କିଛି ରଦ୍ଦ ହୋଇପାରେ। ଟ୍ରମ୍ପଙ୍କ ଏଭଳି ମନମୁଖୀ ନୀତି ଯୋଗୁଁ ସ୍ୱାସ୍ଥ୍ୟ, ପରିବେଶ, ସଂଖ୍ୟାଲଘୁ, ଏଆଇର ବିକାଶ ଏବଂ ଉପଯୋଗ ସମ୍ବନ୍ଧିତ ଆଇନ ଉପରେ ପ୍ରଭାବ ପଡ଼ିପାରେ। ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁ ନିର୍ଦ୍ଦେଶର ବୈଧତାର ପ୍ରମାଣ ଦେବା ସମ୍ଭବ ହୋଇ ନ ପାରେ। ମାତ୍ର ବାଇଡେନଙ୍କ ଏହି ସ୍ୱାକ୍ଷରର କିଏ ଯାଞ୍ଚ କରିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକାର ନିୟମ ଅନୁଯାୟୀ, କୌଣସି ରାଷ୍ଟ୍ରପତି ନିଜ ପୂର୍ବତନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସଂଶୋଧନ, ରଦ୍ଦ ଏବଂ ପାଳନ କରିବାକୁ ମନା କରିଦେଇପାରିବେ। ତେବେ ଏହାର କିଛି ସୀମା ରହିଛି।

## ରୁଷିଆର ଦୁଇ ତୈଳ ଟ୍ୟାଙ୍କରରେ ବିସ୍ଫୋରଣ

ମସ୍କୋ, ୨୯ ।୧୧(ଏଜେନ୍ସି): କୃଷ୍ଣ ସାଗରରେ ରୁଷିଆର ଦୁଇଟି ତୈଳ ଟ୍ୟାଙ୍କର କାଇରୋସ ଓ ବିରାଟରେ ଭୟଙ୍କର ବିସ୍ଫୋରଣ ହୋଇଛି। ଦୁଇଟି ଜାହଜର କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି। ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି କ୍ରୁ ମେମ୍ବରମାନେ କହିଛନ୍ତି। ୟୁକ୍ରେନ ଏହି ଆକ୍ରମଣ କରିଛି ବୋଲି



କହିଛି। ପାଣି ଭିତରେ ଚାଲୁଥିବା ୟୁକ୍ରେନର ଡ୍ରୋନ ଦ୍ୱାରା ଏହି ବିସ୍ଫୋରଣ ହୋଇଛି। ଏହି ଅପରେସନ ଏସ୍‌ବିୟୁ ଓ ନୌସେନା ସାଥି ହୋଇ କରିଛନ୍ତି ବୋଲି ୟୁକ୍ରେନର ସୁରକ୍ଷା ଏଜେନ୍ସି ତରଫରୁ କୁହାଯାଇଛି। ଏବେ ଏହି ଦୁଇଟି ଜାହାଜର ବ୍ୟବହାର ଯୋଗ୍ୟ ହୋଇ ରହିବା ନାହିଁ ବୋଲି ୟୁକ୍ରେନ କହିଛି। ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାକୁ ୟୁକ୍ରେନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଏହି ଘଟଣା ଘଟିଛି। ଦୁଇଟି ଟ୍ୟାଙ୍କରରେ ଗାମ୍ବିଆର ପତାକା ଲାଗିଥିଲା। ପୂର୍ବରୁ ବିରାଟ ତୈଳ ଟ୍ୟାଙ୍କର ଶୁକ୍ରବାର କ୍ଷତିଗ୍ରସ୍ତ ହୋଇଥିଲା। ନିଆଁର ସ୍ଥିତି ଉପରେ ନଜର ରଖାଯାଇଛି ବୋଲି କୁହାଯାଇଛି। ବିରାଟର ୨୦ଜଣ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି। କିନ୍ତୁ ଜାହାଜର ଇଞ୍ଜିନରେ କଳା ଧୂଆଁ ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ତେବେ ରୁଷ୍ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## ତାଜିକିସ୍ତାନର ସୁନା ଖଣିରେ ଚୀନ୍‌ର ୩ ଇଞ୍ଜିନିୟରଙ୍କୁ ହତ୍ୟା

କାବୁଲ୍, ୨୯ ।୧୧(ଏଜେନ୍ସି): ତାଜିକିସ୍ତାନର ଖାତଲୋନ ରାଜ୍ୟର ଏକ ସୁନା ଖଣିରେ ଉପରେ ହୋଇଥିବା ଡ୍ରୋନ ଆକ୍ରମଣରେ ୩ ଜଣ ଚୀନ୍ ଇଞ୍ଜିନିୟର ମୃତ୍ୟୁବରଣ କରିଛନ୍ତି। ନଭେମ୍ବର ୨୬ରେ ଏହି ଡ୍ରୋନ ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନରୁ ହିଁ ଏହି ଡ୍ରୋନ ଆସିଥିଲା ବୋଲି ତାଜିକିସ୍ତାନ ଦାବି କରିଛି। ଏବେ ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଆଫଗାନିସ୍ତାନର ଅପରାଧିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ତାଜିକିସ୍ତାନ ତରଫରୁ କୁହାଯାଇଛି। ଏଭଳି ଘଟଣାକୁ ରୋକିବା ପାଇଁ ତାଲିବାନ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ତାଜିକିସ୍ତାନ କହିଛି। ତେବେ ତାଲିବାନ ଏହି ଡ୍ରୋନ ଆକ୍ରମଣରେ ସମ୍ପୃକ୍ତ ନାହିଁ ବୋଲି ସ୍ପଷ୍ଟ କରିଛି। ପାକିସ୍ତାନରେ ଅରାଜକତା ସୃଷ୍ଟିକରିବାକୁ ଚାହୁଁଥିବା ଏକ ସଂଗଠନ ଅର୍ଥାତ ଗୋଷ୍ଠୀ ଏହି ଆକ୍ରମଣ କରିଛି ବୋଲି ତାଲିବାନ କହିଛି। ତାଲିବାନର ଏହି ଦାବି ପରେ ଚୀନ୍‌ର ଏହି ୩ ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ପଛରେ କାହାର ହାତ ଅଛି ତାହା ଜଣାପଡ଼ିନାହିଁ। ସେପଟେ ଚୀନ୍ ଏହି ଘଟଣା ନେଇ ପ୍ରବଳ ଅସନ୍ତୋଷ ଜାହିର କରିଛି। ଏହି ଘଟଣାକୁ ଚୀନ୍ ନିନ୍ଦା କରିଛି ଓ ସୀମାବର୍ତ୍ତୀ ଅଞ୍ଚଳ ଛାଡ଼ିବାକୁ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ପୂର୍ବରୁ ମଧ୍ୟ ଚୀନ୍ ଇଞ୍ଜିନିୟରଙ୍କ ଉପରେ ଏଭଳି ଆକ୍ରମଣ ହୋଇଛି। ପାକିସ୍ତାନ ଆଫଗାନିସ୍ତାନକୁ ପରୋକ୍ଷରେ ଦାୟୀ କରିଛି। ଆତଙ୍କବାଦୀଙ୍କ ଉପରେ ଆଫଗାନିସ୍ତାନ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପାକିସ୍ତାନ କହିଛି। ତାଲିବାନ ମଧ୍ୟ ପାକିସ୍ତାନକୁ ଏହି ଘଟଣା ପାଇଁ ଦାୟୀ କରିଛି। ଚୀନ୍ ଇଞ୍ଜିନିୟରଙ୍କ ଉପରେ ଡ୍ରୋନ ଆକ୍ରମଣକୁ ଆଫଗାନିସ୍ତାନ ମଧ୍ୟ ନିନ୍ଦା କରିଛି।

## ଦକ୍ଷିଣ ପୂର୍ବ ଏସିଆରେ ଝଡ଼ ଓ ବନ୍ୟା ବିପ୍ଳାତ

# ଇଣ୍ଡୋନେସିଆରେ ୨୪୮ , ଥାଇଲାଣ୍ଡରେ ୧୬୨ ମୃତ

ଜାକର୍ତ୍ତା, ବ୍ୟାଙ୍କକ/କଲମ୍ବୋ, ୨୯ ।୧୧(ଏଜେନ୍ସି): 'ସେନିୟାର' ଝଡ଼ ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ଭିଏତନାମରେ ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁ ଆସିଥିବା ବନ୍ୟା ବିପ୍ଳାତ ଆଣିଛି। ଏହା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ଜନିତ ଅଘଟଣରେ ଥାଇଲାଣ୍ଡରେ ୧୬୨ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଶ୍ରୀଲଙ୍କାରେ ବାତ୍ୟା ଦିତୱା ୧୫୩ ଜଣଙ୍କ ଜୀବନ ନେଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଥାଇଲାଣ୍ଡ ପ୍ରଶାସନର ସୂଚନା ଅନୁଯାୟୀ, ଝଡ଼ ସେନିୟାରା ଯୋଗୁ ଆସିଥିବା ବନ୍ୟା ୧୨ ପ୍ରଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ୧୨ ଲକ୍ଷରୁ ଅଧିକ ପରିବାର ଏବଂ ୩୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଥାଇଲାଣ୍ଡରେ କ୍ଷୁଦ୍ର କୋଠା ଏବଂ ଗାଡ଼ିଗୁଡିକ ପାଣିରେ ବୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ପାଣି ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଅନେକ ଜିଲ୍ଲାରେ ଜଳସ୍ତର ଖସିବାରେ ଲାଗିଛି। ବର୍ଷା କମିଥିବାବେଳେ ଝଡ଼ତୋଫାନର ବିପଦ ରହିଛି। ମାଲେସିଆ



ସୀମାରେ ଥିବା ସୋଙ୍ଗଖାଲା ଅଞ୍ଚଳ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇଣ୍ଡୋନେସିଆରେ ସୁମାତ୍ରା ଦୀପରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ କାରଣରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏହି ପ୍ରାକୃତିକ ବିପତ୍ତିରେ ଏପର୍ଯ୍ୟନ୍ତ ୨୪୮ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। କେତେକ ପ୍ରଭାବିତ ଅଞ୍ଚଳରେ ବିମାନ ମାଧ୍ୟମରେ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି। ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ କାରଣରୁ ସଡ଼କଗୁଡିକ କ୍ଷତିଗ୍ରସ୍ତ ହୋଇଛି ଓ ବହୁ ଅଞ୍ଚଳ ମୁଖ୍ୟସ୍ରୋତରୁ ଅଲଗା ହୋଇଛି। ଉତ୍ତର ସୁମାତ୍ରାର ମଧ୍ୟ ଟପାନୁଲି ଜିଲ୍ଲା ସମେତ ଅନ୍ୟ ଜିଲ୍ଲାଗୁଡିକରେ ବିମାନ ସାହାଯ୍ୟରେ ରିଲିଫ ସାମଗ୍ରୀ ପହଞ୍ଚାଯାଉଛି। ଏପର୍ଯ୍ୟନ୍ତ ୮୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସଡ଼କ ପଥ କ୍ଷତିଗ୍ରସ୍ତ ହେବା କାରଣରୁ ହେଲିକପ୍ଟର ଦ୍ୱାରା ଅତ୍ୟାବଶକୀୟ ସାମଗ୍ରୀ ପହଞ୍ଚାଯାଉଛି। ସିବୋଲ୍ଗା ଓ କେନ୍ଦ୍ରୀୟ ଟାପାନୁଲୀ ଭଳି ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ଉତ୍ତର ସୁମାତ୍ରା ନୁହେଁ ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ଓ ଆସେହ ରାଜ୍ୟରେ ମଧ୍ୟ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆସେହର ୨୩ରୁ ୧୦ଟି ଜିଲ୍ଲାରେ ପାଣି ଭରି ରହିଛି। ଇଣ୍ଡୋନେସିଆ କେତେକ ଅଞ୍ଚଳରେ ଏବେ ମଧ୍ୟ ବର୍ଷା ଜାରି ରହିଛି।

### କାର୍ଯ୍ୟକ୍ଷମ ହେଉନି ଓଏଭି ହଷ୍ଟେଲ୍

# ଅଭିଭାବକଙ୍କ ମୁଣ୍ଡରେ ଆର୍ଥିକ ବୋଝ

■ ଭୂତକୋଠିରେ ପରିଣତ ହେଲାଣି ଅବ୍ୟବହୃତ କୋଠା
■ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ହଷ୍ଟେଲ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପଢୁଥିବା ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିର୍ମାଣ ସରିଥିବା କୋଠାଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ବହୁ ଦୂରଦୂରାନ୍ତରୁ ପ୍ରତିଦିନ ଯିବାଆସିବା କରୁଥିବା ଛାତ୍ରଛାତ୍ରୀମାନେ ଆର୍ଥିକ ବୋଝ ମୁଣ୍ଡାଉଛନ୍ତି। ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ପାଖରେ ହଷ୍ଟେଲ୍ ଓ ପରିବହନ ବ୍ୟବସ୍ଥା ଖୋଲି ଘରୋଇ ମାଲିକମାନେ ମୁନାଫା କମାଉଛନ୍ତି। ଫଳରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ପରିକଳ୍ପନା ହୋଇଥିବା ଓଏଭି ଲକ୍ଷ୍ୟଚ୍ୟୁତ ହେଉଛି।

ରାଜ୍ୟର ସମସ୍ତ ବ୍ଲକ୍ ସମେତ ଗୋଟିଏ ଆଇକନିକ୍ ଓଏଭିକୁ ମିଶାଇ ମୋଟ୍ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ଆଉ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ପ୍ରାୟ ୧ଲକ୍ଷ ୧୦ ହଜାର ଛାତ୍ରଛାତ୍ରୀ ତହିଁରେ ଅଧ୍ୟୟନ କରୁଛନ୍ତି। ସମସ୍ତ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ସହ ପିଲାଙ୍କ ରହିବା ପାଇଁ ହଷ୍ଟେଲ୍‌ର ପ୍ରାବଧାନ ରହିଛି। ପ୍ରାୟ ସମସ୍ତ ବିଦ୍ୟାଳୟରେ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ବର୍ଷ ହେଲା ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି। ନୂତନ କୋଠାଗୁଡ଼ିକ ବ୍ୟବହୃତ ହେଉ ନଥିବାରୁ ଭୂତକୋଠିରେ ପରିଣତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩୦ରୁ ୩୫ କି.ମି ଯାଏଁ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଆଉ କିଛି ପିଲା ନିକଟରେ ଥିବା ଘରୋଇ ହଷ୍ଟେଲ୍‌ରେ ରହୁଛନ୍ତି। ବିକଳ୍ପ ନଥିବାରୁ ଘରୋଇ ହଷ୍ଟେଲ୍ ଇଚ୍ଛା ମୁତାବକ ଫି' ନେଉଥିବାରୁ ପିଲା ଓ ସେମାନଙ୍କ ଅଭିଭାବକମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି।

କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର କରାଯାଇନଥିବା ମଧ୍ୟ ଜଣାପଡ଼ିଛି। ଆଉ କିଛି ସ୍ଥାନରେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ କହିଛନ୍ତି ଯେ ହଷ୍ଟେଲ୍ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସବାବପତ୍ର ଏବଂ ପରିଚାଳନା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଟେଣ୍ଡର ସରିଛି। ଏପରିକି ୧୦୬ଟି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଏସବୁ ହଷ୍ଟେଲ୍ କାର୍ଯ୍ୟକ୍ଷମ ହେବ। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

# ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ

## ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଆବଶ୍ୟକସ୍ଥଳେ ଜାଗା କିଣିବେ ସରକାର

■ ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ନେଇ ଦୃଢ଼ୋକ୍ତି
■ ୧୦ ହଜାର ୯୦୦ ଘର ଲାଗି ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ସମୁଦାୟ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ୨୦୧୫୦ଟିର ନିଜସ୍ୱ ଗୃହ ନାହିଁ। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡ଼ି କମ୍ୟୁନିଟି ସେଣ୍ଟର୍‌ରେ ଚାଲୁଛି। ସେହିପରି, ୩୮ ୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ୭୩୮ ୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣାଧୀନ ଥିବା ବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ହେବ। ଏନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଯଦି କୌଣସି ସ୍ଥାନରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ଲାଗି ଜାଗା ନଥିବ, ପଞ୍ଚାୟତିରାଜ ବିଭାଗ ସହଯୋଗରେ ସରକାର ଜାଗା କିଣି ଗୃହ ନିର୍ମାଣ କରିବେ। ଏନେଇ ବିଧାନସଭାରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଶନିବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଅଶ୍ୱିନୀ ପାତ୍ରଙ୍କ ସମେତ ବହୁ ବିଧାୟକ ନିଜନିଜ ଅଞ୍ଚଳରେ ଅସମ୍ପୂର୍ଣ୍ଣ ନିର୍ମାଣାଧୀନ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଭଡ଼ାଘରେ କିମ୍ବା ଅନ୍ୟତ୍ର ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଉତ୍ତର ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଯଦି କୌଣସି ଅଞ୍ଚଳରେ ସରକାରୀ ଜାଗା ଉପଲବ୍ଧ ନ ହେବ, ସେହିଠାରେ ବିଭାଗ ଜାଗା କିଣି ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯିବ। ଏଥିଲାଗି ୨୫ଲକ୍ଷ ଟଙ୍କାର ଅର୍ଥ ପ୍ରାବଧାନ ରଖାଯିବ। ବିଜେଡି ବିଧାୟକ ପ୍ରତାପ ଦେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅର୍ଥ ଅନୁମୋଦନ ସମସ୍ୟା ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିଲେ।

ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଗୃହ ନିର୍ମାଣ ଲାଗି ଅର୍ଥ ସମସ୍ୟା ଥିଲେ ବିଭାଗ ନିଜସ୍ୱ ପାଣ୍ଠି ବ୍ୟବସ୍ଥା କରିବ। ବିଜେପି ବିଧାୟକ ସନାତନ ବିଜୁଳି ଓ କଂଗ୍ରେସ ବିଧାୟକ ସି.ଏସ୍ ରାଜନ୍ ଏକ୍କା ପ୍ରମୁଖ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଟେଣ୍ଡର୍ ନେଇଥିବା କଣ୍ଟ୍ରାକ୍ଟର୍ କାମ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବିଜେଡି ବିଧାୟକ ସାରଦା ନାୟକ, ପବିତ୍ର ସାଉନ୍ତା ପ୍ରମୁଖ ନିଜ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ରାଜ୍ୟରେ୧୦ହଜାର ୪୧୬ ମିନି ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସେହିପରି ୧୨୧୪୪ଟି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିବର୍ତ୍ତନ କରାଯାଇଛି। କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୫୦୫୬ଟି ସକ୍ଷମ ଅଙ୍ଗନବାଡି ସୃଷ୍ଟି ହୋଇଛି। ସବୁ ଅଙ୍ଗନବାଡ଼ି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନବାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ, ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। କୌଣସି ସ୍ଥାନରେ ସମସ୍ୟା ଥିଲେ, ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନବାଡ଼ି ନିର୍ମାଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଗୃହରେ ଅତିରିକ୍ତ ବଜେଟ୍ ପାରିତ ହେବା ପରେ ବିଭାଗ ପାଖରେ ୧୦୯୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଥିବ ବୋଲି ସେ କହିଥିଲେ।

# ଅନିଶ୍ଚିତତାରେ ପୁରୀ ବିମାନବନ୍ଦର

ପୁରୀ,୨୯।୧୧(ସମିସ): ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି ପ୍ରସ୍ତାବିତ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ। ଏହାର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବେଶ ମଞ୍ଜୁରୀ ମିଳି ନ ଥିବାବେଳେ ନ୍ୟାସ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। ପୂର୍ବ ସରକାର ସମୟରେ ଏହି ବିମାନ ବନ୍ଦର କିପରି ନିର୍ମାଣ ନ ହେଉ ସେ ନେଇ ଚକ୍ରାନ୍ତର ଗନ୍ଧ ବାରିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ କିଛି ବିଶିଷ୍ଟ ବ୍ୟକ୍ତି। ତେବେ ପରିବେଶ ମଞ୍ଜୁରୀ ପାଇଁ ସରକାରଙ୍କ ନିକଟରେ ପ୍ରକ୍ରିୟା ଜାରି ରହିଥିବା ବେଳେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଆଇନ ଅନୁସାରେ କରାଯିବା ବୋଲି ପ୍ରତିକ୍ରିୟା ରଖିଛନ୍ତି ପୁରୀ ସାଂସଦ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି, ସେଥିରେ ମିଛ କୁହାଯାଇଥିବା ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି।

ପୂର୍ବ ସରକାରଙ୍କ ସମୟରେ ଗୋରୁଆ ପଞ୍ଚାୟତର ସିପସରୁବାଲି ଓ ଷଣ୍ଢପୁର ମୌଜାରେ ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣକୁ ଅନୁମୋଦନ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏପରି କି ବେସାମରିକ ବିମାନ ଚଳାଚଳ ବିଭାଗ ମଧ୍ୟ ଅନୁମତି ପ୍ରଦାନ କରିଥିବାବେଳେ ପରିବେଶ ମଞ୍ଜୁରୀ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ବିମାନବନ୍ଦର ନିର୍ମାଣ ହେଲେ ପୂର୍ବ ସରକାର ବାହାବା ନେଇଯିବେ ଏଭଳି ଆଶଙ୍କା କରି ପ୍ରକଳ୍ପକୁ ବନ୍ଦ ପାଇଁ ଚକ୍ରାନ୍ତ କରାଯାଇଥିବା ଚର୍ଚ୍ଚା ହେଉଛି। ପ୍ରସ୍ତାବିତ ବିମାନବନ୍ଦରକୁ ନେଇ ପରିବେଶବିତ୍ ଏନ୍‌ଜିଟିରେ ମାମଲା ରୁଜୁ କରିଥିବାବେଳେ ଏବେ ପ୍ରକଳ୍ପ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଡବଲ ଇଞ୍ଜିନ ସରକାର ଲୋକଙ୍କୁ ଧୋକ୍କା ଦେଇଥିବାବେଳେ ସଲାସୁତରା ହୋଇ ପ୍ରକଳ୍ପକୁ ନ କରିବା ପାଇଁ ଯୋଜନା କରୁଥିବା ସେବାୟତ ଗୌରହରି ପ୍ରଧାନ ଅଭିଯୋଗ କରିଥିବାବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହା ପଛରେ ସରକାରଙ୍କର ଚାଲ୍ ରହିଛି। ଅଧପନ୍ତରିଆ ପ୍ରକଳ୍ପକୁ ଡବଲ ଇଞ୍ଜିନ ସରକାର ବନ୍ଦ ନ କରି ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଲେ ଲୋକଙ୍କ ଭରସା ଜିତିପାରିବେ ବୋଲି କହିଛନ୍ତି। ସେହିପରି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ମଧ୍ୟ ଏହି ପ୍ରକଳ୍ପ ବନ୍ଦ କରିଦେବା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି। ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଦାଖଲ ସତ୍ୟପାଠରେ ମିଛ କୁହାଯାଇଛି। ବିମାନବନ୍ଦର ପାଇଁ ଅସ୍ଥାୟୀ ପାଚେରିକୁ ଭାଙ୍ଗି ଦିଆଯାଇଛି ବୋଲି ଦର୍ଶାଯାଇଛି। ହେଲେ ଏହା ଭଙ୍ଗା ଯାଇ ନ ଥିବାବେଳେ ଏହାକୁ ସ୍ଥାୟୀ ଭାବେ ନିର୍ମାଣ କରାଯାଇଛି।

ଅନ୍ୟପକ୍ଷରେ ପୁରୀ ଡିଏଫ୍‌ଓ ମଗର ଧନଜୀ ରାଓସୋ କହିଛନ୍ତି, ବିମାନବନ୍ଦର ପାଇଁ ଆବଶ୍ୟକ ଜମି ମଧ୍ୟରେ ୨୭.୮୮ ହେକ୍ଟର ଜଙ୍ଗଲ ଜମି ରହିଛି। ତା' ବଦଳରେ ସେତିକି ଜଙ୍ଗଲ ଜମି ସରକାର ଜଙ୍ଗଲ ବିଭାଗକୁ ଦେବେ। ଏଥିସହ ସମୁଦ୍ର ଉପକୂଳ ଅଞ୍ଚଳ ହୋଇଥିବା ହେତୁ ଅଲିଭ୍ ରିଡ୍‌ଲେ କଇଁଛ ତଥା ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବିକଳ୍ପ ଚିନ୍ତା କରିବା ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବନ୍ୟଜନ୍ତୁ ପ୍ରତିଷ୍ଠାନ ଓ ଜିଓଲୋଜିକାଲ ବିଭାଗ ବିଶେଷଜ୍ଞ ଟିମ୍ ରିପୋର୍ଟ ମିଳିବା ପରେ ବିମାନବନ୍ଦର ପାଇଁ ପରିବେଶ ମଞ୍ଜୁରୀ ମିଳିବାକୁ ଅପେକ୍ଷା ରହିଛି। ଅନ୍ୟପକ୍ଷରେ ବିମାନବନ୍ଦର ପ୍ରତିଷ୍ଠା ନେଇ କାର୍ଯ୍ୟ ଆଇନ ଅନୁସାରେ କରାଯିବ ବୋଲି ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ମତ ରଖିଛନ୍ତି।

### ଶୂନ୍ୟକାଳରେ ସଦସ୍ୟଙ୍କ ଦାବି

# ବିଧବା ଭତ୍ତା ୩୫୦୦ ଟଙ୍କା ମିଳୁ

**କଳାକାରଙ୍କୁ ସର୍ବନିମ୍ନ ୫୦୦୦ ଟଙ୍କା ଭତ୍ତା ଦିଅନ୍ତୁ ସରକାର**

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୩୫୦୦ ଟଙ୍କାର ଭତ୍ତା ମିଳୁଥିବା ବେଳେ କଳାକାରଙ୍କୁ ମାତ୍ର ୨୫୦୦ ଟଙ୍କା ମିଳୁଛି। ଉଭୟ କଳା ଏବଂ କଳାକାରଙ୍କ ପାଇଁ ଏହା ଅପମାନ। ଅତଏବ୍ କଳାକାରଙ୍କ ଭତ୍ତା ରାଶି ସର୍ବନିମ୍ନ ୫୦୦୦ ଟଙ୍କା କରିବାକୁ ଶନିବାର ଶୂନ୍ୟ କାଳରେ ଦାବି ରଖିଛନ୍ତି ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା। ସେହିପରି, ବିଧବା ମହିଳାଙ୍କୁ ୩୫୦୦ ଟଙ୍କାର ଭତ୍ତା ସହାୟତା ଯୋଗାଇଦେବାକୁ ଦଳର ଅନ୍ୟତମ ବିଧାୟକ ବଦ୍ରିନାରାୟଣ ପାତ୍ର ଦାବି ରଖିଛନ୍ତି।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ବେହେରା କହିଲେ ଯେ କଳାକାରଙ୍କ ପାଇଁ ସରକାରଙ୍କ ପକ୍ଷରୁ ଭତ୍ତା ଦେବାର ବ୍ୟବସ୍ଥା ରହିଛି। ୮୦ ବର୍ଷ ପର୍ଯ୍ୟନ୍ତ କଳାକାରମାନଙ୍କୁ ରାଜ୍ୟ ସରକାର ୨ ହଜାର ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରିଥିବା ବେଳେ ୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାରଙ୍କୁ ମାସିକ ୨୫୦୦ ଟଙ୍କା ଭତ୍ତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ, ବାର୍ଦ୍ଧକ୍ୟ ଭତ୍ତା ବାବଦରେ ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି। ତେଣୁ ରାଜ୍ୟର ଅଧିକାଂଶ କଳାକାର ନିଜର ପରିଚୟ ଲୁଚାଇ କଳାକାର ଭତ୍ତା ବଦଳରେ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ଅନ୍ୟ ଭତ୍ତା ପାଇଁ ଆବେଦନ କରୁଛନ୍ତି। ଯେଉଁ କାରଣରୁ କଳାକାରଙ୍କ ସ୍ୱତନ୍ତ୍ର ପରିଚୟ ଲୋପ ପାଉଛି। ତେଣୁ ସରକାର କଳାକାରଙ୍କ ଭତ୍ତା ୫ହଜାରକୁ ବୃଦ୍ଧି କରିବାକୁ ଗୃହରେ ବିଧାୟକ ଶ୍ରୀ ବେହେରା ଦାବି କରିଥିଲେ।

ସେହିପରି ବିଧବାଭତ୍ତା ବୃଦ୍ଧି ଦାବି କରି ବିଧାୟକ ବଦ୍ରି ପାତ୍ର କହିଲେ ଯେ ସରକାର ସବୁସ୍ତରରେ ବିଭିନ୍ନ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କର ଭତ୍ତା ବଢ଼ାଉଥିବା ବେଳେ ବିଧବା ମହିଳାମାନେ ପୂର୍ବ ସ୍ଥିରୀକୃତ ଭତ୍ତା ପାଉଛନ୍ତି। ଯାହା ସେମାନଙ୍କୁ ନିଅଣ୍ଟିଆ ହେଉଛି। ଏଥିପାଇଁ ବହୁ ବିଧବା ମହିଳା ନିଜ ଗୁଜରାଣ ମେଣ୍ଟାଇବା ଲାଗି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ବିଧବା ମହିଳାମାନଙ୍କ ଭତ୍ତା ୩୫୦୦ଟଙ୍କା କରିବାକୁ ଶ୍ରୀ ପାତ୍ର ବାଚସ୍ପତିଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗିଦେଲେ

କଣ୍ଟାବାଞ୍ଜି,୨୯ ।୧୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ବୁରୋମାଳ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କୁ ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ସୁରେନ୍ଦ୍ର ଭାଟି ।ପୁଲିସ ପହଞ୍ଚି ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



ଗାଁର ଏକ ଚାଷ ଜମିରେ ଥିବା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୁରେନ୍ଦ୍ର ସକାଳେ ଗାଁରେ ଗାଈ ଚରାଉଥିବା ସମସ୍ତେ ଦେଖିଥିଲେ। କିଛି ସମୟ ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ କଣ୍ଟାବାଞ୍ଜି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋଜାଖୋଜି ବେଳେ ପରିବାର ଲୋକ ଗାଁର ଜଣକ ଚାଷ ଜମିରେ ଥିବା କୂଅରେ ସୁରେନ୍ଦ୍ରଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁରେନ୍ଦ୍ରଙ୍କ ଶବ ଉଦ୍ଧାର କରିଥିଲା। ତେବେ ତାଙ୍କ ଦୁଇ ହାତକୁ ଦୌଡ଼ିରେ ବନ୍ଧା ଯାଇଥିବା ସହ ଏକ ପଥର ଝୁଲୁଥିବା ଦେଖିବାକୁ ମିଳିଥିଲା। ଏଣୁ ତାଙ୍କୁ ହତ୍ୟା ପରେ କୂଅକୁ ଫିଙ୍ଗି ଦିଆଯାଇଥିବା ସ୍ପଷ୍ଟ ହୋଇଛି।

### ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ପ୍ରେସର୍ କୁକର୍ ଫାଟି ଛାତ୍ର ଆହତ

# ଘଟଣା ଲୁଚାଇବାକୁ ଛାତ୍ରଙ୍କୁ ୯ ଦିନ ଗୃହବନ୍ଦୀ

■ ପାଚେରି ଡେଇଁ ଉଦ୍ଧାର କଲେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ
■ ପ୍ରଧାନଶିକ୍ଷକଙ୍କ ସମେତ ୩ ନିଲମ୍ବିତ

କୋଷାଗୁମୁଡ଼ା, ୨୯।୧୧(ସମିସ): ପ୍ରେସର୍ କୁକର୍ ଫାଟି ଜଣେ ଛାତ୍ର ଆହତ ହେବା ଘଟଣାକୁ ଚାପିଦେବା ପାଇଁ ଛାତ୍ରଙ୍କୁ ୯ଦିନ ଧରି ହଷ୍ଟେଲରେ ଗୃହବନ୍ଦୀ ରଖିବା ଭଳି ଘଟଣା ନବରଙ୍ଗପୁର ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। କୋଷାଗୁମୁଡ଼ା ବ୍ଲକ୍ କୋକଡ଼ି ସେମଲା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଏପରି ଏକ ଅମାନବୀୟ ଘଟଣା ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତ୍ରା। କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ନବରଙ୍ଗପୁର ପୂର୍ବତନ ସାଂସଦ ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ହଷ୍ଟେଲ ପାଚେରି ଡେଇଁ ଧନେଶ୍ୱରଙ୍କୁ ଉଦ୍ଧାର କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଛାତ୍ରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।

ସୂଚନାନୁଯାୟୀ, ଗତ ୨୦ ତାରିଖରେ ହଷ୍ଟେଲ ରୋଷେଇ ଘରେ ପ୍ରେସର୍ କୁକର ଫାଟି ଧନେଶ୍ୱର ଆହତ ହୋଇଥିଲେ। ତାଙ୍କ ମୁହଁ କ୍ଷତବିକ୍ଷତ ହୋଇଥିଲା। କିନ୍ତୁ



ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଡାକ୍ତରଖାନା ନନେଇ ହଷ୍ଟେଲ ଭିତରେ ଦୀର୍ଘ ୯ଦିନ ଧରି ତାଲା ପକାଇ ପଣବନ୍ଦୀ କରି ରଖିଥିଲେ। ପୂର୍ବତନ ସାଂସଦ ପ୍ରଦୀପ ମାଝୀ ହଷ୍ଟେଲ ପାଚେରି ଡେଇଁ ତାଙ୍କୁ ଉଦ୍ଧାର କରିବା ସହ ରାତି ୧୦ଟାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଛାତ୍ରଙ୍କୁ ହସ୍ତାନ୍ତର କରିଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ମଙ୍ଗଳ ବିଭାଗ ପକ୍ଷରୁ ହଷ୍ଟେଲ ପରିଚାଳନା ହେଉଥିବା ବେଳେ ଏ ବିଷୟରେ କୌଣସି ଅଧିକାରୀ କିପରି ଜାଣିପାରିଲେ ନାହିଁ ବୋଲି ପ୍ରଦୀପ ପ୍ରଶ୍ନ କରିଥିଲେ। ଏଥିପାଇଁ ଜିଲ୍ଲାପାଳ ମଧ୍ୟ ସମାନ ପରିମାଣର ଦାୟୀ ବୋଲି ପ୍ରଦୀପ ତାଙ୍କୁ ସିଧାସଳଖ କହିଥିଲେ। ଛାତ୍ରଙ୍କୁ ଚିକିତ୍ସା ନ କରି ୯ ଦିନ କାଳ ବନ୍ଦ ରଖି ହତ୍ୟା ଉଦ୍ୟମ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ତେବେ ଛାତ୍ର ଧନେଶ୍ୱରଙ୍କର କୌଣସି କ୍ଷତି ହେଲେ ଜିଲ୍ଲାରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଘଟଣାସ୍ଥଳରେ ଉପସ୍ଥିତ ଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କ ଉପରେ ମଧ୍ୟ ପ୍ରଦୀପ ଭୀଷଣ ବର୍ଷିଥିଲେ।

ଏ ସଂପର୍କରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ ହେବ। ଛାତ୍ରଜଣଙ୍କ କେଉଁ ପରିସ୍ଥିତିରେ ରୋଷେଇ ଘରକୁ ଯାଇଥିଲେ, ଅଘଟଣ ପରେ ପ୍ରଧାନଶିକ୍ଷକ କାହିଁକି ଜଣାଇନଥିଲେ, ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପଟେ ଏହି ଘଟଣାରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯିବା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଙ୍ଗାଳୀ ଚରଣ ସେଠୀ, ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କପିଳ ସରାଭୁ, ରଷେୟା ଡମ୍ବରୁ ଭତ୍ରାଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସହକାରୀ ଶିକ୍ଷକ ମୀନ ରନ୍ଧାରୀଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି ବୋଲି କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ କହିଛନ୍ତି।

### ସମ୍ବଲପୁରରେ ଆରମ୍ଭରୁ ଧାନକିଣା ବିଭ୍ରାଟ

# ମାର୍କେଟ୍ ୟାର୍ଡରୁ ଗଲା; ମିଲ୍ ଆଗରେ ଅଟକିଲା

ସମ୍ବଲପୁର, ୨୯।୧୧ (ସମିସ): ସରକାର-ମିଲର୍ ବିବାଦରେ ପେଷି ହେଉଛି ଚାଷୀ। ସମ୍ବଲପୁର ଜିଲ୍ଲା ବରେଇପାଲିରେ ଆଜି ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି। ମାର୍କେଟ୍ ୟାର୍ଡରୁ ଧାନ ଗାଡ଼ି ଯାଇଥିଲେ ହେଁ ମିଲର୍ ଧାନ ନେବାକୁ ଅମଙ୍ଗ ହେବାରୁ ଶହଶହ ବସ୍ତା ମିଲ୍ ଆଗରେ ପଡ଼ି ରହିବା ଭଳି ଅବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ମିଲ୍ ଆଗରେ ଚାଷୀମାନେ ଧାରଣା ଦେବାରୁ ମିଲର୍ ଧାନ ଉଠାଇଛି। କିନ୍ତୁ ସୋମବାରଠାରୁ ଆଉ ଧାନ ନେବନି ବୋଲି ରୋକଠୋକ୍ ମନା କରିଦେଇଛି।

ସୂଚନାନୁଯାୟୀ, ଗତ ୧୭ତାରିଖ ସମ୍ବଲପୁର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ଚାଷୀ ଶୀଘ୍ର ଧାନକ୍ରୟ କରିବାକୁ ଦାବି କରିଥିଲେ। ବୈଠକରେ୨୮ ତାରିଖକୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ, ଶୁକ୍ରବାର ବରେଇପାଲି ମାର୍କେଟ୍ ୟାର୍ଡରେ ଶହଶହ ସଂଖ୍ୟାରେ ଚାଷୀ ଆସି ଜମା ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଧାନ କିଣା ଆରମ୍ଭ ହେବାକୁ ସମସ୍ତେ ଅନେଇ ବସିଥିଲେ। କିନ୍ତୁ ଧାନକିଣା ଆରମ୍ଭ ହୋଇପାରିଲାନି। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ଫଳରେ ଶହଶହ କ୍ୱିଣ୍ଟାଲ ଧାନ ଗାଡ଼ି ସେମିତି ଛିଡ଼ା ହୋଇଥିଲା। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ସେମାନେ ରେମେଡ୍ ଛକରେ ଧାନଗାଡ଼ି ରଖି ରାସ୍ତା



ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହା ଜାଣିପାରି ଅପରାହ୍ଣରେ ସଦର ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ଶନିବାର ସବୁ ସମସ୍ୟାର ସମାଧାନ ହୋଇଯିବ ଓ ଧାନ କିଣା ଆରମ୍ଭ ହେବ ବୋଲି କହିଥିଲେ।

ଆଜି ସକାଳେ ଚାଷୀମାନେ ପୁଣିଥରେ ବରେଇପାଲି ମାର୍କେଟ୍ ୟାର୍ଡରେ ପହଞ୍ଚିଥିଲେ। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରି ଧାନକ୍ରୟ ହେବ ବୋଲି କହିଥିଲେ। ତଦନୁଯାୟୀ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୂଜାର୍ଚ୍ଚନା କରି ବରେଇପାଲି ମାର୍କେଟ୍ ୟାର୍ଡରୁ ୫ଟି ମିଲ୍‌କୁ ଧାନ ପଠାଯାଇଥିଲା। ସେଗୁଡ଼ିକ ହେଲା, ସମଲେଶ୍ୱରୀ ରାଇସ ମିଲ, ଅନ୍ନପୂର୍ଣ୍ଣା ରାଇସ ମିଲ, ବୈଷ୍ଣୋଦେବୀ ରାଇସ ଆଣ୍ଡ ଚୂଡ଼ା ମିଲ, ରାଧାକେଶବ ରାଇସ ମିଲ ଓ ଭେଙ୍କଟେସ୍ୱ ଚୂଡ଼ା ଆଣ୍ଡ ରାଇସ ମିଲ୍। କିନ୍ତୁ, ଗୋଟିଏ ପରେ ଗୋଟିଏ ଗାଡ଼ି ଯାଇ ମିଲ୍ ସମ୍ମୁଖରେ ଛିଡ଼ା ହୋଇଥିଲେ ହେଁ ମିଲର୍‌ମାନେ ଫାଟକ ଖୋଲିନଥିଲେ। ମିଲର୍‌ମାନଙ୍କ ସହ ଧାନସଂଗ୍ରହକୁ ନେଇ ଏଗ୍ରିମେଣ୍ଟ ହୋଇନି, ସେମାନେ ସିକ୍ୟୁରିଟି ଡିପୋଜିଟ୍ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇନାହାନ୍ତି, ଏପରିକି ସ୍ୱୀକାରୋକ୍ତି ମଧ୍ୟ ଦେଇନାହାନ୍ତି ବୋଲି କହିଥିଲେ। ଏହାର ପ୍ରତିବାଦରେ ଚାଷୀମାନେ ମିଲ୍ ଆଗରେ ଧାରଣା ଦେବାରୁ ରାତି ପ୍ରାୟ ୮ଟାରେ ମିଲର୍‌ମାନେ ଧାନ ଉଠାଇଥିଲେ। କିନ୍ତୁ ସୋମବାରଠାରୁ ଆଉ ଧାନ ଉଠାଇବେ ନାହିଁ ବୋଲି ମନା କିରଦେଇଥିଲେ।

**ମିଲ୍ ସମ୍ମୁଖରେ ଧାରଣା ପରେ ଉଠିଲା ଧାନ**

ଅପରପକ୍ଷେ, ରାଜ୍ୟ ମିଲ ମାଲିକ ସଂଘ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ରୋକ୍‌ଠୋକ୍ ଭାବେ ଧାନ ନେବେନି ବୋଲି ମନା କରିଛି। ଧାନ ସଂଗ୍ରହ କରିବା ଦାୟିତ୍ୱ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର। ଏହି ସଂସ୍ଥା ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥାଏ। ମିଲର୍‌ଙ୍କ ଦାୟିତ୍ୱ ଯୋଗାଣ ବିଭାଗଠାରୁ ଧାନ ସଂଗ୍ରହ କରି କଷ୍ଟମ ମିଲିଂ ପରେ ଚାଉଳ ଫେରସ୍ତ କରିବା ମଧ୍ୟରେ ସୀମିତ। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ୭ଦଫା ଦାବିରେ ମିଲର୍‌ଙ୍କ ପକ୍ଷରୁ ରାଜ୍ୟସାରା ଆନ୍ଦୋଳନ ଜାରି ରହିଛି। ଦୁଇବର୍ଷ ହେଲା ଦାବିପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି, କଷ୍ଟମ ମିଲିଂ ପରେ ଗତ ଖରିଫ ଓ ରବି ଋତୁର ଚାଉଳକୁ ଖାଦ୍ୟ ନିଗମ ନେଇ ନଥିବା ଅଭିଯୋଗ କରିଛନ୍ତି।

### ମିଲର୍ସ ଆସୋସିଏସନ-ମନ୍ତ୍ରୀ ବୈଠକ

# ସମସ୍ତ ସହଯୋଗ ପାଇଁ ମିଲର୍ସ ଆସୋସିଏସନର ପ୍ରତିଶ୍ରୁତି

ଭୁବନେଶ୍ୱର, ୨୯।୧୧(ସମିସ): ଚଳିତ ଖରିଫ ଋତୁରେ ଧାନକିଣାକୁ ପ୍ରବଳ ନେଇ ଅବ୍ୟବସ୍ଥା ଦେଖାଦେଇଛି। ବରଗଡ଼ ଓ ସମ୍ବଲପୁରରେ ଅବ୍ୟବସ୍ଥା ଜଳଜଳ ଦିଶୁଥିବା ବେଳେ ଏହାକୁ ନେଇ ସରକାର ଅଡୁଆରେ ପଡ଼ିଛନ୍ତି। ବିଶେଷକରି ମିଲର୍ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟର ଘୋର୍ ଅଭାବ ଥିବା ବେଳେ ତ୍ରୁଟି ସଜାଡ଼ିବାକୁ ଉଦ୍ୟମ କରିଛନ୍ତି ସରକାର। ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଓଡ଼ିଶା ରାଇସ ମିଲର୍ସ ଆସୋସିଏସନ୍ କର୍ମକର୍ତ୍ତାମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ମିଲର୍ସମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ସହଯୋଗ ଜାରି ରଖିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଧାନ ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଧାନ ସଂଗ୍ରହରେ ସମସ୍ତ ସହଯୋଗ ଯୋଗାଇଦେବା ପାଇଁ ମିଲର୍ସ ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆବର୍ଷରେ ନୂଆ ହିତାଧିକାରୀଙ୍କୁ ଏକାଥରକେ ୨ଟି କିସ୍ତି 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୨୯।୧୧(ସମିସ): ନୂଆ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ଟଙ୍କା ପାଇବେ ଯୋଗ୍ୟ ହିତାଧିକାରୀ। ଏ ସଂପର୍କରେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ଯେଉଁମାନଙ୍କୁ ୨୧ ବର୍ଷ ହେଲା, ସେମାନେ ଆପେଆପେ ଏହି ଯୋଜନାରେ ଯୋଡ଼ି ହେଉଛନ୍ତି। ସମସ୍ତେ ଯେପରି ସୁଭଦ୍ରା ଟଙ୍କା ପାଇବେ, ସେଥିପାଇଁ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ୧୭ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଯୋଡ଼ି ହେଲେଣି। ବର୍ତ୍ତମାନ ୧କୋଟି ୩ଲକ୍ଷ ୮ ୯ହଜାର ୮୦୧ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥିମଧ୍ୟରୁ ୯୭ଲକ୍ଷ ୫୧ ହଜାର ୪୭ ୯ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି। ବୟସ କମ୍ ହୋଇଥିବା କାରଣରୁ ଗତଥର ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିନଥିଲେ, ସେମାନେ ଆବେଦନ କରୁଛନ୍ତି। ଏଥିପାଇଁ ଅବେଦନକାରୀଙ୍କ ବୟସ ୧ ଏପ୍ରିଲ, ୨୦୨୫ ସୁଦ୍ଧା ୨୧ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ସେମାନେ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

## ବିଧାନସଭାରୁ...

■ ଗୃହରେ ଅବକାରୀ ମନ୍ତ୍ରୀଙ୍କ ଉତ୍ତର

# ୩ ବର୍ଷରେ ଜବତ ହୋଇଛି ୨ ଶହ କୋଟିର ନିଶାଦ୍ରବ୍ୟ

ଭୁବନେଶ୍ୱର,୨୯।୧୧(ସମିସ): ୩ ବର୍ଷରେ ରାଜ୍ୟରୁ ପାଖାପାଖି ୨ଶହ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ନିଶାଦ୍ରବ୍ୟ ଜବତ ହେଲାଣି। ବିଧାନସଭାରେ ରାଇରଙ୍ଗପୁର ବିଧାୟିକା ସଞ୍ଜଲି ମୁର୍ମୁଙ୍କ ପ୍ରଶ୍ନର ଉତ୍ତର ଦେଇ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ଚାଲୁଥିବା ଡ୍ରଗ୍ସ କାରବାରରେ ଖୋଦ୍ ସରକାରୀ ଅଧିକାରୀଙ୍କ ମଧ ସଂପୃକ୍ତି ଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି। ଏହି ନିଶା କାରବାର ଅଭିଯୋଗରେ ୨୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି।

**ନିଶା କାରବାର ଅଭିଯୋଗରେ ୨୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

ମନ୍ତ୍ରୀଙ୍କ ସୂଚନାନୁଯାୟୀ, ୨୦୨୩ ମସିହାରୁ ୨୦୨୫ ଅକ୍ଟୋବର ଭିତରେ ରାଜ୍ୟରେ ୧୯୭କୋଟି ୫ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଛି। ସେଥିମଧ୍ୟରେ ସର୍ବାଧିକ ୮୯ ହଜାର ୭୨୩ କେଜିର ଗଞ୍ଜେଇ ରହିଛି। ସେହିଭଳି ୮୭ ହଜାର ୮୨୯ ଗ୍ରାମ୍‌ର ବ୍ରାଉନସୁଗର, ୪ହଜାର ୩୬ଲିଟର କଫ-ସିରପ୍ ରହିଛି। ନିଶା କାରବାରରେ ସମ୍ପୃକ୍ତ ଥିବା ୨୬ସରକାରୀ ଅଧିକାରୀଙ୍କ ମଧ୍ୟରୁ ୫ଜଣଙ୍କୁ ସରକାର ବହିଷ୍କାର କରିଥିବା ବେଳେ ଅନ୍ୟ ୨୧ ଅଧିକାରୀଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଅନ୍ୟପକ୍ଷରେ, ଚୋରା ନିଶା କାରବାର ରୋକିବାକୁ ସରକାର ଚଢ଼ଉ ଜୋରଦାର୍ କରିଥିବା ବେଳେ ସରକାରଙ୍କ ପାଇଁ ଅଡୁଆ ସାଜିଛି ଅବକାରୀ ବିଭାଗରେ କର୍ମଚାରୀ ଅଭାବ। ତଥ୍ୟ ଅନୁଯାୟୀ, ରାଜ୍ୟରେ ୬ ଡିଏସ୍‌ପି, ୧୫ ଅବକାରୀ ଏସଆଇ ଏବଂ ୬୬୬ କନେଷ୍ଟବଳ ପଦବୀ ଖାଲି ପଡ଼ିଛି। ଖୁବଶୀଘ୍ର ଏହି ପଦବୀ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମନ୍ତ୍ରୀ ଲିଖିତ ଉତ୍ତରରେ କହିଛନ୍ତି।

# ତଦନ୍ତ ପରେ 'ସୁଭଦ୍ରା'ରେ ଯୋଡ଼ି ହୋଇଛନ୍ତି ୧୭ଲକ୍ଷ ୮୩ ହଜାର ୨୫୧ ମହିଳା

ଭୁବନେଶ୍ୱର,୨୯।୧୧(ସମିସ): ସରଜମିନ୍ ତଦନ୍ତ ପରେ 'ସୁଭଦ୍ରା'ରେ ରାଜ୍ୟରେ ୧୭ଲକ୍ଷ ୮୩ ହଜାର ୨୫୧ମହିଳା ଯୋଡ଼ି ହୋଇଛନ୍ତି। ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତର ରଖି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ଉପ-ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଗତ ନଭେମ୍ବର ୨୪ତାରିଖ ସୁଦ୍ଧା ଓଡ଼ିଶାରେ ସୁଭଦ୍ରା ଯୋଜନାରେ ସମୁଦାୟ ୧,୧୨,୨୬,୭୪୩ ଆବେଦନ କରିଛନ୍ତି। ଅଦ୍ୟାବଧି ୧,୦୩,୮୯,୮୦୧ ଜଣ ମହିଳା ସୁଭଦ୍ରା ଅଧୀନରେ ଅର୍ଥରାଶି (ଯେ କୌଣସି ୧ଟି କିସ୍ତି/ ୨ ଟି କିସ୍ତି) ପାଇଥିବା ବେଳେ ୯୭,୫୧, ୪୭୯ଜଣ ମହିଳା ସୁଭଦ୍ରାର ସମସ୍ତ ୩ କିସ୍ତି ପାଇଛନ୍ତି। ସେହିପରି ଅଦ୍ୟାବଧି ୯,୩୬,୨୮୩ଜଣଙ୍କ ଆବେଦନ ଖାରଜ ହୋଇଛି ବୋଲି ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

■ କୁ-ସଂସ୍କାରର ଦୁଃଖଦ ଚିତ୍ର

# ବ୍ରହ୍ମଗିରିରେ ଗାଁ କୋଠରେ ପରିବାରକୁ ବାସନ୍ଦ

ଭୁବନେଶ୍ୱର, ୨୯।୧୧(ସମିସ): ଦୁଇ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଗାଁ କୋଠକୁ ଗଲା। କୋଠ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ ପାଇଁ ନିଷ୍ପତ୍ତି ଶୁଣାଇଦେଲା। ଏହା ପରଠାରୁ ଉକ୍ତ ପରିବାରକୁ ଗାଁରେ ବାସନ୍ଦ କରାଯାଇଛି। ମନ୍ଦିରଠାରୁ ଆରମ୍ଭ କରି ସାମାଜିକ କାର୍ଯ୍ୟକ୍ରମ ଯାଏଁ ଉକ୍ତ ପରିବାରକୁ ସାମିଲ ହେବାକୁ ଅନୁମତି ମିଳୁନାହିଁ। ଏପରି ଘଟଣା ଘଟିଛି ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ। ଶନିବାର ବିଧାନସଭାରେ ଖୋଦ୍ ଶାସକ ଦଳ ବିଧାୟିକା ଉପାସନା ମହାପାତ୍ର ଏନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରି କୁ-ସଂସ୍କାର ପାଇଁ ଉକ୍ତ ପରିବାର କିପରି ସନ୍ତୁଳି ହେଉଛନ୍ତି ବିଧାୟିକା ନିଜ ନିବେଦନରେ ଦର୍ଶାଇଥିଲେ।

ବିଧାୟିକାଙ୍କ ତଥ୍ୟ ଅନୁଯାୟୀ, କାଣ୍ଡଗୋଦା ପଞ୍ଚାୟତର ପଲ୍ଲୀ ଗ୍ରାମରେ ଦୁଇ ପରିବାର ଭିତରେ ଜମିବାଡ଼ି ବିବାଦ ଗ୍ରାମ କୋଠରେ ପହଞ୍ଚିଥିଲା। କୋଠରେ ବିଚାର ସରିବା ପରେ ଗୋଟିଏ ଘରକୁ ବାସନ୍ଦ ହେବା ନେଇ ଆଦେଶ ଶୁଣାଗଲା। ଉକ୍ତ ପରିବାର ସଦସ୍ୟଙ୍କୁ ପ୍ରଥମେ ମନ୍ଦିର ଯିବାକୁ ବାରଣ କରାଯିବା ପରେ ପରବର୍ତ୍ତୀ ସମୟରେ ଗାଁର କୌଣସି ସାମାଜିକ କାର୍ଯ୍ୟରେ ସାମିଲ କରାଗଲା ନାହିଁ। ଏପରିକି, ଉକ୍ତ ପରିବାରର ବିଜୁଳି ମଧ କାଟି ଦିଆଯାଇଥିବା ବିଧାୟିକା ଅଭିଯୋଗ କରିଛନ୍ତି। ଏହି ପରିବାରର ବିଜୁଳି ମଧ କାଟିଦେଲେ। ଉପଯୁକ୍ତ ନ୍ୟାୟ ପାଇଁ ପରେ ପରିବାରଲୋକ ବାରମ୍ବାର ଥାନା, କଚେରିର ଚକ୍କର କାଟିଲେ। ହେଲେ ତାଙ୍କ କଥା କେହି ଶୁଣିଲେ ନାହିଁ। ଏଭଳି ଘଟଣା ପରେ ପରିବାରଲୋକ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ନିକଟରେ ମଧ ନିଜର ସମସ୍ୟା ଜଣାଇଲେ। ବ୍ରହ୍ମଗିରି ବିଧାୟିକା ଘଟଣା ଜାଣିବା ପରେ ଏନେଇ ପୁଲିସକୁ ଏକାଧିକବାର ଜଣାଇଥିଲେ ହେଁ ଏହାର କୌଣସି ସୁଫଳ ମିଳିଲା ନାହିଁ। ଏପରିକି, ବିଧାୟିକା ବିଦ୍ୟୁତ୍ ବିଭାଗକୁ ଏ ସଂପର୍କରେ ଜଣାଇବା ପରେ ସେମାନେ ଉକ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ଯାଇଥିଲେ। ମାତ୍ର ଗାଁରେ ପଶିବା ମାତ୍ରେ ବିଜୁଳି ବିଭାଗ ଲୋକଙ୍କୁ ଗ୍ରାମବାସୀ ତଡ଼ିଦେଲେ। ଏପରିକି, କୁ-ସଂସ୍କାର ପାଇଁ ଜଣଙ୍କ ଜୀବନ ଯାଇଥିବା ନେଇ ମଧ ଅଭିଯୋଗ ହୋଇଛି।

# ୮ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଶିଶୁଙ୍କୁ ଉଦ୍ଧାର

ଭୁବନେଶ୍ୱର, ୨୯।୧୧ (ସମିସ): ୨୦୨୪ ମସିହାରୁ ବର୍ତ୍ତମାନ ସୁଦ୍ଧା ୮ ହଜାର ୩୬୨ ନିଖୋଜ ଶିଶୁ ଉଦ୍ଧାର ହୋଇଛନ୍ତି। ବିଧାନସଭାରେ ଆଜି ଏନେଇ ତଥ୍ୟ ରଖିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୨୦୧୪ରୁ ଆଜି ଯାଏଁ ଶିଶୁ ସହାୟତା ନମ୍ବର ୧୦୯୮ରେ ୧୧୩୩୭ ଅଭିଯୋଗ ପଞ୍ଜିକୃତ ହୋଇଛି। ସେଥିରୁ ୮୩୬୨ ଶିଶୁ ଉଦ୍ଧାର ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୮୫ମାମଲାରୁ ୫୭୬ ଶିଶୁ ଉଦ୍ଧାର ହୋଇଛନ୍ତି। ଦ୍ୱିତୀୟରେ, ବାଲେଶ୍ୱରରୁ ୬୮୩ ମାମଲା ଆସିଥିବା ବେଳେ ୧୧୪ଶିଶୁଙ୍କୁ ଉଦ୍ଧାର କରାଯାଇଛି। ତା' ତଳକୁ ଗଜପତି ଜିଲ୍ଲାରେ ୬୫୯ ମାମଲାରୁ ୭୧୫ ଜଣ ଶିଶୁ ଉଦ୍ଧାର କରାଯାଇଛି ବୋଲି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଉପ-ମୁଖ୍ୟମନ୍ତ୍ରୀ।



ଗୋଧୂଳିବେଳାରେ ପୁରୀ ବେଳାଭୂମିର ମନୋରମ ଦୃଶ୍ୟ (ଫଟୋ: ଅନିଲ)

## ସାଟେଲାଇଟ୍ ଫଟୋ ପାଇଁ ଅଡୁଆ କୋହଲା ପାଗ

# କଟା ଧାନ ବିଲକୁ ନେଇ ଆଶଙ୍କାରେ ଚାଷୀ

ଶେରଗଡ଼, ୨୯।୧୧ (ସମିସ): ୩୦ ପ୍ରତିଶତ ଜମିରୁ ଧାନ ଅମଳ ସରିଲାଣି, ମଣ୍ଡି ଖୋଲିବାକୁ ପ୍ରଶାସନ ବି ପ୍ରସ୍ତୁତି କଲାଣି। ମାତ୍ର ଧାନ କ୍ରୟ କମିଟି ବୈଠକ ବସିନଥିବା ବେଳେ ଏ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପରେ ଜମି ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନି। ସାଟେଲାଇଟ୍ ସର୍ଭେରେ କୋହଲା ପାଗ ଅଡୁଆ କରୁଛି। ତେବେ ଅମଳ ସରିଥିବା ଜମିର କିଭଳି ସାଟେଲାଇଟ୍ ସର୍ଭେ ହେବ, ତାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି। ଅନ୍ୟପକ୍ଷରେ ନଦୀକୂଳିଆ ଅଞ୍ଚଳରେ ଧାନ ଅମଳ ସାରି ଚାଷୀ ଅଣଧାନ ଚାଷ ଆରମ୍ଭ କରିଥିବାରୁ ସେସବୁ ଜମି ଲାଗି ଚିନ୍ତା ଆହୁରି ବଢ଼ିଛି। କଟା ଧାନ ବିଲ ପଞ୍ଜୀକରଣରୁ ବାଦ୍ ପଡ଼ିଯିବନି ତ? ଏଭଳି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ଯାହା ଧାନ ବିକ୍ରିରେ ବିରାଟ ସମସ୍ୟା ସାଜିପାରେ।

ଶେରଗଡ଼ ବ୍ଲକରେ ଚଳିତବର୍ଷ ୭ ହଜାର ୨ ଶହ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଅଣ ଧାନଚାଷ ହେଉଥିବା ନଦୀକୂଳିଆ ଅଞ୍ଚଳରେ କମ୍ ଦିନିଆ ଧାନଚାଷ ହୋଇଥାଏ। ଯାହା ଅମଳ ପରେ ସେହି ଜମିରେ ଚିନାବାଦାମ, ଆଳୁ ଚାଷ ହୋଇଥାଏ। ସେସବୁ ଅଞ୍ଚଳରେ ଧାନ ଅମଳ ପ୍ରାୟ ସରିଲାଣି। ବିଶେଷକରି, ଋଷିକୂଲ୍ୟା, ନନ୍ଦିନୀ ନଦୀ ଅଞ୍ଚଳରେ ଏଭଳି ଚାଷ ହୋଇଥାଏ। କୃଷି ବିଭାଗର ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଜମିରେ ଧାନ ଅମଳ ସରି ସାରିଲାଣି, ହେଲେ ଏ ପର୍ଯ୍ୟନ୍ତ ଜମିର ଯାଞ୍ଚ ସରିନାହିଁ।



ଗତ ଅଗଷ୍ଟ ମାସରୁ ଚାଷୀ ନାମ ପଞ୍ଜୀକରଣ କରି ସାରିଛନ୍ତି। ଏଥର ୬୭୪୭ ଜଣ ଚାଷୀ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଭୁଲ୍ ପ୍ଲଟ ଦେଇଥିଲେ, ଏଥର ଆରମ୍ଭ ହୋଇଥିବା ଅନୁମତି ବା ସ୍ୱ-ଘୋଷଣାନାମାପତ୍ର ଦେଇନଥିଲେ ଭାଗଚାଷ ଜମି ମାଲିକଙ୍କ ଠାରୁ ଅନୁମତି ଆଣିନଥିଲେ ଆଦି ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ ହୋଇ ବାଦ୍ ଦିଆଯାଇଛି। ତେବେ ୩୦ ପ୍ରତିଶତ ଜମିରୁ ଧାନ କଟା ସରିଥିବାରୁ ତାହା ସାଟେଲାଇଟ୍ ସର୍ଭେରେ କିଭଳି ଜଣାପଡ଼ିବ ବୋଲି ପ୍ରଶ୍ନ ଉଠୁଛି। ଯଦିଓ କଟା ପରେ ବି ଧାନ ଗଣ୍ଡିରୁ ଧାନ ହେଉଥିବା ଜଣାଯାଇପାରେ, ମାତ୍ର ଏଭଳି ହେଲେ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ବଢିବା ଆଶଙ୍କା ମଧ ରହିଛି।

ଅନ୍ୟ କିଛି ଜମିରେ ଧାନ ଅମଳ କରି ପାଳକୁ ପୋଡ଼ି ଦିଆଯାଇ ରବି ଜାତୀୟ ଫସଲ ଚାଷ ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଉଥିବାରୁ ସାଟେଲାଇଟ ସର୍ଭେରେ ଯଦି କାଟି ଦିଆଯାଏ, ତେବେ ଚାଷୀ ଅମଳ କରିଥିବା ଧାନ ବିକିବ କେମିତି ଚିନ୍ତାରେ ପଡ଼ିଛି।

ଏନେଇ ସମବାୟ ସମିତି ସମୂହର ଆସିକା ସହକାରୀ ନିବନ୍ଧକ ବିଜୟ କୁମାର ସାହୁ ପ୍ରକାଶ କରିଛନ୍ତି, ନଦୀକୂଳିଆ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଯାଏ, ଏନେଇ ବିଭାଗକୁ ଅବଗତ କରାଯାଇଛି, ସେଥିପ୍ରତି ଦୃଷ୍ଟି ଦିଆଯିବ। ଧାନ କଟା ସରିଥିଲେ ବି ପୂର୍ବ ୨ ମାସ ଫଟୋ ରହିଥାଏ। ଏ ସବୁକୁ ବିଚାରକୁ ନେଇ ସାଟେଲାଇଟ ସର୍ଭେ ତାଲିକା ଆସିବ।

## ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୪ ଅଭିଯୁକ୍ତଙ୍କ ସିବିଆଇ ରିମାଣ୍ଡ ସରିଲା

ଭୁବନେଶ୍ୱର, ୨୯।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ରିମାଣ୍ଡରେ ଥିବା ୪ ଅଭିଯୁକ୍ତଙ୍କ ୩ ଦିନିଆ ରିମାଣ୍ଡ ଅବଧି ଶେଷ ହୋଇଛି। ଶେଷ ଦିନ ମାରାଥନ ଜେରା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସମସ୍ତ ୪ ଅଭିଯୁକ୍ତ ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ସିବିଆଇକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି।

# ରାଜ୍ୟରେ ଖୋଲିବ ଆଉ ୧୫ ପୋକ୍ସୋ ଅଦାଲତ

ଭୁବନେଶ୍ୱର, ୨୯।୧୧(ସମିସ): ରାଜ୍ୟରେ ଆଉ ୧୫ଟି ପୋକ୍ସୋ ଅଦାଲତ ଖୋଲିବ। ଏନେଇ ଆଜି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର, ବାରିପଦା, ଫୁଲବାଣୀ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କଟକ, ବ୍ରହ୍ମପୁର, ଯାଜପୁର, କେନ୍ଦୁଝର ଜିଲ୍ଲାରେ ଏହି ପୋକ୍ସୋ ଅଦାଲତ ଖୋଲିବ। ଏହାସହ ଦେବଗଡ଼, ମାଲକାନଗିରି, ସୋନପୁରରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ହେବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି।

# ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବ୍ୟକ୍ତିତ୍ୱ ବିକାଶ କରିବ ଓଡ଼ିଆପ୍ରେନ୍ୟୁର

ଭୁବନେଶ୍ୱର,୨୯।୧୧(ସମିସ): ଯୁବପିଢ଼ିଙ୍କ ନବସୃଜନ ଏବଂ ଉଦ୍ୟୋଗୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଏଚ୍‌ଏସ୍‌ଇ), ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ଉଦ୍ୟୋଗିତା ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ମିଳିତ ଭାବେ 'ଓଡ଼ିଆପ୍ରେନ୍ୟୁର ସ୍ମାର୍ଟ ଓଡ଼ିଶା ହାକାଥନ୍ ୩.୦' ଆରମ୍ଭ ହୋଇଛି। ଓଡ଼ିଆପ୍ରେନ୍ୟୁର ପୋର୍ଟାଲ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସୃଜନଶୀଳତାକୁ ପ୍ରଦର୍ଶନ କରିବେ। ସେମାନଙ୍କ ପ୍ରତିଭା ଓ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପାଇବେ। ଡିଏଚ୍‌ଏସ୍‌ଇର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ପୋର୍ଟାଲ୍‌ର ଶୁଭାରମ୍ଭ କରିଥିବା ବେଳେ ଓଏଭି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ, ଆଇଆଇଟି ଭୁବନେଶ୍ୱରର ସହକାରୀ ପ୍ରାଧ୍ୟାପକ ଡ. ନରେଶ ଚନ୍ଦ୍ର ସାହୁ, ୟୁନିସେଫ୍‌ର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଉପନିର୍ଦ୍ଦେଶିକା ସି.ଏଚ୍ ବିଜୟଲକ୍ଷ୍ମୀ, ସାମସ୍ ଓଆଇସି ଡ. ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବ୍ୟକ୍ତିତ୍ୱ ବିକାଶ କରିବାରେ ଏହି କାର୍ଯ୍ୟକ୍ରମ ସଫଳ ହେବ ବୋଲି କହିଛନ୍ତି। ଆସନ୍ତା ଡିସେମ୍ବର ଓ ଜାନୁଆରୀରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ୯ ଶହରୁ ଅଧିକ ପ୍ରକଳ୍ପ ଭିତ୍ତିକ ସୃଜନଶୀଳତା ମିଳିବା ନେଇ ଲକ୍ଷ୍ୟ ରହିଛି।

## ସାମାଜିକ ବାସନ୍ଦର କୁପରିଣତି

# ଶବକୁ କାନ୍ଧ ଦେଲେନି ଜାତି ଭାଇ

ଚନ୍ଦାହାଣ୍ଡି, ୨୯।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଅଣ୍ଡିପଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।



ସାମାଜିକ ବାସନ୍ଦ କାରଣରୁ ଶବକୁ କାନ୍ଧ ଦେଲେନି ଜାତି ଭାଇ। ଫଳରେ ଦୀର୍ଘ ୧୨ ଘଣ୍ଟା ଧରି ଶବ ସେମିତି ପଡ଼ିରଥିଲା। ଶେଷରେ ଗାଁର ସମାଜସେବୀ ଶବ ସତ୍କାର କରିଥିଲେ। ସୂଚନାନୁଯାୟୀ, ଅଣ୍ଡିପଡ଼ା ଗ୍ରାମର ଭଲ ନାୟକ ୩୦ବର୍ଷ ତଳେ ସେହି ଗ୍ରାମର ଭିନ୍ନ ଜାତିର ଜଣେ ଯୁବତୀଙ୍କୁ ପ୍ରେମବିବାହ କରିଥିଲେ। ଏଥିପାଇଁ ଜାତିଭାଇ ତାଙ୍କୁ ସାମାଜିକ ବାସନ୍ଦ କରିଥିଲେ। ଭଲଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। କିଛି ବର୍ଷ ତଳେ ଭଲଙ୍କ ପରଲୋକ ହୋଇଥିଲା। ଝିଅର

**■ ୧୨ ଘଣ୍ଟା ପଡ଼ି ରହିଲା ଶବ**
**■ ସମାଜସେବୀ କଲେ ଶବସତ୍କାର**

ବିବାହ ହୋଇ ସାରିବା ପରେ ମା' ଶାନ୍ତି ପୁଅ ନବୀନ ନାୟକ(୨୦)କୁ ନେଇ ରହୁଥିଲେ। ପୁଅ ନବୀନ କିଛି ମାସ ତଳେ ଯକୃତଜନିତ ରୋଗରେ ପଡ଼ି ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ତାଙ୍କ ପରିବାର ସାମାଜିକ ବାସନ୍ଦ ହୋଇଥିବାରୁ ମୃତଦେହକୁ ସତ୍କାର ପାଇଁ ମଶାଣିକୁ ଚାରିକାନ୍ଧ ଦେବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁର କୌଣସି ଲୋକ ରାଜି ହୋଇନଥିଲେ। ଫଳରେ ମୃତଦେହ ଘରେ ଦୀର୍ଘ ୧୨ ଘଣ୍ଟା ପଡ଼ି ରହିଥିଲା। ସମାଜସେବୀ ଭରତ ବାଘ ଏବଂ ତାଙ୍କ ସାଥୀ ତରୁଣ ନାୟକ ଗ୍ରାମବାସୀଙ୍କୁ ବୁଝାଇବା ସତ୍ତ୍ୱେ ଶବ ସତ୍କାର ପାଇଁ କେହି ରାଜି ହୋଇ ନଥିଲେ। ଶେଷରେ ସେମାନେ ଶବକୁ କାନ୍ଧେଇ ଗାଁ ମଶାଣିରେ ସତ୍କାର କରିଥିଲେ। ସମାଜସେବୀମାନଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏଭଳି କୁ-ସଂସ୍କାର ବିରୋଧରେ ସଚେତନତା ଦିଗରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

# ଅନ୍ୟ ଧର୍ମର ହୋଇଥିବାରୁ ଗାଁ ମଶାଣିରେ କରାଇଦେଲେନି ଶବ ସତ୍କାର

ନନ୍ଦପୁର, ୨୯।୧୧(ସମିସ): ଅନ୍ୟ ଧର୍ମର ହୋଇଥିବାରୁ ଗାଁ ଶ୍ମଶାନରେ ଶବ ସତ୍କାର କରାଇ ଦେଲେନି ଗ୍ରାମବାସୀ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ପୁଲିସର ହସ୍ତକ୍ଷେପ ପରେ ମୃତ ବୃଦ୍ଧାଙ୍କ ଶବ ସତ୍କାର ହୋଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ପଞ୍ଚାୟତସ୍ଥିତ ନିଲଦୋରାପୁଟ ଗ୍ରାମରେ ଦେଖିବାକୁ ମିଳିଛି।

ବୃଦ୍ଧାଜଣଙ୍କ ଅନ୍ୟ ଧର୍ମର ହୋଇଥିବାରୁ ଗାଁ ଶ୍ମଶାନରେ ତାଙ୍କ ଶବ ସତ୍କାର କରିବାକୁ ଗ୍ରାମବାସୀମାନେ ବିରୋଧ କରିଥିଲେ। ଖବର ନନ୍ଦପୁର ପୁଲିସ୍ ପାଇବା ପରେ ଏଏସଆଇ ଗୁପ୍ତେଶ୍ୱର ଗୌଡ, ହାବିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ, କନେଷ୍ଟବଳ ସଂଯୁକ୍ତା ମାଛ ପ୍ରମୁଖ ଗାଁରେ ପହଞ୍ଚି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବହୁ ସମୟ ଧରି ଆଲୋଚନା ପରେ ଗ୍ରାମବାସୀମାନେ ରାଜି ହୋଇଥିଲେ। ଏଭଳି ଘଟଣା ଅଞ୍ଚଳରେ ପ୍ରଥମଥର ଘଟିଥିବା ବେଳେ ଏହାକୁ ନିନ୍ଦା କରିଛନ୍ତି ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା। ସେ କହିଛନ୍ତି ଯେ ମୃତ୍ୟୁ ପରେ ଶବର କୌଣସି ଧର୍ମ ରହିନଥାଏ। ତେଣୁ ଶବ ସତ୍କାରକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି କରିବା ଉଚିତ ନୁହେଁ। ସେପଟେ ସାମାଜିକ କର୍ମୀ ମୁନା ଦଳପତି



ପୂର୍ବ ପୁରୁଷଠାରୁ ଗାଁରେ ରହିଥିବା ଭାଇ ଚାରା ଅକ୍ଷୁଣ୍ଣ ରଖିବାକୁ ସେ ପରାମର୍ଶ ଦେବା ସହ ଏପରି ଘଟଣା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ମଣିଷ ମଲା ପରେ ଧର୍ମ ଆଳରେ ଶବ ସତ୍କାରକୁ ନେଇ ବିବାଦ ସୃଷ୍ଟି କରିବା ଉଚିତ ନୁହେଁ ବୋଲି କହିଛନ୍ତି।

# ନିୟନ୍ତ୍ରଣ ବାହାରେ ଟମାଟୋ ଦର

## ୧୫ ଦିନରେ ୫୦ ପ୍ରତିଶତ ବଢ଼ିଲାଣି ଦର

**ଖୁଚୁରା ବଜାରରେ କିଲୋ ୮୦ ଟଙ୍କା**

**ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁ ଫସଲ ନଷ୍ଟ**

**କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଯୋଗାଣ ଅଧା**




ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୧୧(ସମିସ): ପୁଣି ଥରେ ଟମାଟୋ ଦର ରୋଷେଇ ଘରର ବଜେଟ୍ ବିଗାଡିଛି। ଗତ ୧୫ ଦିନ ମଧ୍ୟରେ ସାରା ଦେଶରେ ଟମାଟୋ ଦର ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଏମିତିକି ଅନେକ ସହରରେ ଦର ଦ୍ୱିଗୁଣ ହୋଇଯାଇଛି। ଗତ ଅକ୍ଟୋବର ମାସରେ ହୋଇଥିବା ପ୍ରବଳ ବର୍ଷା ଏହାର ମୁଖ୍ୟ କାରଣ। ଦେଶର ଅନେକ ରାଜ୍ୟରେ ଟମାଟୋ ଫସଲ ନଷ୍ଟ ହୋଇଯାଇଛି। ଏଥିଯୋଗୁ ବର୍ତ୍ତମାନ ବଜାରରେ ଯୋଗାଣ ହ୍ରାସ ପାଇଛି। ବର୍ତ୍ତମାନ ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ୭୦-୮୦ ଟଙ୍କା ରହିଛି। ସାଧାରଣତଃ ବର୍ଷର ଏହି ସମୟରେ ବଜାରରେ ଟମାଟୋ ଶସ୍ତା ହୋଇଥାଏ, କିନ୍ତୁ ସମ୍ପ୍ରତି ପ୍ରତିକୂଳ ଜଳବାୟୁ ଫସଲକୁ ଏଭଳି କ୍ଷତି ପହଞ୍ଚାଇଛି।

ଏକ ସରକାରୀ ତଥ୍ୟ ଦର୍ଶାଉଛି ଯେ ଗତ ମାସରେ ଖୁଚୁରା ମୂଲ୍ୟ ୨୫ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ନଭେମ୍ବର ୧୯ରେ ଟମାଟୋର ସର୍ବଭାରତୀୟ ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୪୬ ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ମାସ ପୂର୍ବରୁ ପ୍ରତି କିଲୋଗ୍ରାମ ୩୬ ଟଙ୍କା ଥିଲା। ଏହା ପ୍ରାୟ ୨୭ ପ୍ରତିଶତ ହାରାହାରି ମୂଲ୍ୟ ବୃଦ୍ଧିକୁ ଦର୍ଶାଉଛି। ଦେଶରେ ଚଣ୍ଡିଗଡ଼ରେ ଟମାଟୋ ମୂଲ୍ୟ ସବୁଠାରୁ ଅଧିକ ୧୧୨ ପ୍ରତିଶତ ବୃଦ୍ଧି ପାଇଛି। ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ ମଧ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ଟମାଟୋ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି।

ଅପରପକ୍ଷେ ବ୍ୟବସାୟୀମାନେ କହିଛନ୍ତି ଯେ ବର୍ତ୍ତମାନ ଟମାଟୋ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିବାର ଆଶା କମ୍। ଆଗକୁ ବିବାହ ଋତୁ ଏବଂ ନବବର୍ଷ ପାଳନ ଯୋଗୁଁ ଚାହିଦା ଅଧିକ ରହିଛି। ପ୍ରବଳ ବର୍ଷା ଯୋଗୁଁ ଫସଲ କ୍ଷତି ହେବାରୁ ଯୋଗାଣ ଆହୁରି ହ୍ରାସ ପାଇଛି। ଗତ ସପ୍ତାହରେ କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜରାଟରୁ ଆସୁଥିବା ଟ୍ରକ ସଂଖ୍ୟା ପ୍ରାୟ ଅଧା ହୋଇଯାଇଛି, ଯାହା ବଜାରରେ ଉପଲବ୍ଧତା ହ୍ରାସ କରିଛି। ଟମାଟୋର ଏକ ବଡ଼ ଅଂଶ ଯୋଗାଣ କରୁଥିବା ମହାରାଷ୍ଟ୍ରରେ, ନଭେମ୍ବରରେ ପାଇକାରୀ ମୂଲ୍ୟ ୪୫% ବୃଦ୍ଧି ପାଇଛି। ଯେତେବେଳେ କି ରାଜଧାନୀ ଦିଲ୍ଲୀରେ ପାଇକାରୀ ମୂଲ୍ୟ ୨୬ ପ୍ରତିଶତ ବୃଦ୍ଧି ପାଇଛି।

ସେପ୍ଟେମ୍ବର-ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫% ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୧୩ ପରଠାରୁ ସର୍ବନିମ୍ନ ସ୍ତର। ଟମାଟୋ, ପିଆଜ ଏବଂ ଆଳୁ ମୂଲ୍ୟରେ ହ୍ରାସ ଏହାର ମୁଖ୍ୟ କାରଣ। ଅକ୍ଟୋବରରେ ଟମାଟୋ ମୁଦ୍ରାସ୍ଫୀତି ବିଯୁକ୍ତ ୪୨.୯% ଥିଲା, ଅର୍ଥାତ୍ ମୂଲ୍ୟ ବହୁତ କମ୍ ଥିଲା। ହେଲେ ନଭେମ୍ବରରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବିପରୀତ ରହିଛି।

# ଡିସେମ୍ବର ୨୫ ସୁଦ୍ଧା ସରିବ ପ୍ରାଥମିକ ଶିକ୍ଷକଙ୍କ ବଦଳି

ଭୁବନେଶ୍ୱର, ୨୯।୧୧ (ସମିସ): ଆନ୍ତଃ ଜିଲ୍ଲାସ୍ତରୀୟ ବଦଳି ପ୍ରକ୍ରିୟା ତୁରନ୍ତ ସାରିବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସାରିବାକୁ କୁହାଯାଇଛି। ଏଥିପାଇଁ ବଦଳି ପୋର୍ଟାଲ୍ ଖୋଲାଯାଇଛି। ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ପୋର୍ଟାଲ୍ ଖୋଲୁଥିବା ବେଳେ ଏହି ସମୟରେ ବଦଳି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



# ଆସନ୍ନ ଜଳସଂକଟ | ରାଜଧାନୀ ପାଇଁ ବୋର୍‌ୱେଲ୍ ବିପଦ



■ ହ୍ରାସ ପାଉଛି ଭୂତଳ ଜଳସ୍ତର
■ ପ୍ରତି ୧୭ ନଳକୂଅରୁ ୭ ଅଚଳ

ଭୁବନେଶ୍ୱର, ୨୯।୧୧(ସମିସ): ବ୍ୟାପକ ବୃକ୍ଷଛେଦନ ଓ ଅବାଧ ବୋର୍‌ୱେଲ୍ ଖନନ କାରଣ ପାଇଁ ଭୁବନେଶ୍ୱରର ଭୂତଳ ଜଳସ୍ତର କ୍ରମେ ହ୍ରାସ ପାଇବାରେ ଲାଗିଛି। ଫଳରେ ଜଳସ୍ତରକ୍ରମେ ତଳକୁ ତଳ ଚାଲିଯିବା ଯୋଗୁଁ ରାଜଧାନୀ ସହର ମଧ୍ୟରେ ଥିବା ଅଧିକାଂଶ ନଳକୂଅ ଅଚଳ ହେବାରେ ଲାଗିଛି। ଭୁବନେଶ୍ୱରରେ ଥିବା ଅତି କମରେ ୪୧ ପ୍ରତିଶତ ମନିଟରିଂ କୂପ (ଜଳାଭାବ ଅନୁଧ୍ୟାନ ପାଇଁ ଥିବା କୂଅ) ଗୁଡ଼ିକରେ ଜଳସ୍ତର ହ୍ରାସ ରାଜଧାନୀର ଭୂତଳ ଜଳସ୍ତରର ଦ୍ରୁତ ହ୍ରାସର ପ୍ରଥମ ସଙ୍କେତ ବୋଲି ଦେଖା ଦେଇଛି। ଗତ ବର୍ଷ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜଳ ସମ୍ପଦ ବିଭାଗର ସହରାଞ୍ଚଳରେ ଭୂତଳ ଜଳସ୍ତର ଉପରେ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ସହରରେ ଜଳସ୍ତର ପରିବର୍ତ୍ତନ ପାଇଁ ବିଶ୍ଳେଷଣ କରାଯାଇଥିବା ୧୭ଟି କୂପ ମଧ୍ୟରୁ ୭ଟି କୂପରେ ଜଳସ୍ତର ହ୍ରାସ ପାଇଥିବା ଜଣାପଡ଼ିଛି। ସାତଟି କୂପରେ, ହ୍ରାସ ଶୂନ୍ୟରୁ ଦୁଇ ମିଟର ମଧ୍ୟରେ ରହିଛି। ଏ ଦିଗରେ ଜନସଚେତନତା ସୃଷ୍ଟି କରା ନ ଗଲେ ଆଗାମୀ ଦିନରେ ଏହା ସାଂଘାତିକ ଜଳ ସଂକଟ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି।

ଅତ୍ୟଧିକ ନିର୍ଭରଶୀଳତା ସହରର ବିଭିନ୍ନ ସ୍ଥାନରେ ଭୂତଳ ଜଳସ୍ତରକୁ ପ୍ରଭାବିତ କରୁଥିବା ସିଜିଡବ୍ଲ୍ୟୁବି (କେନ୍ଦ୍ରୀୟ ଭୂତଳ ଜଳବୋର୍ଡ) ରିପୋର୍ଟ ପୂର୍ବରୁ ପ୍ରକାଶ। ଯେଉଁଥିରେ ସହିଦ ନଗରରେ ଭୂତଳ ଜଳସ୍ତର ଯାହା ୨୦୦୬ରେ ୪.୪ ମିଟର ଥିଲା ୨୦୧୫ରେ ୫.୩ ମିଟରକୁ ହ୍ରାସ ପାଇଛି। ଏହା ବ୍ୟତୀତ, ଜଳସ୍ତର ଗଭୀରତା ମାପିବା ପାଇଁ ବିଶ୍ଳେଷଣ କରାଯାଇଥିବା ୧୯ଟି କୂପ ମଧ୍ୟରୁ ଚାରିଟି ଭୂତଳସ୍ତର ତଳେ ଶୂନ୍ୟରୁ ଦୁଇ ମିଟର ତଳେ ଥିଲା, ଯେତେବେଳେ ନଅଟିରେ ଦୁଇରୁ ପାଞ୍ଚ ଏମ୍‌ବିଜିଏଲ୍ (ଭୂତଳରେ ମିଟର ମାପକ ଜଳସ୍ତର) ଥିଲା। ଛଅଟି କୂପରେ ମଧ୍ୟ ୫ ରୁ ୧୦ ଏମ୍‌ବିଜିଏଲ୍ ଜଳସ୍ତର ଥିଲା।

ରିପୋର୍ଟରୁ ଆହୁରି ଜଣାପଡ଼ିଥିଲା ଯେ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଜଳସ୍ତର ଆହୁରି ହ୍ରାସ ପାଇପାରେ କାରଣ ଭୂତଳ ଜଳ ସର୍ବେକ୍ଷଣ ଏବଂ ତଦନ୍ତ ନିର୍ଦ୍ଦେଶାଳୟ ସର୍ଭେ ରିପୋର୍ଟ ଦର୍ଶାଉଛି ଯେ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ହାରାହାରି ଭୂତଳ ଜଳସ୍ତର ୨୦୦୪ରେ ୬.୧୭ ମିଟରରୁ ୨୦୧୯ରେ ୬.୮୧ ମିଟରକୁ ହ୍ରାସ ପାଇଛି। ବର୍ଷ ବର୍ଷ ଧରି ବୋରୱେଲ ବୃଦ୍ଧି ପାଇବା ଯୋଗୁଁ ଲୋଡ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି କେନ୍ଦ୍ରୀୟ ଭୂତଳ ଜଳବୋର୍ଡ ପକ୍ଷରୁ କୁହାଯାଇଛି।

ଓଡ଼ିଶା ଜଳ ନିଗମ (ୱାଟ୍‌କୋ)ର ପରିସଂଖ୍ୟାନ ସୂଚାଇ ଦେଉଛି ଯେ ସହରରେ ପ୍ରାୟ ୨, ୯୪୮ଟି ଟ୍ୟୁବୱେଲ ଅଛି, କେନ୍ଦ୍ରୀୟ ଭୂତଳ ଜଳବୋର୍ଡ ରିପୋର୍ଟ ମୁତାବକ ନୂତନ ପ୍ରକଳ୍ପ ଆସୁଥିବା ହାରକୁ ଦୃଷ୍ଟିରେ ରଖି ପ୍ରକୃତ ସଂଖ୍ୟା ବହୁତ ଅଧିକ ହୋଇପାରେ। ରାଜଧାନୀରେ ଏଭଳି ଜଳସଂକଟ ପରିପ୍ରେକ୍ଷୀରେ ବ୍ୟାପକ ବୃକ୍ଷରୋପଣ ସମେତ ଜଳସଂରକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଏହା ଆହୁରି ସୂଚାଉଛି ଯେ, ଭୂତଳ ଜଳ ହ୍ରାସ ପାଇଲେ ନଦନଦୀ ଏବଂ ପୋଖରୀ ତଥା ଜଳାଶୟର ସମ୍ପୂର୍ଣ୍ଣ ଜଳଶୂନ୍ୟ ହୋଇଯିବ। ଏପରିସ୍ଥଳେ ଜଳସଂରକ୍ଷଣ ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭୁବନେଶ୍ୱରରେ ଜଳ ପାଇଁ ହାହାକାର ଦେଖା ଦେବ।

## ମୋ ଗାଁ ମୋ ପରିଚୟ



ଗାଁ ମୋର କେତେବେଳେ ନଈ, ନାଳ ଆଉ ଗଛଲତାର ମେଳରେ ବେଶ ସୁନ୍ଦର ଦେଖାଯାଏ ତ କେତେବେଳେ ଢିଙ୍କିକୁଟା ଚାଉଳର ବାସ୍ନାରେ ଦାଣ୍ଡ ମହକେ। ସେଇ ମାଟିରେ ଗଢ଼ି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି। ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ମଣିଷ ଶିଖିଛି ଆଉ ସାଇତିଛି ବାପା, ଭାଇ, ଦାଦା ପରି କେତେ ଡାକ।

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମଣିଷ ହେଉଛନ୍ତି ସୁଭଦ୍ରା ଦାସ। ଜଗତସିଂପୁର ଜିଲ୍ଲାର ନନ୍ଦନ ଗ୍ରାମରେ ତାଙ୍କ ଘର। ଦୀର୍ଘ ବର୍ଷ ହେବ ରାଜଧାନୀର ପୋଖରୀପୁଟ ଅଞ୍ଚଳରେ ରହୁଛନ୍ତି। ଜନ୍ମରୁ ସେ ଦିବ୍ୟାଙ୍ଗ, ଗୋଟିଏ ହାତରେ ସବୁ କାମ କରିଥାନ୍ତି। ହେଲେ ଖେଳକୁଦରେ ତାଙ୍କର ରୁଚି ରହିଆସିଛି, ଗାଁ ଛାଡି ନିଜକ ଗଢିବାକୁ ରାଜଧାନୀ ମୁହାଁ ହୋଇଥିଲେ। ସେ ରାଜ୍ୟ ପାରା ଆଥଲେଟିକ୍ସ ଚମ୍ପିଆନସିପରେ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛନ୍ତି। ହେଲେ ସମୟ ସହ ଗାଁ ଓ ସହର ଭିତରେ ଗଢି ଉଠିଥିବା ସେ ତଫାତ୍‌କୁ ନେଇ କୁହନ୍ତି, ସେ ସମୟରେ ଗାଁ ବହୁତ ସୁନ୍ଦର ଥିଲା ହେଲେ ବର୍ତ୍ତମାନ ଯେପରି ସହରୀକରଣ ଗାଁର ସଜ୍ଞା ବଦଳାଇ ଦେଉଛି। ତଥାବି ଗାଁ ମୋର ସବୁବେଳେ ନିଆରା। ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ, ବାଡି ତୋଟା ବୁଲିବା ସାଙ୍ଗକୁ ବିରି ମୁଗ ତୋଳିବା ଏସବୁ ଏବେ ଯେମିତି ସ୍ୱପ୍ନ। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଗାଁର

**ଆମେ ଗାଁରୁ ଆସିଛୁ**

ଦୋଳ, ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ, ରଜରେ ଉତ୍ସବ ମୁଖର ଗାଁ ମନରେ ଖୁସି ଆଣିଦିଏ। ସବୁଜ କିଆରି, ଗାଁ ନଈନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ଆମ ଗାଁର ଗ୍ରାମଦେବତୀ ହେଲେ ମା ଅମ୍ବିକେଇ, ସନ୍ଧ୍ୟା ହେଲେ ସେଠି ଗାଁର ବୟଜ୍ୟେଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ ଭଲ ଲାଗେ। ସୁବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ସମସ୍ତେ ଏକଜୁଟ ହୋଇଥାନ୍ତି। କାହାର କିଛି ଅସୁବିଧା ହେଲେ ସାଙ୍ଗରେ ଠିଆ ହୁଅନ୍ତି। ହେଲେ ଏଠି ପଡ଼ିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଭଲରେ ମନ୍ଦରେ କେହି କାହାରିକୁ ପଚାରନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଏ ଆଖି ହଳକ ଆଜି ସହରୀକରଣ ଭିତରେ ଯେମିତି ଧସି ପଶିଛି। ଗାଁ ପରିବେଶ ପଛରେ ଛାଡି ତାକୁ ହିଁ ଝୁରି ହେଉଛି। ଗାଁର ଯେଉଁ ଆପଣାପଣର ବାସ୍ନା, ସବୁଦିନ ପାଇଁ ମନ ସହରରେ ଖୋଜି ଝୁରି ହେଉଥିବ।

## ଫ୍ୟାନ୍‌ରେ ଝୁଲି ଯୁବତୀଙ୍କ ଆତ୍ମହତ୍ୟା

ବାଲିଅନ୍ତା, ୨୯ ।୧୧(ସମିସ): ବାଲିଅନ୍ତା ଥାନା ଅଧୀନ ଧବଳାହାର ଗ୍ରାମରେ ବେକରେ ଓଢ଼ଣି ବାନ୍ଧି ଫ୍ୟାନରେ ଝୁଲି ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ବଳରାମ ନାଥଙ୍କ ଝିଅ ବିଦୁସ୍ମିତା ନାଥ (୧୭)। ବିଦୁସ୍ମିତା ଫ୍ୟାନରେ ଝୁଲୁଥିବା ଦେଖି ପରିବାର ଲୋକ ତଳକୁ ଓହ୍ଲାଇଥିଲେ। ବିଦୁସ୍ମିତା ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପରିବାର ଲୋକ ସଂକଟାପର୍ଣ୍ଣ ଅବସ୍ଥାରେ ବିଦୁସ୍ମିତାଙ୍କୁ ଏକ ଘରୋଇ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ବିଦୁସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲିଅନ୍ତା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବିଦୁସ୍ମିତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିନଥିବା ବେଳେ ପାରିବାରିକ କଳହ ଯୋଗୁଁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ବାଲିଅନ୍ତା ଥାନା ପୁଲିସ ଶବ ବ୍ୟବଚ୍ଛେଦ କରାଇ ଅପରାହ୍ଣରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଲଟେରୀ ମାଧ୍ୟମରେ ସହିଦ ନଗର ହାଟ ପିଣ୍ଡି ଆବଣ୍ଟନ

ଭୁବନେଶ୍ୱର, ୨୯ ।୧୧(ସମିସ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଶୁକ୍ରବାର ସହିଦ ନଗରସ୍ଥିତ ଭବାନୀ ମଲରେ ନବ ନିର୍ମିତ ପିଣ୍ଡି ଓ ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଛି। ସହିଦ ନଗର ଭବାନୀ ମଲ୍ ତଳେ ବିଏମ୍‌ସି ପକ୍ଷରୁ ନୂତନ ପିଣ୍ଡି ଓ ଦୋକାନ ଗୃହ ନିର୍ମାଣ କରାଯାଇଛି। ଅମାନତ ରାଶି ଜମା କରିଥିବା ମୋଟ ୧୩୯ ଜଣ ବ୍ୟବସାୟୀଙ୍କୁ ପିଣ୍ଡି ପ୍ରଦାନ କରିବା ପାଇଁ ଡକାଯାଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ୬୧ ଜଣ ହିତାଧିକାରୀ ଉପସ୍ଥିତ ଥିଲେ। ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଲଟେରୀ ମାଧ୍ୟମରେ ପିଣ୍ଡି ଓ ଦୋକାନ ଗୃହ ଆବଣ୍ଟନ କରାଯାଇଛି। ଖୁବ୍ ଶୀଘ୍ର ଅନ୍ୟମାନଙ୍କୁ ପିଣ୍ଡି ଆବଣ୍ଟନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ସେହିପରି ଅମାନତ ରାଶି ଜମା କରିଥିବା ଦୁଇଜଣ ବ୍ୟବସାୟୀଙ୍କୁ ଲଟେରୀ ମାଧ୍ୟମରେ ୨ଟି ଦୋକାନ ଘର ଆବଣ୍ଟନ କରାଯାଇଛି। ଅବଶିଷ୍ଟ ଦୋକାନ ଗୃହ ଆବଣ୍ଟନ ଖୁବ୍ ଶୀଘ୍ର କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସହିଦ ନଗର କର୍ପୋରେଟର ରାଜକିଶୋର ଦାସ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ପ୍ରିୟଙ୍କା ମଲ୍ଲିକ, ଦକ୍ଷିଣ-ପୂର୍ବ ଜୋନାଲ କମିସନର ଧନଞ୍ଜୟ ମହାନ୍ତି, ମୁଖ୍ୟ ଅଡିଟର ସୌଦାମିନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସହିଦ ନଗର ହାଟ ବ୍ୟବସାୟୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## ମହଙ୍ଗା ପଡ଼ିଲା ମିଛ କହି ବିବାହ

# ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପରିବାର ଦୋଷୀ ସାବ୍ୟସ୍ତ

■ ଡାକ୍ତର କହି ଡାକ୍ତରାଣୀଙ୍କୁ ବିବାହ କରିଥିଲେ ପୁଅ
■ ୭ ବର୍ଷ ଜେଲଦଣ୍ଡ ଶୁଣାଇଲେ କୋର୍ଟ

ଭୁବନେଶ୍ୱର, ୨୯।୧୧ (ସମିସ): ମିଛ କହି ବିବାହ କରିବା ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପରିବାର ପାଇଁ ମହଙ୍ଗା ପଡ଼ିଛି। ଭୁବନେଶ୍ୱର ସ୍ଥିତ ୩ୟ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ହିମାଂଶୁ ଶେଖର ମଲ୍ଲିକ ଘଟଣାର ବିଚାରକରି ସ୍ୱାମୀ ଶୈଳେନ୍ଦୁ ବିଶ୍ୱାଳ, ଶଶୁର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ କୁଳମଣି ବିଶ୍ୱାଳ ଓ ଶାଶୂ ଜ୍ୟୋସ୍ନା ମହାପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ଏମ୍‌ସର ଜଣେ ଡାକ୍ତରାଣୀଙ୍କର ଜଣେ ମଧ୍ୟସ୍ଥ ମାଧ୍ୟମରେ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ କୁଳମଣିଙ୍କ ପୁଅ ଶୈଳେନ୍ଦୁଙ୍କ ସହ ବିବାହ ପ୍ରସ୍ତାବ ପଡ଼ିଥିଲା। ଶୈଳେନ୍ଦ୍ର କଲିକତାରେ ଏମବିବିଏସ୍, ଦିଲ୍ଲୀ ଏମ୍‌ସରେ ଏମଡି ଓ କାନାଡ଼ାରେ ପିଏଚଡି କରିଥିବା କହି ନିଜକୁ ଡାକ୍ତର ବୋଲି ପରିଚୟ ଦେଇଥିଲେ। ପରେ ଦୁଇ ପକ୍ଷର ସହମତି ପରେ ୨୦୧୯ ମସିହା ମେ' ମାସରେ ଶୈଳେନ୍ଦୁ ଡାକ୍ତରାଣୀଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ଅନୁଯାୟୀ କନ୍ୟା ପକ୍ଷରୁ ନଗଦ ୮ ଲକ୍ଷ ଟଙ୍କା, ୨ ଲକ୍ଷ ଟଙ୍କାର ଚେକ୍, ସୁନା ଓ ହୀରା ଅଳଙ୍କାର ଏବଂ ବିଭିନ୍ନ ଘରୋଇ ସାମଗ୍ରୀ ଯୌତୁକ ବାବଦକୁ ଦିଆଯାଇଥିଲା। ଡାକ୍ତରାଣୀ ୩/୪ ସପ୍ତାହ ଶଶୁର ଘରେ ରହିଥିଲେ। ଶଶୁର ଘର ଲୋକେ ଅଧିକ ଯୌତୁକ ଦାବିରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଶଶୁର ଘରେ ରହଣି ମଧ୍ୟରେ ସ୍ୱାମୀ ଓ ଶାଶୁ ଷଡ଼ଯନ୍ତ୍ର ରଚି ରୋଷେଇ ଘରେ ଥିବା ଚୁଲାରୁ ଉଦ୍ଦେଶ୍ୟପୂର୍ବକ ଗ୍ୟାସ ଲିକ୍ କରି ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଚୁଲା ଜାଳାଇବା ସମୟରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ୱାମୀ ଶୈଳେନ୍ଦୁ ଡାକ୍ତର କି ଗବେଷକ ନୁହେଁ, ବରଂ ଜଣେ ବ୍ୟବସାୟୀ ବୋଲି ପରବର୍ତ୍ତୀ ସମୟରେ ପତ୍ନୀ ଜାଣିବାକୁ ପାଇଥିଲେ।

ଏନେଇ ସେ ୨୦୨୦ ଜାନୁୟାରୀରେ ଅଭିଯୋଗ କରିବା ପରେ ମହିଳା ଥାନା ପୁଲିସ କେସ୍ ନଂ - ୩/୨୦ ରେ ଦଫା ୪୯୮(ଏ), ୩୨୩, ୨୯୪, ୩୫୪, ୩୦୭, ୫୦୬, ୩୪ ଆଇପିସି ଓ ଯୌତୁକ ନିରୋଧ ଆଇନ ଧାରା ୪ ଅନୁଯାୟୀ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ତଥା ତତ୍କାଳୀନ ଏସ୍‌ଆଇ ରଶ୍ମିରେଖା ବେହେରା ଘଟଣାର ତଦନ୍ତ କରି ଶୈଳେନ୍ଦୁଙ୍କୁ ଗିରଫ କରିଥିବା ବେଳେ କୁଳମଣି ଓ ଜ୍ୟୋସ୍ନା ଆଗୁଆ ଜାମିନ ପାଇ ଯାଇଥିଲେ। ଶ୍ରୀମତୀ ବେହେରା ତଦନ୍ତ ପ୍ରକ୍ରିୟା ସାରିବା ପରେ ଶୈଳେନ୍ଦୁ, କୁଳମଣି ଓ ଜ୍ୟୋସ୍ନାଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୮ ଜଣ ସାକ୍ଷୀ ଓ ୧୩ଟି ଦସ୍ତାବିଜ ଆଧାରରେ ସ୍ୱାମୀ ଶୈଳେନ୍ଦ୍ର ବିଶ୍ୱାଳ, ଶଶୁର କୁଳମଣି ବିଶ୍ୱାଳ ଓ ଶାଶୂ ଜ୍ୟୋସ୍ନା ମହାପ୍ରଭୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୪୨୦ ଆଇପିସିରେ ୭ ବର୍ଷ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଜରିମାନା, ଦଫା ୪୧୯ ଆଇପିସିରେ ୩ ବର୍ଷ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା, ଦଫା ୪୯୮(ଏ) ଆଇପିସି ୩ ବର୍ଷ ଜେଲଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଓ ଯୌତୁକ ନିଷିଦ୍ଧ ଆଇନ ୪ରେ ୧ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ୩୦ ହଜାର ଟଙ୍କା ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ବର୍ଷ ଓ ୨୦ ହଜାର ଟଙ୍କା ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୬ ମାସ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଦଣ୍ଡ ସମବର୍ତ୍ତୀ ଭାବେ ଲାଗୁ ହେବ। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଦୀପ୍ତ କୁମାର ମିଶ୍ର ଓ ଶୁଭଶ୍ରୀ ଜେନା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

# ଝୁଲି ପଡ଼ିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୨୯।୧୧ (ସମିସ): କ୍ୟାପିଟାଲ ହସ୍ପିଟାଲ ପରିସରରେ ଅଭାବନୀୟ ଘଟଣା ଘଟିଛି। କର୍ମଚାରୀ ସଙ୍ଘ ଅଫିସ ଭିତରୁ ସଫେଇ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକ ଜଣକ ହେଉଛନ୍ତି ଝାରପଡ଼ା ଅଞ୍ଚଳରେ ରହୁଥିବା ପରମାନନ୍ଦ ମୁଦୁଲି (୩୬)।




ମିଳିଥିବା ସୂଚନା ଅନୁସାରେ, ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀର ପରମାନନ୍ଦ ୧୩ ବର୍ଷ ପୂର୍ବେ ବିବାହ କରିଥିଲେ। ମାଆ କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ ବସ୍ତିରେ ରହୁଥିବା ବେଳେ ପତିପତ୍ନୀ ଝାରପଡ଼ା ଅଞ୍ଚଳରେ ରହୁଥିଲେ। ପରମାନନ୍ଦ କ୍ୟାପିଟାଲ ହସପିଟାଲରେ ସଫେଇ କର୍ମଚାରୀ ଭାବେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। କିଛିଦିନ ହେବ ପତିପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ରହିଥିଲା। ଏହାକୁ ନେଇ ବିଭିନ୍ନ ସମୟରେ ଝଗଡ଼ା ମଧ୍ୟ ହେଉଥିଲା। ତେବେ ୪ ଦିନ ପୂର୍ବେ ବିବାଦ ଉଗ୍ରରୂପ ନେଇଥିଲା। ସ୍ତ୍ରୀ ଉତକ୍ଷିପ୍ତ ହୋଇ ଘରକୁ ଯିବାକୁ ବାରଣ କରିବାରୁ ପରମାନନ୍ଦ ଅନ୍ୟତ୍ର ରହୁଥିଲେ। ପୁଅ ଓ ବୋହୂ ମଧ୍ୟରେ ବିବାଦ କଥା ଜାଣିବା ପରେ ମାଆ ନିଜ ଘରକୁ ଡାକିଥିଲେ ବି ପରମାନନ୍ଦ ଯାଇନଥିଲେ।

ଶନିବାର ଦୁଇପ୍ରହର ସମୟରେ ପରମାନନ୍ଦ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସଫେଇ କର୍ମଚାରୀ ସଙ୍ଘ ଅଫିସକୁ ଯାଇଥିଲେ। ସେଠାରେ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। କିଛି ସମୟପରେ ଅନ୍ୟ କର୍ମଚାରୀମାନେ ସଙ୍ଘ ଅଫିସକୁ ଯିବା ବେଳକୁ ଭିତର ପଟରୁ କବାଟ ବନ୍ଦ ଥିଲା। କବାବ ବାଡ଼େଇବାପରେ ମଧ୍ୟ କେହି ଉତ୍ତର ଦେଇ ନ ଥିଲେ। ପରମାନନ୍ଦ ଫ୍ୟାନରେ ଝୁଲୁଥିବା ଅନ୍ୟ କର୍ମଚାରୀମାନେ ଝରକା ପଟରୁ ଦେଖିବାକୁ ପାଇଥିଲେ। ଖବରପାଇ ପରମାନନ୍ଦଙ୍କ ମାଆ, ପତ୍ନୀ ଓ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କବାଟ ଲକ୍ ଭାଙ୍ଗି ପରମାନନ୍ଦଙ୍କ ମୃତଦେହକୁ ଜବତ କରିଥିଲା। କିଛି ବର୍ଷ ପୂର୍ବେ ବଡ଼ଭାଇ ପ୍ରାଣ ହରାଇଥିବା ବେଳେ ଆଜି ପରମାନନ୍ଦଙ୍କ ମୃତ୍ୟୁ ମାଆ କୋଳ ଖାଲି କରି ଦେଇଛି। ମୃତଦେହକୁ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## ଆଜିର କାର୍ଯ୍ୟକ୍ରମ

- ଉତ୍କଳସମ୍ମିଳନୀ,ମଞ୍ଚେଶ୍ୱରଶାଖାରକାର୍ଯ୍ୟନିର୍ବାହୀସମିତିବୈଠକ। ସ୍ଥାନ-ଦୁର୍ଗାପୂଜା ମଣ୍ଡପ, ବୀର ସୁରେନ୍ଦ୍ରସାଏ ନଗର। ସମୟ- ଅପରାହ୍ଣ-୪ଟା।
- ସୋଆ ସାହିତ୍ୟ ଉତ୍ସବ। ସ୍ଥାନ-ସୋଆ ଅଡିଟୋରିୟମ୍, କ୍ୟାମ୍ପସ୍-୨, କଳିଙ୍ଗ ନଗର, ଭୁବନେଶ୍ୱର। ସମୟ-ଦିନ ୧୨ଟା।


MINISTRY OF TEXTILES
DEVELOPMENT COMMISSIONER (HANDICRAFTS)
India handmade
शिल्प प्रदर्शन सह जागरुकता कार्यक्रम
ଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ
CRAFT DEMONSTRATION - CUM - AWARENESS PROGRAMME
UNDER AHVY SCHEME FOR THE YEAR 2025-26



ORGANIZED BY: M/s. Hastashilpa Pattachitra Producer Company Ltd, Heritage Village Raghurajpur, Puri, Odisha
SPONSERED BY: O/o Development Commissioner (Handicrafts), Ministry of Textiles, Govt. of India, New Delhi


# ଚାପରେ ବୋମା ପାଲଟିଗଲା ବାଣ!



■ ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ
■ ବୋମା ବାଣ ହେବା ପରେ ସମସ୍ତେ ଆଶ୍ୱସ୍ତ

ଭୁବନେଶ୍ୱର, ୨୯।୧୧(ସମିସ): ଭୁବନେଶ୍ୱରରେ ଭାରତର ରାଷ୍ଟ୍ରପତି ଉପସ୍ଥିତ ଥିଲା ବେଳେ ସ୍କୁଲ ଉପରକୁ ବୋମା ମାଡ଼ ହେଲା। କେନ୍ଦ୍ରୀୟବିଦ୍ୟାଳୟ୩ଆଗରେବୋମାରବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ସ୍ଥାନୀୟ ବାସିନ୍ଦା ଭୟରେ ଥରହର ହେଲେ। ଅଭିଭାବକ, ଛାତ୍ରଛାତ୍ରୀ ତ୍ରାହି ତ୍ରାହି ଡାକିଲେ। ସ୍କୁଲକୁ ବୋମା ମାଡ଼ ଏକ ସାଂଘାତିକ ଘଟଣା। ଏହାକୁ ନେଇ ସାଂଘାତିକ ଚାପରେ ରହିଲା କମିସନରେଟ୍ ପୁଲିସ। ଚାପ କମାଇବାକୁ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ କମିସନରେଟ୍ ପୁଲିସ ବୋମାକୁ ବାଣ ବୋଲି କହି ଆଶ୍ୱସ୍ତ ହୋଇଗଲା। ଯଦିଓ ଏଭଳି କହି ପୁଲିସ ନିଜ ଉପରୁ ଚାପ କମାଇବାକୁ ଅନେକାଂଶରେ ସଫଳ ହୋଇଛି। କିନ୍ତୁ ପୁଲିସର ବାଣ ଉପାଖ୍ୟାନକୁ ସହଜରେ ହଜମ କରିପାରୁ ନାହାନ୍ତି ସ୍ଥାନୀୟ ଲୋକେ।

ପୁଲିସ ଏହି ବୋମାକୁ ଶୂନ ଫୋଟକା ବାଣ ସହ ତୁଳନା କରୁଛି। ଏହା ଭାବି ତଦନ୍ତ ମଧ୍ୟ ଚଳାଇଛି। ହେଲେ ଶୂନ ଫୋଟକାରେଅତ୍ୟନ୍ତଛୋଟ।ଏହିବାଣଫୁଟିବାପରେଗୋଡିଏବଂ ବାରୁଦ ମିଳିଥାଏ। ଶୂନଫୋଟକାରେ କଣ୍ଟା କିମ୍ବା କାଚ ବାହାରିବା କେହି କେବେ ଦେଖି ନାହାନ୍ତି। ହେଲେ ବିସ୍ଫୋରକରୁ ପ୍ରଚୁର ପରିମାଣରେ ଲୁହା କଣ୍ଟା ବାହାରିଥିଲା। ବୋମାରେ ଲୁହକଣ୍ଟା କିମ୍ବା କାଚଗୁଣ୍ଡ ବ୍ୟବହାର କରାଯାଏ। ଏଥିରୁ ଲୁହାକଣ୍ଟା ବାହାରିବାରୁ ଏହାକୁ ବୋମା ବୋଲ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି ବିସ୍ଫୋରଣ ପରେ ଶବ୍ଦ ଅତ୍ୟନ୍ତ ଭୟଙ୍କର ଥିଲା। ବିସ୍ଫୋରକର ବର୍ଜ୍ୟରୁ ଏହା ବୋମା ବୋଲି ଅନୁମାନ କରାଯାଉଛି।

ରାଜଧାନୀର ଏହା ପ୍ରଥମ ବୋମା ଫୁଟିବା ଘଟଣା ଯେଉଁଠିକୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ପହଞ୍ଚିଗଲା। ଏନ୍‌ଆଇଏ ଟିମ୍ ଏଠାରେ ଉପସ୍ଥିତ ରହି ଘଣ୍ଟା ଘଣ୍ଟା ତଦନ୍ତରେ ଚଳାଇଥିଲା। ସାଇଣ୍ଟିଫିକ୍ ଟିମ୍ ଲୁହା କଣ୍ଟା ଗୁଡ଼ିକ ସଂଗ୍ରହ କଲା। ଏହାକୁ ଫରେନ୍‌ସିକ୍ ବିଭାଗକୁ ପରୀକ୍ଷା ପାଇଁ ପଠାଇଲା। ଜଣେ ଅଭିଭାବକଙ୍କ କହିବା ଅନୁଯାୟୀ ବାଣ ଫୁଟିଲେ କେଉଁଠି ଏନ୍‌ଆଇ ଯାଇ ପହଞ୍ଚେ ତାହା ଆମେ ଆଜି ପର୍ଯ୍ୟନ୍ତ କେବେ ଦେଖି ନାହୁଁ। ଏହା ପ୍ରଥମ ଘଟଣା।

ଅନ୍ୟପକ୍ଷରେ ପରୀକ୍ଷଣ ପାଇଁ କେହି ଏହି ବୋମାକୁ ପକାଇଥିବା ପୁଲିସ ଅନୁମାନ କରୁଛି। ହେଲେ ଏହି ଘଟଣାକୁ ୨୪ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ ହାତରେ ଜଣେ ବି ଧରାପଡ଼ି ନାହାନ୍ତି। ଅପରାଧୀଙ୍କ ସାମାନ୍ୟତମ ଟେର୍ ପାଉନି ପୁଲିସ। କେବଳ ଅନ୍ଧାରରେ ବାଡି ବୁଲାଉଛି। ଏଥର ଭାଗ୍ୟ ମଧ୍ୟ ପୁଲିସର ସାଥ୍ ଦେଉ ନାହିଁ। ସିସିଟିଭି ଏବଂ ମୋବାଇଲ୍ ଟ୍ରାକିଂ ସାଥ୍ ଦେଉନି। ବହୁ ସିସିଟିଭି ଅଣ୍ଡାଳିଲାଣି। ହେଲେ ସନ୍ଦେହ କଲା ଭଳି କେହି ଦେଖାଯାଉ ନାହାନ୍ତି। ସ୍ଥାନୀୟ ଅଞ୍ଚଳରୁ ବି କେହି ଖବର ଦେଉ ନାହାନ୍ତି। କେମିତି ଧରିବେ ତାହା ପୁଲିସ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି।


## 'ନନ୍ଦିଘୋଷ ଟିଭି'

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।


ଯୋଗାଯୋଗ: ୯୪୩୭୦୧୬୪୯୯ | ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ସୃଜନିକା

ସକାଳ
THE SAKALA
www.sakalaepaper.com

# ମେଳାରେ ହଜିଥିବା ପିଲାଟି



ମୂଳ ଇଂରାଜୀ : ମୁଲ୍କ ରାଜ୍ ଆନନ୍ଦ
ଅନୁବାଦ : ପୁଷ୍ପାରାଣୀ ପଟେଲ



ବସନ୍ତ ଉତ୍ସବର ସମୟ। ଗାଁ ଗାଁରେ ମେଳା। ଗାଁକୁ ଲମ୍ବିଥିବା ସେଇ ପତଳା ସରୁ ଗଳି ରାସ୍ତାଟିରେ ଲୋକଙ୍କର ପ୍ରବଳ ଭିଡ଼। କିଛି ଲୋକ ପାଦରେ ଚାଲି ଚାଲି ଆସୁଥିବା ବେଳେ, ବେଶ୍ କିଛି ଥିଲାବାଲା ଲୋକ ଆସୁଥିଲେ ଘୋଡ଼ା ଗାଡ଼ିରେ, ଆଉ କିଛି ପୁଣି ସେଇ ବାଉଁଶ ତିଆରି ଶଗଡ଼ ଗାଡ଼ିରେ। ଲୋକଙ୍କର ଏଇ ମେଳା ପାଇଁ ଆକର୍ଷଣର ଦୃଶ୍ୟ ବେଶ୍ ହୃଦଗ୍ରାହୀ ଥିଲା। ତା'ଠାରୁ ଆହୁରି ଅଧିକ ଆକର୍ଷଣୀୟ ଥିଲା ସେଇ ପିଲାଟିର ଚଞ୍ଚଳତା। ନିଜ ମାଆ, ବାବାଙ୍କ ସାଥିରେ ମେଳା ଦେଖି ଯିବାର ଚରମ ଖୁସି ବାରି ହେଇ ପଡୁଥିଲା ତା' ପାଦର ଛନ୍ଦରୁ, ମୁହଁର ହସରୁ!

ମାଆ ଡାକିଲେ, "ଏପଟେ ଆସ୍ ବାବା! ଆସିଲୁ ...ଆସିଲୁ...ଶୀଘ୍ର ଆସ୍!" ତା' ନଜର କିନ୍ତୁ ଲାଖି ରହିଥିଲା ସେଇ ରାସ୍ତା କଡ଼ର ଖେଳଣା ଦୋକାନର ଖେଳଣାଗୁଡ଼ିକ ଉପରେ। ସେ ଭାବିଲା - ବାପାଙ୍କୁ କହିବ କି, ଖେଳଣାଟିଏ କିଣି ଦେବା ପାଇଁ। ତେବେ ବାପାଙ୍କର କଟମଟ ଚାହିଁଥିବା ନାଲି ଆଖିକୁ ଦେଖି ଅଟକିଗଲା, କହିଲାନି କିଛି।

ମାଆ ତା'ର ମନ ଭୁଲାଇବା ପାଇଁ ତାକୁ କହିଲେ, "ହେଇ ଦେଖ୍... ସେପଟେ ଦେଖ୍ ...କି ସୁନ୍ଦର ଦିଶୁଛି, ଦେଖ୍।" ସେ ଆଖି ଉଠାଇ ଚାହିଁଲା ତ ଦିଶିଗଲା ମାଇଲ ମାଇଲ ଦୂର ଯାଏ ଲମ୍ବିଥିବା ସୁନାରଙ୍ଗ ଫୁଲର ସୋରିଷ କ୍ଷେତ। ତା' ଉପରେ ଉଡ଼ି ବୁଲୁଥିଲେ ବାଇଗଣୀ ରଙ୍ଗର ପ୍ରଜାପତି। ସେ ଫୁଲ ଓ ପ୍ରଜାପତି ଏତେ ସୌନ୍ଦର୍ଯ୍ୟରେ ଭରପୂର ଥିଲେ ଯେ କେହି ବି ଟାଣି ହେଇଯିବ ସେମାନଙ୍କ ଆଡ଼କୁ। ପିଲାଟି ବି ଅବାକ୍ ହୋଇ ଚାହିଁ ରହିଥିଲା।

ଏତିକି ବେଳେ ମାଆ ପୁଣି ଡାକିଲେ ତାକୁ "ଆ...ଆ.... ଏଇପଟେ ଆ! ଶୀଘ୍ର ଆ, ଏଇ ଛାଇ କଡ଼କୁ!" ସେଇ ରାସ୍ତାକଡ଼ର ନଳକୂଅର ଛାଇ ପାଖରେ ଜମିଥିବା ପାଣିରେ ଦୃଶ୍ୟ ହେଉଥିଲେ ଅସଂଖ୍ୟ ଛୋଟ ଛୋଟ ପୋକ ଜୋକ। ସେମାନେ ବି ତା' ଦୃଷ୍ଟି ଆକର୍ଷଣ କରିନେଲେ ସେମାନଙ୍କ ନିଜ ଆଡ଼କୁ। ନଳକୂପ ଉପରେ ଥିବା ଏକ ବଡ଼ ଗଛଟିରେ ଥିଲା ଗୋଟିଏ ଫୁଲ କୁଞ୍ଜ। ତାକୁ ଛୁଉଁ ଛୁଉଁ ତା' ଉପରେ ଲଦି ହୋଇପଡ଼ିଲେ ବେଶ୍ କିଛି ଫୁଲ। ସେଇ ଭିତରୁ ଡାକିଲା ବି କୋଇଲି ଟିଏ ତା' ସୁନ୍ଦର ସ୍ୱରରେ କୁହୁ ...କୁ...ହୁ...! ପିଲାଟି ପାଟି କରି ଉଠିଲା, "ବାବା...ଶୁଣ...ଶୁଣ...କୋଇଲିଟିଏ ଡାକୁଛି...କୁହୁ...କୁ...ହୁ...!" ଅନ୍ୟମନସ୍କତାରେ ତା' ହାତରୁ ଗଳି ପଡ଼ିଥିଲା ସେ ସାଉଁଟିଥିବା ଫୁଲକୁ।

"ବାବା... ଶୀଘ୍ର ଆସେ... ଏଇପଟେ...।" ମାଆ ଓ ବାବା ତା'ର ଲୁଚି ଯାଉଥିଲେ ସୋରିଷ କ୍ଷେତର ଆଢୁଆଳରେ। ସେ ଧାଇଁଲା ଦ୍ରୁତଗତିରେ ତା' ମାଆ, ବାବାଙ୍କ ନିକଟକୁ । ଏବେ ନିକଟବର୍ତ୍ତୀ ହୋଇ ଆସୁଥିଲା ମେଳାର ମୁଖ୍ୟ ଜାଗା, ଦିଶୁଥିଲା ପ୍ରବଳ ଭିଡ଼, ଲୋକଙ୍କର ହଜିଯିବା ଭଳି ଗହଳି।

ମେଳା ଭିତରେ ପଶୁ ପଶୁ ତା' କାନରେ ପଡ଼ିଲା ମିଠେଇ ବାଲାର ଡାକ, "ଏପଟେ ଆସ...ନିଅ...ନିଅ...ମିଠା... ମିଠା... ଗୁଲାବ୍ ଜାମୁନ୍, ରସଗୋଲା, ବର୍‌ଫି, ଜିଲାପି... ସୁଆଦିଆ...ସୁଆଦିଆ...ଜିଲାପି !" ବର୍‌ଫି ତାର ଖୁବ୍ ପ୍ରିୟ ! ବର୍‌ଫି ନାଁ ଶୁଣି ତା' ପାଟିରୁ ଲାଳ ଗଡ଼ି ଆସିଲା। ସେ କିନ୍ତୁ ଭଲରେ ଜାଣେ ଏବେ ବର୍‌ଫି କିଣିବାକୁ ଜିଦ୍ କଲେ ବାପା ତା'ର ଖୁବ୍ ରାଗିବେ। ସେ ତେଣୁ ବଢ଼ିଗଲା ଆଗକୁ। ଦୋକାନୀଟିଏ ଡାକୁଥିଲା, "ନିଅ...ନିଅ...ଫୁଲର ହାର ନିଅ!" ପିଲାଟି କହିଲା, "ଆଃ...କେତେ ସୁନ୍ଦର ଏ ଫୁଲର ହାର, ମୋତେ ଗୋଟାଏ ଲୋଡ଼ା।" ତେବେ ମାଆ,ବାପା ତ କିଣିଦେବେନି ଫୁଲମାଳ। ତେଣୁ ସେ ଚୁପ୍ ରହି ପୁଣି ଦୌଡ଼ିଲା ମାଆ ବାପାଙ୍କ ପଛରେ। ବେଲୁନ୍‌ବାଲାର ବଡ଼ ବାଡ଼ିଟିରୁ ଉଡ଼ି ବୁଲୁଥିଲେ ହଳିଦିଆ, ନାଲି, ନେଳି,ବାଇଗଣୀ ରଙ୍ଗର ଭଳିକି ଭଳି ଆକର୍ଷଣ ବେଲୁନ୍। ସେମାନଙ୍କୁ ଦେଖି ତା' ପାଦ ଦୁଇଟି ଅଟକି ଗଲେ ସେଇଠି। ମନ ତା'ର କହୁଥିଲା, "ଏ ସବୁତକ ବେଲୁନ୍ ନେଇ ଯାଆନ୍ତା କି ତା'ର !" ମାଆ, ବାପାଙ୍କୁ କହିବ କି କିଣିଦେବା ପାଇଁ – ସେ ଭାବିଲା ଘଡ଼ିଏ। ତା' ପରେ ପୁଣି ମନକୁ ମନ, ନିଜକୁ ନିଜେ କହିଲା – ହେଃ ...ମନା କରିବେ ବାପା। କହିବେ- କେଡୁଟେ ହେଲୁଣି ବେଲୁନ୍ ଗୋଟାଏ କ'ଣ।

ଅଳ୍ପ ଦୂରରେ ସାପୁଆ କେଳାଟି ଖୁବ୍ ତନ୍ମୟତାର ସହ ତା'ର ବିନ୍ ବଜାଉଥିଲା ଓ ତା' ସ୍ୱରର ତାଳେ ତାଳେ ଫଣା ତୋଳି ନାଚ ଦେଖାଉଥିଲା ସେଇ ବିଷଧର ନାଗ ସାପଟି। ତା'ର ମନେ ହେଲା ଠିଆହୋଇ ଘଡ଼ିଏ ସେଇଠି ଦେଖିବ ନାଚ। ତେବେ ମାଆ, ବାପା ଆଗକୁ ବଢ଼ିଯାଉଥିବା ଦେଖି ଧାଇଁଲା ସେମାନଙ୍କ ପଛରେ। କିଛି ଦୂର ଆଗରେ ଦୃଶ୍ୟ ହେଉଥିଲା ବଡ଼ ବଡ଼ ଦୋଳି। ସେ ଦେଖିଲା ସତୃଷ୍ଣ ନୟନରେ ସେଇ ଦୋଳିରେ ବସିଥିବା ସ୍ତ୍ରୀ, ପୁରୁଷ ଓ ଛୋଟ ଛୋଟ ଛୁଆମାନଙ୍କୁ। ସେମାନେ ହସୁଥିଲେ ଖୁସିରେ। ତା'ର ମଧ୍ୟ ବହୁତ ଇଚ୍ଛା ହେଲା ସେ ବି ମାଆ ,ବାପାଙ୍କ ସାଥିରେ ତା'ର ଦୋଳିରେ ବସିବ ଓ ହସିବ। ଖୁସି ହେବ ସେମାନଙ୍କ ପରିକା। ସେ ସେଇ ଦୋଳିକୁ ଚାହିଁ ଚାହିଁ ଡାକିଲା: "ମାମା...ମାମା...ବାବା...ବାବା... ।

ଫେରିଲାନି କୌଣସି ପ୍ରତ୍ୟୁତ୍ତର। ଏବେ ଭୟରେ ସେ ଫେରି ଚାହିଁଲା ପଛକୁ। ଦେଖି ପାରିଲାନି ମାଆ, ବାବାଙ୍କୁ ତା'ର। ତା' ମନରେ ଛନକା ପଶିଲା। ଗଳି ପାଖକୁ ଯାଇ, ଭିଡ଼ ପାଖକୁ ଯାଇ ଖୋଜିଲା ମାଆ, ବାବାଙ୍କୁ ତା'ର। କାହିଁ କେଉଁଠି ବି ନ ଥିଲେ ସେମାନେ। ଏବେ ଭୟରେ କାନ୍ଦିବାକୁ ଆରମ୍ଭ କରିଥିଲା ସେ। ଏପାଖସେପାଖ ଦୌଡୁଥିଲା ଭୟରେ। ପାଟିରୁ ଶୁଭୁଥିଲା ମାମା...ମାମା...ବାବା... ବାବା...। ପଡ଼ି ଉଠି ଧାଇଁବାବେଳେ ଦେହସାରା ଲାଗି ସାରିଥିଲା କାଦୁଅର ଛିଟା। ମୁହଁଟି ଲୁହରେ, ଭୟରେ, ଦୁଃଖରେ ଓଦା ଜୁବୁବୁବୁ। କାକୁସ୍ଥ ରୂପ।

ଦୂରରେ ଦିଶିଲା ମନ୍ଦିରଟିଏ। ଲୋକଙ୍କର ପ୍ରବଳ ଭିଡ଼। ସେ କେଉଁ ଏକ ଆଶାରେ ଦୌଡ଼ିଗଲା ସେଇ ମନ୍ଦିର ଯାଏ। ଲୋକଟିଏ ତା'ର ଅବସ୍ଥା ଦେଖି କୋଳେଇ ନେଲା ତାକୁ। ପଚାରିଲା କ'ଣ ହୋଇଛି ପୁଅ। କାହାକୁ ଖୋଜୁଛୁ।

ପିଲାଟି କହିଲା "ମୋ' ମାଆ ...ବାବା...ମା...ମା...ବା...ବା।" ପୁଣି ଶୁଭିଲା ତା'ର କାନ୍ଦ।

ଲୋକଟି ପିଲାର ଅବସ୍ଥା ଦେଖି ତା' ମନ ଭୁଲାଇବା ପାଇଁ ନେଇଗଲା ତାକୁ ସେଇ ବଡ଼ ଚକ୍ରି ଦୋଳି ପାଖକୁ। କହିଲା, "ଦୋଳି ବସିବୁ ପୁଅ?" ପିଲାଟି ସେମିତି କାନ୍ଦି କାନ୍ଦି ମୁହଁ ବୁଲାଇ ଆଣିଲା ପଛକୁ। ତା'ପରେ ସେ ତାକୁ ଭୁଲାଇବା ପାଇଁ ନେଇଗଲେ ସେଇ ସାପ ଖେଳାଉଥିବା ସାପୁଆ କେଳା ପାଖକୁ। ସେପଟେ ତା'ର ଦୃଷ୍ଟି ଆକର୍ଷଣ କରିବାକୁ କହିଲା, "ଏଇ ଦେଖ୍....ଦେଖ୍.... ସାପଟି କେମିତି ବେକ ହଲାଇ ନାଚୁଛି ଦେଖ୍!" ପିଲାଟି କିନ୍ତୁ ଆଖି , ନାକ, କାନ ବନ୍ଦ କରିନେଲା ତା'ର। ତାକୁ ଆଉ ଟିକେ ଆଗକୁ ନେଇ ସେ ଯାଚିଲେ ଫୁଲମାଳ, ଯାହାକି ଏଇ ଘଡ଼ିଏ ପୂର୍ବରୁ ତାକୁ ଖୁବ୍ ଆକର୍ଷିତ କରିଥିଲା। ଏବେ କିନ୍ତୁ ପିଲାଟି ସେପଟକୁ ମୁହଁ ବୁଲାଇ ଚାହିଁଲାନି ମଧ୍ୟ। ଲୋକଟି ଅନ୍ୟ ଉପାୟ ନ ପାଇ ତାକୁ ନେଇଗଲା ସେଇ ବେଲୁନବାଲା ପାଖକୁ। କହିଲା "ଦେଖିଲୁ ଏଇ ଇନ୍ଦ୍ରଧନୁ ପରି ରଙ୍ଗିନ୍ ବେଲୁନ୍‌କୁ ତୋ ପାଇଁ କିଣିବା ନା?" ଏ ପ୍ରଶ୍ନର ଉତ୍ତରରେ ପିଲାଟି କାନ୍ଦି ଉଠିଲା। ଆହୁରି ଅଧିକ ଜୋର୍‌ରେ କହିଲା "...ନା ...ନା ମୋର କିଛି ବି ଲୋଡ଼ା ନାହିଁ। କିଛି ଭଲ ଲାଗେନା ମୋତେ। ମୋତେ କେବଳ ମୋର ମାଆ,ବାପା ଲୋଡ଼ା। ମୋତେ ମୋ ମାମା,ବାବାଙ୍କୁ ଆଣିଦିଅ। ମୋ ମାଆ,...ମୋ ବାପାଙ୍କୁ...!"

ଲୋକଟି କିଛି ଭାବିପାରିଲା ନାହିଁ, କ'ଣ କରିବା ଉଚିତ୍। କେମିତି ତୁନି ହବ ପିଲାଟି। ତାକୁ ମିଠେଇ ଦୋକାନ ପାଖକୁ ନେଇ ପଚାରିଲା, "ଆମ ପୁଅ ମିଠା ଖାଇବ ନା ? କ'ଣ ଖାଇବ? ଗୁଲାବ ଜାମୁନ? ଜିଲାପି? ବର୍‌ଫି?" ପିଲାଟି ବୁଲେଇ ଆଣିଲା ତା'ର ମୁହଁ ସେଇ ତାକୁ ଖାଇବାକୁ ମିଳୁଥିବା ବର୍‌ଫଟି ପାଖରୁ ମଧ୍ୟ ଏବଂ କାନ୍ଦି କାନ୍ଦି ବାରମ୍ବାର କେବଳ ଏତିକି ହିଁ କହୁଥିଲା, "ମୋ ମାମା.... ମୋ...ବାବା...। ମୋ ମାଆଙ୍କୁ ଆଣିଦିଅ। ଆଣିଦିଅ ମୋ ବାବାଙ୍କୁ... ବାବା... ମାମା...ମା...ମା!"■

ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ସେକ୍ଟର ୧୬, ରାଉରକେଲା
ମୋ: ୯୪୩୮୨୫୮୦୬୩

## କ'ଣ ଜାଣିଛ ତୁମେ ?



ମୂଳ ହିନ୍ଦୀ : ନିର୍ମଳା ପୁତୁଲ୍
ଅନୁସୃଜନ : ଡ. ସଂଘମିତ୍ରା ରାଏଗୁରୁ

ଜାଣିଛ!
ପୁରୁଷଠୁ ଭିନ୍ନ ଗୋଟେ ସ୍ତ୍ରୀର ଏକାନ୍ତ ?
ଘର, ପ୍ରେମ ଆଉ ଜାତିଠୁ ଅଲଗା ଗୋଟେ ସ୍ତ୍ରୀକୁ
ଜାଣିଛ ?
ତା' ନିଜସ୍ୱ ଜାଗା ବିଷୟରେ କହିପାରିବ ତୁମେ ?
ବତେଇ ପାରିବ,କାହିଁ କେଉଁ ଯୁଗରୁ ନିଜ ଘର
ଖୋଜୁଥିବା ଅସ୍ତବ୍ୟସ୍ତ ସ୍ତ୍ରୀକୁ ତା' ଘରର ଠିକଣା ?

ଜାଣିଛ !
କଳ୍ପନା କଳ୍ପନାରେ କେମିତି
ଗୋଟିଏ ମୁହୂର୍ତ୍ତରେ
ନିଜକୁ ସ୍ଥାପିତ ଆଉ ବିସ୍ଥାପିତ କରେ ଜଣେ ସ୍ତ୍ରୀ ?
ସ୍ୱପ୍ନରେ ଦଉଡୁଥିବା ଗୋଟେ ସ୍ତ୍ରୀର ପଛେ ପଛେ ଯାଇ
ସମ୍ପର୍କର କୁରୁକ୍ଷେତ୍ରରେ ତାକୁ ନିଜ ସହ ନିଜେ
ଲଢୁଥିବାର ଦେଖିଛ କେବେ ?

ଦେହର ଭୂଗୋଳକୁ ବାଦ୍ ଦେଇ
ସ୍ତ୍ରୀ ମନର ଗଣ୍ଠିଲି ଖୋଲି
କେବେ ପଢ଼ିଛ ତା' ଭିତରର
ଜଳନ୍ତା ଇତିହାସ ?
ପଢ଼ିଛ କେବେ, ନିରବତାର ଏରୁଣ୍ଡିବନ୍ଧରେ ବସି
ଶବ୍ଦର ପ୍ରତୀକ୍ଷାରେ ଥିବା

ତା' ଚେହେରା ?
ତା' ଭିତରେ ବଂଶ ବୀଜ ବୁଣି କେବେ ବି ଅନୁଭବିଛ
ତା' ବିସ୍ତରୁ ଥିବା ଚେରକୁ ନିଜ ଭିତରେ ?

ସ୍ତ୍ରୀର ସମସ୍ତ ସମ୍ପର୍କର
ବ୍ୟାକରଣକୁ ଜାଣିଛ ?
କହିପାରିବ, ସ୍ତ୍ରୀ ଦୃଷ୍ଟିରେ ସ୍ତ୍ରୀକୁ ଦେଖି ସ୍ତ୍ରୀତ୍ୱର
ପରିଭାଷା ?

ଯଦି ନା , ତା' ହେଲେ
ରୋଷେଇ ଆଉ ବିଛଣାର ଗଣିତ ଛଡ଼ା
ଗୋଟେ ସ୍ତ୍ରୀ ବିଷୟରେ କ'ଣ ଜାଣିଛ ତୁମେ ?■



## ତାଙ୍କ ନଜରରେ...

ସେମାନେ ଘୃଣା କରନ୍ତି ମୋତେ
ମୋ' କଳାରଙ୍ଗକୁ ନାକ ଟେକନ୍ତି
ଶରୀର ଗଠନ ଦେଖି ଖୁଣ୍ଟା ଦିଅନ୍ତି
ହସନ୍ତି ମୋ' କଥାବାର୍ତ୍ତା ଶୁଣି

ଆମ ଚାଲିଚଳଣ, ରୀତିନୀତି, ପିନ୍ଧାପିନ୍ଧି...
କିଛି ବି ପସନ୍ଦ ନୁହେଁ ସେମାନଙ୍କୁ
ଜଙ୍ଗଲି,ଅସଭ୍ୟ ପଛୁଆ କହି ତିରସ୍କାର କରନ୍ତି
ଆମର
ଆଉ
ନିଜକୁ ସଭ୍ୟ ଶ୍ରେଷ୍ଠ ଭାବି
ଅସ୍ୱୀକାର କରନ୍ତି ଆମକୁ

ଆମେ ଛୁଇଁଥିବା ପାଣି ପିଅନ୍ତିନି ସେମାନେ
ଆମ ହାତ ତିଆରି ଖାଦ୍ୟ
ରୁଚେ ନାହିଁ ତାଙ୍କୁ
ସେମାନଙ୍କ ଘରେ ଆମ ପ୍ରବେଶ ନିଷେଧ

ଆମ ସହ ରହି ଆମ ଭାଷା ଶିଖିବା ମଞ୍ଜୁର ନୁହେଁ
ତାଙ୍କୁ
ସେମାନେ ଚାହାନ୍ତି,
ତାଙ୍କ ଭାଷା ଶିଖି ଆମେ ତାଙ୍କ ସହ ତାଙ୍କ
ଭାଷାରେ କଥା ହେଉ

ସେମାନେ ତର୍କ ବାଢ଼ନ୍ତି-
ସଭ୍ୟ ହେବା ଲାଗି ଜରୁରି
ତାଙ୍କ ଭାଷାରେ ତାଙ୍କ ପରି କଥାବାର୍ତ୍ତା
କରିବା, ଉଠିବା-ବସିବା, ପିନ୍ଧିବା-
ଲଗେଇବା
ମୋର ସବୁକିଛି ଅରୁଚିକର ତାଙ୍କୁ
ମୁଁ ତାଙ୍କ ଅପ୍ରିୟରେ ଗଣା

ସେମାନଙ୍କୁ କେବଳ ପସନ୍ଦ
ମୋ ଝାଳରେ ଲହଲହଉଥିବା ଫସଲ
ଖେତର ପନିପରିବା
ଜଙ୍ଗଲର ଫୁଲ, ଫଳ, କାଠ
ମୁଁ ପୋଷିଥିବା କୁକୁଡ଼ା ଖୁବ୍ ପ୍ରିୟ ତାଙ୍କର
ମୋ ସୁସ୍ଥ ସବଳ ଦେହ
ମୋ ମାଂସ ପସନ୍ଦ ତାଙ୍କୁ
କିନ୍ତୁ ମୁଁ ତାଙ୍କ ଅପ୍ରିୟରେ ଗଣା ।■

ରାଞ୍ଚି, ଝାଡ଼ଖଣ୍ଡ
ମୋ: ୭୬୯୩୮୮୬୩୫୫

## ପୁସ୍ତକ ଓ ପତ୍ରିକା ପରିଚୟ

### ଉପକଥା

ଚିତ୍ତରଞ୍ଜନ ଚିରଞ୍ଜିତ



ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମର୍କେଟ
କଟକ-୧୨
ପ୍ରଥମ ପ୍ରକାଶନ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ତାଙ୍କ ଗପ ଭିତରେ ପ୍ରସ୍ଫୁଟିତ ହୋଇଉଠିଥାଏ ଜୀବନର ଦର୍ଶନ । ସାଧାରଣ କାହାଣୀ ଭିତରେ ଥାଏ ଅସାଧାରଣ କଥା । ଏଭଳି ମଣିଷ ଜୀବନ ଓ ଚେତନାର ସୂକ୍ଷ୍ମ ଦିଗ ପ୍ରତିଫଳିତ ହୋଇଛି ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଉପକଥା' ପୁସ୍ତକର ଗପଗୁଡ଼ିକରେ । ଏହି ପୁସ୍ତକରେ ତେରଟି ଗଳ୍ପ ସଂକଳିତ ହୋଇଛି । ପ୍ରତିଟି ଗପ ରୋମାଞ୍ଚକର ଓ ନିଆରା ହୋଇଛି । 'ଦଶହାଣ୍ଡି', 'ଜୋତା', 'ବୀତଂସ', 'ଚାରୁ ଚିତ୍ରପଟ', 'ଅଜନ୍ତା', 'ଉପକଥା', 'ସ୍ୱପ୍ନ ପାଇଁ...', 'ଛାୟାଚିତ୍ର', 'ଦୃଶ୍ୟକାବ୍ୟ', 'ଅଦୃଶ୍ୟ ଈଶ୍ୱର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପର ଭାବ ଓ ଆବେଦନ ସ୍ୱତନ୍ତ୍ର । ଅନେକ ସମୟରେ ମନର ଭାବନା ରହିଯାଏ ମନ ଭିତରେ । ମନ ଭିତରର ଅସୁମାରୀ ଭାବପ୍ରବଣତା ଅନେକ ସମୟରେ କିଭଳି ପ୍ରକାଶ କରିହୁଏ ନାହିଁ, ତାହା ବେଶ୍ ଚମତ୍କାର ଭାବେ ଫୁଟି ଉଠିଛି 'ଚାରୁ ଚିତ୍ରପଟ' ଗପରେ । ସୁନ୍ନାମୀର ସୌନ୍ଦର୍ଯ୍ୟ, ପ୍ରେମର ମାଦକତାକୁ ଭୁଲି ପାରିନାହିଁ ଚିନ୍ମୟ । ଏହିପରି ଭାବେ ଏହି ଗପର କାହାଣୀ ଗତିଶୀଳ ହୋଇଛି । ମାନବୀୟ ପ୍ରେମ, ଜୀବନର ସୂକ୍ଷ୍ମ ଅନୁଭବ ଓ ଅନୁଭୂତି, ଜୀବନ ଦର୍ଶନର ଚିତ୍ର ବେଶ୍ ଆକର୍ଷଣୀୟ ବେଶ୍ ଭାବେ ଚିତ୍ରିତ ହୋଇଛି 'ଉପକଥା' ପୁସ୍ତକର ଅନେକ ଗପରେ । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■

### ରେବତୀ

ସଂପାଦିକା: ସୁବାସିନୀ ଜେନା




ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ସାହିତ୍ୟ ଓ ଫିଚରଧର୍ମୀ ମାସିକ ପତ୍ରିକା 'ରେବତୀ'ର ନଭେମ୍ବର ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି । ସଂପାଦିକା ସୁବାସିନୀ ଜେନାଙ୍କ 'ସଂପାଦକୀୟ'ଠାରୁ ଆରମ୍ଭ କରି ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ଲେଖା ଭାବଗର୍ଭକ ଓ ହୃଦୟସ୍ପର୍ଶୀ ହୋଇଛି । ଏହି ସଂଖ୍ୟାରେ ପ୍ରଜ୍ଞାଶ୍ରୀ ରଥଙ୍କ 'କଲ୍ୟାଣମୟୀ କାଳୀ', ଅଜିତ୍ ପାତ୍ରଙ୍କ 'ପବିତ୍ର ପ୍ୟୁଠାନ୍', ବିଜୟ କୁମାର ଜେନାଙ୍କ 'ନିଆରା ନୁଆ', ଦେବଯାନୀ ରାୟଙ୍କ 'ବନ୍ଦନୀୟା ବୈଷ୍ଣବୀ', ଚୈତ୍ରନ୍ୟ ପ୍ରସାଦ ବେହେରାଙ୍କ 'କାଇପଦରର କୀର୍ତ୍ତି', ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ 'ଓଡ଼ିଶୀ କୀର୍ତ୍ତନ' ଆଦି ଆଲେଖ୍ୟଗୁଡ଼ିକ ତଥ୍ୟଭିତ୍ତିକ, ଭାବମୟ ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି । ସେହିପରି ନିରାକାର ଦାସ, ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଗଙ୍ଗାଧର ବିଶ୍ୱାଳ, ଶକ୍ତି ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଚକ୍ରପାଣି ପରିଛା, ପୂରବୀ ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ରବି ଶତପଥୀ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି । ସେଭଳି ଉଦୟ ନାରାୟଣ ଦାସଙ୍କ 'ବାପା', ଘନବିହାରୀ ମହାରଣାଙ୍କ 'ପ୍ରାର୍ଥନାର ପଟ୍ଟଭୂମି', ଯଦୁମଣି ଜେନାଙ୍କ 'ଭଙ୍ଗା ସ୍ୱପ୍ନର ଶବ୍ଦ' ଆଦି ଗପଗୁଡ଼ିକ ମାର୍ମିକ ହୋଇଛି । 'ଚରିତ ଉପନ୍ୟାସ', 'ପୁଷ୍ପବିତାନ', 'ରୋଷେଇଶାଳ' ଆଦି ନିୟମିତ ବିଭାଗଗୁଡ଼ିକ ମଧ୍ୟ ଭଲ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।■

# ହରମାନ୍ ହେସ୍‌ଙ୍କ ସାହିତ୍ୟର ମୂଳଭିତ୍ତି ପରିବର୍ତ୍ତନ ଓ ଆବର୍ତ୍ତନ



ପ୍ରଦୀପ୍ତ ଶ୍ରୀଚନ୍ଦନ

ବହୁ ଚିନ୍ତା ଆଉ ଚେତନାର ଉନ୍ମେଷ ତଥା ଉତ୍ତରଣର ଯୁଗ ହେଉଛି ବିଂଶ ଶତାବ୍ଦୀ । ପୁନଶ୍ଚ ଏହି ଶହେ ବର୍ଷର ସମୟ -ଖଣ୍ଡକୁ ମଧ୍ୟ ସନ୍ଦେହ ଓ ଶଙ୍କାର ଯୁଗ ବୋଲି ପଣ୍ଡିତମାନେ ଅଭିହିତ କରିଥାନ୍ତି। ସେହି କାରଣରୁ ଆଧୁନିକ ସମାଲୋଚନାର ଶୈଳୀ ମଧ୍ୟ ଆଧୁନିକ ଜୀବନଯାପନର ରୀତି ସଦୃଶ ବହୁଧା ବିଭାଜିତ ଏବଂ ବିଭକ୍ତ। ଅତ୍ୟନ୍ତ କଟୁ ଭାବରେ ଜଟିଳ। ତେଣୁ କ୍ୱଚିତ୍ କଳା ସୃଷ୍ଟି ତଥା ତାହାର ସ୍ରଷ୍ଟା ଅଥବା ସାଧକ ନିର୍ଦ୍ୱନ୍ଦ୍ୱରେ ଅବା ନିର୍ବିବାଦରେ ଏହି ଶତକର ବିଶ୍ୱ ବିଚାର ମଞ୍ଚରେ ସାର୍ବଜନୀନ ଶ୍ରଦ୍ଧା ସହିତ ସାଦର ସ୍ୱୀକୃତି ଲାଭ କରିବା ସମ୍ଭବ ଥିଲା।

ମାର୍ଟିନ୍ ଗୁବର୍, ଯୋଶେଫ୍ ମିଲେକ୍, ହାନ୍‌ସ ମେୟର, ଥମାସ୍ ମାନ୍, ଓସ୍କାର ସେଡ୍‌ଲିନ୍ ଏବଂ ଥିଓଡର୍ ଜିଓଲକ୍ୱେସ୍କୀ ପ୍ରମୁଖ ବିଂଶ ଶତକର ବିଶ୍ୱର ପ୍ରଚଣ୍ଡ ପ୍ରତିଭାଧର ସନ୍ଦର୍ଭକାର, ବିଦଗ୍ଧ ତତ୍ତ୍ୱବିତ୍‌ମାନଙ୍କର ଆକଳନ ତଥା ନିର୍ଣ୍ଣୟ ଅନୁସାରେ ଯେଉଁ ସ୍ରଷ୍ଟା କାଳକୁ ଅତିକ୍ରମ କରି ଶତାବ୍ଦୀର ଶ୍ରେଷ୍ଠତ୍ୱ ଲାଭ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ହରମାନ୍ ହେସ୍ ହେଉଛନ୍ତି ଅନ୍ୟତମ। ତେଣୁ ଏହି ମହାରଥୀ ଗଣ ହେସ୍‌ଙ୍କୁ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ସାହିତ୍ୟ ସାଧକ ଭାବରେ ବିଚାର ମଞ୍ଚରେ ଉପସ୍ଥାପିତ କରି ସନ୍ଦର୍ଭ ସମ୍ବଳିତ ଗ୍ରନ୍ଥମାନ ରଚନା କରିଯାଇଛନ୍ତି।

ସ୍ରଷ୍ଟାର ନିଜସ୍ୱ ସ୍ୱାକ୍ଷର ହିଁ ଯେ କୌଣସି ସୃଷ୍ଟିର ଆତ୍ମାରେ ଉତ୍କୀର୍ଣ୍ଣ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ, 'ସିଦ୍ଧାର୍ଥ' ଉପନ୍ୟାସର ସ୍ରଷ୍ଟା - ନୋବେଲ ପୁରସ୍କାର ବିଜେତା ହରମାନ୍ ହେସ୍ ଯେ, ବ୍ୟତିକ୍ରମ ନୁହନ୍ତି, ଏହା ଅତି ସ୍ପଷ୍ଟ ଭାବରେ ପ୍ରତିପନ୍ନ। ସୃଷ୍ଟିର ଆତ୍ମା ସହିତ ସ୍ରଷ୍ଟାର ନିଭୃତ ଆତ୍ମ - ସତ୍ତାର ଏହି ଅବିଚ୍ଛିନ୍ନ ସମ୍ପର୍କ ଜର୍ମାନୀର ସୁପ୍ରସିଦ୍ଧ ସାରସ୍ୱତ ଶିଳ୍ପୀ ହରମାନ୍ ହେସ୍ ଓ ତାଙ୍କର କୃତିଗୁଡ଼ିକର ବିଚାର ପର୍ଯ୍ୟାୟରେ ଆମେ ଲକ୍ଷ୍ୟ କରିପାରିବା । ହେସ୍‌ଙ୍କର ପ୍ରମୁଖ ସୃଷ୍ଟିଗୁଡ଼ିକ ମଧ୍ୟରେ – 'Siddharth', 'Steppenwolf', 'Glass Bead Game', 'Demian', 'The Journey to the East', 'Beneath the Wheel', 'Narcissus and Goldmund' ଆଦିର ମାନ ଆତ୍ମୂଳାନ୍ତ ନିଜସ୍ୱ ଜୀବନ, ଜୀବନର ବହୁ ବିଚିତ୍ର ଅଭିଜ୍ଞତା ଅନୁଭୂତି, ମୌଳିକ ଚିନ୍ତନ ଓ ତାତ୍ତ୍ୱିକ ଅବବୋଧର ଅବିକଳ୍ପ ନିର୍ଯ୍ୟାସ।

ପ୍ରସିଦ୍ଧ ଜର୍ମାନ୍ ବିଦ୍ୱାନ୍ ଥିଓଡର୍ ଜିଓଲକ୍ୱେସ୍କୀ ତାଙ୍କର "The novels of Hermann Hesse: A Study in theme and structure" ଗବେଷଣା ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ହେସ୍ ନୋବେଲ ପୁରସ୍କାର ପାଇଲେ ୧୯୪୯ ମସିହାରେ। ସେଥିପୂର୍ବରୁ ଜର୍ମାନୀ ସାହିତ୍ୟିକ ଭାବରେ ୧୯୨୯ ମସିହାରେ ଥମାସ ମାନ୍ ନୋବେଲ ପୁରସ୍କାର ପାଇଥିଲେ। ହେସ୍‌ଙ୍କୁ ପୁରସ୍କାର ପ୍ରଦାନ କାଳରେ ତାଙ୍କୁ ପ୍ରଦତ୍ତ ପ୍ରଶସ୍ତି ପତ୍ରରେ ଉଲ୍ଲେଖ ଥିଲା – Besides Thomas Mann the best custodian of the German spiritual heritage in contemporary literature.- ଅର୍ଥାତ୍, ଜର୍ମାନୀ ଜାତିର ଆତ୍ମିକ ପରମ୍ପରାଗତ ମୂଲ୍ୟବୋଧର ରକ୍ଷାକର୍ତ୍ତା ଯେ ହେସ୍ ଥିଲେ, ତାହା ସ୍ୱୀଡିଶ୍ ଅକାଦେମୀ ଘୋଷଣା କରିଥିଲେ।" ଏହି ସନ୍ଦର୍ଭରେ ଜିଓଲକ୍ୱେସ୍କୀଙ୍କର ବ୍ୟାଖ୍ୟାର ସାରମର୍ମ ହେଲା, ଦୁଇଟି ତଥ୍ୟ ଯହିଁରୁ ହେସ୍‌ଙ୍କର ସ୍ରଷ୍ଟା ପ୍ରକୃତି ଜ୍ଞାତ ହୋଇପାରିବ- ତାହା ହେଲା (କ) ହେସ୍ କେବଳ ଜର୍ମାନୀର ନୁହେଁ, ଅଧିକନ୍ତୁ ସମଗ୍ର ମାନବ ଜାତିର ପାରମ୍ପରିକ ମୂଲ୍ୟବୋଧରେ ଆସ୍ଥାବାନ ଥିଲେ। (ଖ) ସେ ଥିଲେ ଗତିସ୍ୱାନ୍ ଜ୍ୟୋତିର୍ମୟ ଏକ ସ୍ରଷ୍ଟା ପୁରୁଷ। ପରିବର୍ତ୍ତନ ଏବଂ ଆବର୍ତ୍ତନ ହିଁ ଥିଲା ତାଙ୍କର ସାହିତ୍ୟ ସୃଷ୍ଟିର ମୂଳଭିତ୍ତି। ନିଜର ବ୍ୟକ୍ତିଗତ ସମସ୍ୟା ସମାଧାନର ପୀଠ ଉପରେ ଆସୀନ ରହି ସେ ଜଗତର ସମସ୍ୟାଗୁଡ଼ିକର ଦର୍ଶନ କରିଥିଲେ। ପ୍ରତିଟି ସମସ୍ୟା ତାଙ୍କର ସାହିତ୍ୟରେ ପରିବର୍ତ୍ତିତ ହୋଇଯାଇଥିଲା ଗୋଟିଏ ଗୋଟିଏ ଦ୍ୱନ୍ଦ୍ୱ ସଙ୍କୁଳ ଘଟଣା କ୍ରମରେ।

ଆମେ ସାମଗ୍ରିକ ଭାବରେ ହେସ୍‌ଙ୍କର ସୃଷ୍ଟି ସମ୍ଭାରକୁ ଅନୁଧ୍ୟାନ କଲେ ଅନ୍ୟ ଏକ ଚମତ୍କାର ବିଭାବ ଲକ୍ଷ୍ୟ କରିପାରିବା। ତାହା ହେଉଛି ତାଙ୍କର ବହୁବିଧ ବିଭକ୍ତ ସ୍ରଷ୍ଟା ବ୍ୟକ୍ତିତ୍ୱ। ଅନ୍ୟତମ ସାହିତ୍ୟ ଗବେଷକ ହାନ୍‌ସ ମେୟର୍ ତାଙ୍କର "Hermann Hesse and the age of the feuilletonର" ନିବନ୍ଧରେ ନିଜର ବକ୍ତବ୍ୟ ପ୍ରକାଶ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି - "A new Hesse is said to have appeared in the literary scene around 1919 and it is assumed that very little connects this artist and his themes with the author of the early poems or of the novels." ସେହିପରି ଆଦ୍ୟକାଳର କଳା ସାଧକ (Old Hesse)ଏବଂ ଯୁଦ୍ଧୋତ୍ତର ଯୁଗର ସ୍ରଷ୍ଟା (New Hesse)ଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ହାନ୍‌ସ ୱିଲହେଲମ ଏପେଲସହାଇମରଙ୍କ ଉକ୍ତିକୁ ମଧ୍ୟ ସ୍ମରଣ କରାଯାଇପାରେ। ତାଙ୍କର "Hand book of world literature" ଗ୍ରନ୍ଥରେ ସେ, ହେସ୍ ପ୍ରାରମ୍ଭିକ ରଚନା ପର୍ଯ୍ୟାୟରେ Swabian Romanticism ଦ୍ୱାରା ପ୍ରଭାବିତ କଳାସାଧନାରୁ ପରବର୍ତ୍ତୀ କାଳରେ ଜଣେ ସମସ୍ୟାକ୍ରାନ୍ତ (Problematic)ସାହିତ୍ୟିକ ରୂପରେ ଦେଖାଯାଇଛନ୍ତି ଏବଂ ଉଭୟ କାଳର ହେସ୍‌ଙ୍କ ମଧ୍ୟରେ ସଂପର୍କର ତାର୍କିକ ଭୂମିଟିଏ ଯୁକ୍ତି ସଂକୁଳ ଭାବରେ ତିଷ୍ଠି ରହିଛି ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ପରେ ହେସ୍ ତାଙ୍କର 'Demian' ଉପନ୍ୟାସ ମଧ୍ୟରେ ସ୍ୱକୀୟ ବିଚାରଧାରା, ସ୍ଥିତି ଏବଂ ମତ ସଂପର୍କରେ ସ୍ପଷ୍ଟ କରି ଦେଇଛନ୍ତି। ରଚନାଟିର ଶେଷ ଅଂଶରେ ନାୟକ Demian ତା'ର ବନ୍ଧୁ Sinclairକୁ କହୁଛି – "There will be war x x x. But you will see Sinclair, that this is just the beginning. Perhaps it will become a great war, a very great war. x x x What will you do?" ଥମାସ୍ ମାନ୍ 'Demian'ର ଆମେରିକୀୟ ସଂସ୍କରଣର ପ୍ରସ୍ତାବନା ରଚନା କାଳରେ ଉଲ୍ଲେଖ କରି କହିଛନ୍ତି- ହାନ୍‌ସ ଉପରୋକ୍ତ ପ୍ରଶ୍ନର ଉଚିତ୍ ଉତ୍ତର ଦେଇ ଲେଖିଛନ୍ତି – "Assist the new without sacrificing the old." ପୁନଶ୍ଚ ମାନ୍ ହେସ୍‌ଙ୍କୁ ଏବଂ ତାଙ୍କର ପରିପକ୍ୱ ଚିନ୍ତାଧାରାକୁ ପ୍ରଶଂସା କରି ଉଲ୍ଲେଖ କରିଛନ୍ତି। - "Hesse is an example –may to those who know and love the old man and carry it over into the new".

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ପ୍ରଥମ ମହାଯୁଦ୍ଧ କାଳରେ ହେସ୍ ସାହିତ୍ୟିକ ମାତ୍ର। ଦେଶପ୍ରୀତିର ଉଦ୍ଦାମ ସ୍ରୋତରେ ଭାସିବେ ବୋଲି ମାନବିକତାର କୁଟାଖିଅକୁ ଅସ୍ୱୀକାର କରି ନାହାନ୍ତି। ସ୍ଥିତ ପ୍ରଜ୍ଞତାକୁ ଜଳାଞ୍ଜଳି ନଦେଇ ନବାନୁଗମନର ସ୍ୱାଗତ କରିଛନ୍ତି ସେ। ପୁନଶ୍ଚ ଶାନ୍ତି, ସଦ୍ଭାବ ଓ ମାନବ ପ୍ରେମର ସ୍ୱର ଦୃଢ଼ ଭାବରେ ଉଚ୍ଚାରିତ ହୋଇଛି ତାଙ୍କର ରଚନା ସମୂହରେ। ତେଣୁ ତାଙ୍କର ସିଦ୍ଧାର୍ଥ କହିଛି- "କିନ୍ତୁ ମୁଁ ଭାବେ, ବିଶ୍ୱର ଅସାରତା ପ୍ରତିପାଦନ ନୁହେଁ ବରଂ ବିଶ୍ୱକୁ ଭଲପାଇବା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ।" ସେଇଥିପାଇଁ ଗବେଷକ, ହାନ୍‌ସ ମେୟର ତାଙ୍କର ବକ୍ତବ୍ୟରେ ଦର୍ଶାଇଛନ୍ତି – "These are the words of a European humanist, not an advocate of escapism and contempt of mankind."

ଏହିଭଳି ଭାବରେ ବିଂଶ ଶତାବ୍ଦୀର ମହାନ୍ ତତ୍ତ୍ୱ-ବିଶାରଦଗଣ ସେମାନଙ୍କର ବିଚାର ମଞ୍ଚରେ ହରମାନ୍ ହେସ୍‌ଙ୍କୁ ଜଣେ ସାହିତ୍ୟ ସ୍ରଷ୍ଟା ଭାବରେ, ଜଣେ ମାନବବାଦୀ ଶାନ୍ତିକାମୀ ଚିନ୍ତାନାୟକ ରୂପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆସନରେ ଆସୀନ କରିଛନ୍ତି।■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାରଭାରତୀ
ମୋ: ୮୫୯୪୯୫୦୩୨୪

# ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସମିସ): ଇ-କେୱାଇସି ପ୍ରକ୍ରିୟାର ରାଜ୍ୟ ସରକାର କୌଣସି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିନାହାନ୍ତି। ତେବେ ରାଜ୍ୟରେ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ସରକାର କାଟିଛନ୍ତି। ଏମାନଙ୍କ ମଧ୍ୟରେ ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ରହିଥିଲେ। ସେହିପରି

- ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କଟାଯାଇଛି
- ୬ ଲକ୍ଷ ୩୯୮୨୭ ଜଣଙ୍କୁ ମିଳିଛି ନୂଆ କାର୍ଡ
- ଗରିବ ନୁହେଁ; ସର୍ଭେରେ ଧନୀଙ୍କ କାର୍ଡ କଟିବ

୭୫ ହାଜର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକରଦାତା ରାସନ କାର୍ଡରେ ଚାଉଳ ଉଠାଇଥିଲେ ବୋଲି ଶନିବାର ଗୃହରେ ମୁଲତବୀ ଆଲୋଚନାରେ ଉତ୍ତର ରଖି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି କାର୍ଡ କଟିବା ଦ୍ୱାରା ରାଜ୍ୟ ରାଜକୋଷକୁ ବାର୍ଷିକ ୨୧୦ କୋଟି ଟଙ୍କାର ଆର୍ଥିକ ବୋଝ କମିଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ମନ୍ତ୍ରୀ ସ୍ୱଷ୍ଟୋକ୍ତି ରଖିଛନ୍ତି।

ମୁଲତବୀ ଆଲୋଚନା ଶେଷରେ ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଏବେବି ୧୯ ଲକ୍ଷ ୫୨ ହଜାର ୧୫୩ଟି ପରିବାରର ୩ କୋଟି ୨୭ ଲକ୍ଷ ୮୩ ହଜାର ଲୋକେ ମାସିକ ରାସନ ପାଉଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ନୂଆ ନୁହେଁ। ପୂର୍ବ ସରକାରରେ ମଧ୍ୟ ହିତାଧିକାରୀ ଚିହ୍ନଟ ନାମରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ରାସନ କାର୍ଡ ତାଲିକାରୁ କଟାଯାଇଥିଲା। କିନ୍ତୁ ଗତ ୧୭ ମାସର ସରକାରରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନକାର୍ଡ ପ୍ରଦାନ କରାଯାଉଛି। ରାସନ କାର୍ଡ ପାଇଁ ୧୫ ଲକ୍ଷ ଲୋକେ ଆବେଦନ କରାଯାଇଥିବା ବେଳେ ଏହାକୁ ତର୍ଜମା କରାଯାଇ ଏଯାବତ୍ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ଟାର୍ଗେଟ ଦିଆଯାଇଛି। କେନ୍ଦ୍ରରୁ ଆସିଥିବା ତାଲିକା ଉପରେ ବ୍ଲକ ସ୍ତରରେ ସର୍ଭେ କରାଯିବ। ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ମାସିକ ରୋଜଗାର ମାପଦଣ୍ଡକୁ ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସହରାଞ୍ଚଳରେ ୧୫ ହଜାରରୁ ୨୦ ହାଜର ଟଙ୍କାକୁ ବଢ଼ାଯାଇଛି। ଦଳୀୟ ଆଧାରରେ କାହାର ମଧ୍ୟ ରାସନ କାର୍ଡ କଟାଯିବ ନାହିଁ। ଧନୀ ଲୋକ ଅର୍ଥାତ୍ ସରକାରୀ ଚାକିରୀ କରିଥିବ, ଆୟକର ଦେଉଥିବ, ଚାରିଚକିଆ ଗାଡ଼ି ଚଢୁଥିବ, ବଡ଼ କୋଠାଘର ଥିବ ସେହିମାନଙ୍କର କାର୍ଡ କଟିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି।

**୧୦ ଦିନ ସମୟ ନେଲେ ଜିଲ୍ଲାପାଳ**

# ଦ୍ୱିତୀୟ ଶ୍ରୀକ୍ଷେତ୍ର ସେବାୟତଙ୍କ ଆନ୍ଦୋଳନ ସ୍ଥଗିତ



ବାରିପଦା, ୨୯।୧୧(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ହେଉନଥିବାରୁ ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ ସେମାନେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଡିସେମ୍ବର ପହିଲାରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ଦୀପ ଜାଳି ଆଣ୍ଠେଇ ଆଣ୍ଠେଇ ଅହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି କହିଥିଲେ। ତେବେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ସେବାୟତଙ୍କ ସହ ନିଜ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ୧୦ ଦିନ ସମୟ ମାଗିଥିବାରୁ ସେବାୟତମାନେ ସେମାନଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି।

ବଡ଼ ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ରାଜାରାଜୁଡ଼ା ସମୟରେ ପ୍ରଦତ୍ତ ଜମିର ସଠିକ୍ ପରିଚାଳନା, ମନ୍ଦିର ପରିଚାଳନାରେ ଆର୍ଥିକ ସମସ୍ୟା ଦୂର, ୧ ହଜାର ଏକର ଜମିରେ କାଜୁ ଚାଷ ପାଇଁ ନିଲାମର ଲିଜ୍‌କୁ ନବୀକରଣ, ଦେବତ୍ତୋର ବିଭାଗରେ ଦେଢ଼ କୋଟି ଟଙ୍କା ଅଭାବ ପାଇଁ ବାରମ୍ବାର ଠାକୁରଙ୍କ ରୀତିନୀତିରେ ବାଧା ଉପୁଜିବା, ଦେବତ୍ତୋର ବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ, ମନ୍ଦିର ପାଇଁ ସ୍ଥାୟୀ ଅଫିସର ଓ ଅଧିକ ସେବାୟତ ନିଯୁକ୍ତି, ମନ୍ଦିର ପରିଚାଳନା ପାଇଁ ୫୦କୋଟିର ଅନୁଦାନ ପ୍ରଦାନ ଆଦି ଦାବି ସମ୍ବନ୍ଧରେ ସେବାୟତମାନେ ଜିଲ୍ଲାପାଳ ଶ୍ରୀ ସଏଙ୍କ ସହ ଆଲୋଚନା କରିଥିଲେ।

ଏହି ଆଲୋଚନାରେ ଦେବୋତ୍ତର ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ, ପୂଜକ ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଚଣ୍ଡୀ ପ୍ରସାଦ ଦାଶ, ପ୍ରଦୀପ କୁମାର ପଣ୍ଡା, ସେବାୟତ ଅମିତ କୁମାର ମିଶ୍ର ଓ ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ନାଁରେ ବିବାଦୀୟ ଟିପ୍ପଣୀ**

# ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ,୨୯।୧୧(ସମିସ): ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରକୁ ନେଇ ଦେଇଥିବା ବିବାଦୀୟ ଟିପ୍ପଣୀ ଲାଗି ତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ଏ ନେଇ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ, ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ



କରିପାରନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭୁଲ୍‌ରେ ମଧ୍ୟ କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିରକୁ ଯିବ ନାହିଁ। ସମ୍ପର୍କକୁ ବଞ୍ଚାଇବାକୁ ଚାହୁଁଥିଲେ ଏହା କରନ୍ତୁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଶ୍ରୀଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବେ ନାହିଁ। ଶୁଭଙ୍କରଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି ଯେ, ଜଣେ ଏତେ ଉଚ୍ଚଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ସମ୍ପର୍କରେ ଏଭଳି ବିଭ୍ରାନ୍ତିକର ଓ ତଥ୍ୟହୀନ ଟିପ୍ପଣୀ ଦେଇପାରିଲେ? ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ପ୍ରଚାରପ୍ରସାର ସବ୍ କମିଟିରେ ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ ଓ ଭୁଲ୍ ତଥ୍ୟ ଦେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଜନା କରାଯାଉଛି। ଶୁଭଙ୍କର ମିଶ୍ରାଙ୍କର ଟିପ୍ପଣୀକୁ ନେଇ ତର୍ଜମା କରାଯାଉଛି। ଏହା ଗୁଜବ ନା ସତ୍ୟ ତାହାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଉଛି। ଯଦି ସେ ଏଭଳି ମନ୍ତବ୍ୟ ଦେଇଥା'ନ୍ତି ଓ କମିଟି ରିପୋର୍ଟ ଦିଅନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାରବସ୍ 'ଏ-୩୨୦'କୁ...

ଉଡ଼ାଣ ବାତିଲ ହୋଇ ଯାଇଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଲୋକେ ଯାତ୍ରା ନ କରିପାରି ବିମାନବନ୍ଦରରେ ଅଟକି ରହିଛନ୍ତି। ଏହି କାରଣରୁ ଭାରତରେ ଅନେକ ବିମାନ ୬୦ରୁ ୯୦ ମିନିଟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଅନେକ ଏ୩୨୦ ସିରିଜର ବିମାନ ରହିଛି। ଏହି ସବୁ କମ୍ପାନୀର ୩୩୮ ବିମାନ ଯାନ୍ତ୍ରିକ ସମସ୍ୟାରେ ପ୍ରଭାବିତ ହୋଇଛି। ଏହି ବିମାନକୁ ନେଇ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଅନୁଯାୟୀ, ଶନିବାର ସକାଳ ୧୦ଟା ସୁଦ୍ଧା ୧୮୯ଟି ଏ୩୨୦ ବିମାନର ସଫ୍ଟୱେରକୁ ଅପଗ୍ରେଡ୍ କରାଗଲାଣି। ଶନିବାର ସକାଳ ୫ଟା ୨୯ ସୁଦ୍ଧା ସବୁ ପ୍ରଭାବିତ ବିମାନର ଅପ୍‌ଗ୍ରେଡେସନ ଶେଷ ହେବ ବୋଲି ଆଶା କରାଯାଉଛି।

ୟୁରୋପିଆନ ୟୁନିୟନ ଆଭିଏସନ ସେଫ୍ଟି ଏଜେନ୍ସି (ଇଏଏସଏ) ପକ୍ଷରୁ ଶୁକ୍ରବାର ଏମର୍ଜେନ୍ସି ଏୟାରୱର୍ଦ୍ଦିନେସ ଡାଇରେକ୍ଟିଭ (ଇଏଡି) ଜାରି କରାଯାଇଥିଲା। ଯାତ୍ରୀ ବିମାନ ଆରମ୍ଭ କରିବା ପୂର୍ବରୁ ଏହି ବିମାନର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୁହାଯାଇଥିଲା ଯେ ଅକ୍ଟୋବର ୩୦ ତାରିଖରେ ଆମେରିକା ଏୟାରଲାଇନ ଜେଟ୍‌ବ୍ଲୁର ଏକ ବିମାନ ୩୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଅଚାନକ ତଳକୁ ଖସି ଆସିଥିଲା। ଏହି ଅଘଟଣରେ ୧୫ ଜଣ ଆହତ ହୋଇଥିଲେ। ଫଳରେ ବିମାନକୁ ଫ୍ଲୋରିଡ଼ାର ଟାମ୍ପା ବିମାନବନ୍ଦରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏକ ଇଏଲଏସି ଖରାପ ଥିବାରୁ ଏପରି ହୋଇଥିବା ଜଣାପଡ଼ିଥିଲା। ଏଥିଯୋଗୁଁ ଏୟାରବସ ସବୁ ଏୟାରଲାଇନ ଅପରେଟରଙ୍କୁ ନିଜ ବିମାନରେ ଇଏଲଏସି ଲଗାଇବାକୁ କହିଛି। ଏହା ବିମାନକୁ ନିୟନ୍ତ୍ରଣ କରୁଥିବା କମ୍ପ୍ୟୁଟର। ଏହାକୁ ଫ୍ଲାଇଟ କଣ୍ଟ୍ରୋଲ କୁହାଯାଇଥାଏ। ଏହା ପାଇଲଟଙ୍କ ନିର୍ଦ୍ଦେଶକୁ କଣ୍ଟ୍ରୋଲ ସିଷ୍ଟମ ପର୍ଯ୍ୟନ୍ତ ପହଞ୍ଚାଇ ଥାଏ। ବିମାନକୁ ମୋଡ଼ିବାରେ ସହାୟକ ହୋଇଥାଏ। ଏ୩୨୦ ସିରିଜର ବିମାନ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହେଉଥିବା ସିଙ୍ଗଲ-ଆଇଲ ପ୍ଲେନ। ଏହି ସିରିଜରେ ଏ୩୧୯, ଏ୩୨୦ସିଇଓ ଏବଂ ନିଓ, ଏ୩୨୧ ସିଇଓ ଏବଂ ଏ୩୨୧ ନିଓ ସାମିଲ ରହିଛି।

### ଗୁଣ୍ଡିଚା ମନ୍ଦିରରେ...

କିଛି ନିର୍ମାଣ ଜେସିବି ଭାଙ୍ଗୁଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ଭାଙ୍ଗିବାକୁ ତୀବ୍ର ବିରୋଧ କରିଛନ୍ତି। ଯଦି ଆବଶ୍ୟକ ଥିଲା ତେବେ ଶ୍ରମିକ ଲଗାଇ ଛେଣି, ହାତୁଡ଼ି କିମ୍ବା ଅନ୍ୟ ଯନ୍ତ୍ରାଂଶରେ ଭଙ୍ଗା ଯାଇପାରିଥା'ନ୍ତା। କିନ୍ତୁ ତାହା ନ କରି ଜେସିବି ବ୍ୟବହାର କରିଛନ୍ତି। ପୂର୍ବ ସରକାର ସମୟରେ ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିର ବାହାରେ ଜେସିବି ବ୍ୟବହାର କରାଯାଉଥିବା ବେଳେ ଏହାକୁ ଅନେକ ବ୍ୟକ୍ତି ହୋ-ହଲ୍ଲା କରିଥିଲେ। ମନ୍ଦିର ଭୁଶୁଡ଼ି ପଡ଼ିବ ଏବଂ ଭାଙ୍ଗିଯିବ କହି ଧାରଣା ଦେଇଥିଲେ। ହେଲେ ଆଜି ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ଭାଙ୍ଗୁଥିବାବେଳେ ସେମାନେ ନିରବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ସେହିପରି ବୁଦ୍ଧିଜୀବୀ ମହେନ୍ଦ୍ର ବିଶୋଇ କହିଛନ୍ତି, ଶହଶହ ବର୍ଷର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜନ୍ମସ୍ଥଳୀ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଜେସିବି ମେସିନ୍ ଦ୍ୱାରା ବିଭିନ୍ନ ଖନନ ତଥା ଭଙ୍ଗା କାର୍ଯ୍ୟ ଭକ୍ତ ସମାଜକୁ ଗଭୀର ଆଘାତ ଦେଉଛି। ମନ୍ଦିର ପରିସରରେ ଯଦି କୌଣସି ମରାମତି କିମ୍ବା ଉଚ୍ଛେଦର ଆବଶ୍ୟକତା ଅଛି ତାକୁ ଅଭିଜ୍ଞ କୁଶଳୀ ଶ୍ରମିକଙ୍କ ଦ୍ୱାରା କରାଯାଉ। କିନ୍ତୁ ମନ୍ଦିର ଭିତରେ ଜେସିବି ମେସିନ ପୂରାଇ ପ୍ରଚଣ୍ଡ ଶବ୍ଦ କରି ଭଙ୍ଗାରୁଜା କରିବା ସହଜରେ ଗ୍ରହଣ କରିହେଉନି। ଏହାସହିତ ଏଭଳି କାର୍ଯ୍ୟ ସମୟରେ ମନ୍ଦିର, ପୁରାତନ କୀର୍ତ୍ତିରାଜି ତଥା ପ୍ରାଚୀନ ଐତିହ୍ୟସମ୍ପନ୍ନ ମୂର୍ତ୍ତିଗୁଡ଼ିକ ଯେଭଳି ଅକ୍ଷୁଣ୍ଣ ରହେ ସେ ଦିଗରେ ପ୍ରଶାସନ ସତର୍କ ରହିବା ଆବଶ୍ୟକ। ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ କାର୍ଯ୍ୟ ସମୟରେ ବଡ଼ ଦେଉଳ ବାହାରେ ଉଚ୍ଛେଦ ଏବଂ ଖନନ କାର୍ଯ୍ୟରେ ଜେସିବି ମେସିନର ବ୍ୟବହାରକୁ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ମାତ୍ର ଏବେ ଗୁଣ୍ଡିଚା ମନ୍ଦିର ଭିତରେ ମେସିନ ଲଗାଇ କିଭଳି ଭଙ୍ଗାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଛନ୍ତି ଶ୍ରୀ ବିଶୋଇ।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ଗୁଣ୍ଡିଚା ମନ୍ଦିରରେ ପୁନରୁଦ୍ଧାର କାମ ଚାଲିଛି। ରୋଷଘର ପଛପଟ ତୁଣିଆ ମାଲ, ବଲ୍ଲଭ ଘର ଭଙ୍ଗାଯାଉଛି। ରଥଯାତ୍ରା ପୂର୍ବରୁ ଏହି ନବୀକରଣ କାମ ସାରିବାକୁ ଲକ୍ଷ୍ୟ ରହିଛି। ତେବେ ଶ୍ରମିକ ଲଗାଇ ଭାଙ୍ଗିବାକୁ ଉଦ୍ୟମ ହୋଇଥିଲା। କିନ୍ତୁ ସେମାନେ ଭାଙ୍ଗି ନ ପାରିବାରୁ ଜେସିବି ଲାଗିଛି ବୋଲି ଶ୍ରୀ ସାହୁ କହିଛନ୍ତି।

### ସଂସ୍କୃତିକୁ ଆମେ...

ଅନ୍ୟତମ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣରେ ଯୋଗଦେଇ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର, ସମାଜ ଚିନ୍ତକ ତଥା ଶବ୍ଦର ଯାଦୁକର ପଦ୍ମଭୂଷଣ ଜାଭେଦ ଅଖତର୍ ଆଜି ଏହା କହିଛନ୍ତି।

ଏହି ଅବସରରେ ଅଖତର୍‌ଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନସ୍ୱରୂପ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ନିମନ୍ତେ ଆମନ୍ତ୍ରିତ କରାଯିବା ତାଙ୍କ ପାଇଁ ଏକ ସମ୍ମାନ ବୋଲି ସମ୍ବର୍ଦ୍ଧିତ ହେବା ପରିପ୍ରେକ୍ଷୀରେ ଅଖତର୍ କହିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଦୁଇଦିନିଆ ଏହି ସୋଆ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଯଦିଓ ବୈଷୟିକ ଜ୍ଞାନକୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି, ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନସ୍ଥାପନ କରିପାରିବ ନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା, ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କ ସହ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖତର୍ କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ। ଏହାକୁ ଆମେ କିଭଳି ବ୍ୟବହାର କରୁଛୁ, ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ। ଏଆଇରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା, ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି, ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ'ଣ ଘଟିବ, ତାହା ଆମେ ଏବେଠାରୁ କହିପାରିବା ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ(ପ୍ରାଚୀନ) ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଉତ୍ସବରେ ସାରା ଦେଶରୁ ୧୦୦ ରୁ ଉର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ, ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

ଚଳିତବର୍ଷ ଉତ୍ସବର ପ୍ରସଙ୍ଗଟି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଅର୍ଥାତ୍ 'ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା' ରହିଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର୍ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରୋଳଦାସ ମହାଭାରଥ'ର ଦୁଇଟି ସଭାପର୍ବ ଏବଂ ମଧ୍ୟ ପର୍ବ ଉନ୍ମୋଚିତ ହୋଇଥିଲା।

ସୂଚନାଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ, ସର୍ଜନଶୀଳ ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଥିବା ବେଳେ ଚଳିତବର୍ଷ ପଦ୍ମଭୂଷଣ ଜାଭେଦ ଅଖତର୍‌ଙ୍କୁ ପ୍ରଦାନ କରାଯାଇଛି।

### ବିଧାନସଭାରେ ରାସନ...

ଆକ୍ରମଣ କରି ରାସନ କାର୍ଡ ଇ-କେୱାଇସି, ସର୍ଭେ ପ୍ରକ୍ରିୟା ହିତାଧିକାରୀଙ୍କୁ କାଟିବା ପାଇଁ ନୁହେଁ; ବରଂ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ ଦୁର୍ନୀତି ରୋକିବାର ପଦକ୍ଷେପ ବୋଲି ଯୁକ୍ତି ବାଢ଼ିଛନ୍ତି।

ବିଜେଡି ପକ୍ଷରୁ ଆଗତ ଏହି ସମ୍ପର୍କିତ ଏକ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ରାସନ କାର୍ଡ ସର୍ଭେ ନାଁ ରେ ଖାଦ୍ୟ ସୁରକ୍ଷା ଯୋଜନାର ଗରିବ ହିତାଧିକାରୀଙ୍କୁ କାଟି ଦେଉଛନ୍ତି। ଏହି ମଧ୍ୟରେ ଜିଲ୍ଲାପାଳ ମାନଙ୍କୁ ଦୁଇଟି ଚିଠି ଯାଇଛି । ସେଥିରେ ଯେଉଁ ୬ଟି ମାନଦଣ୍ଡ ରଖାଯାଇଛି, ସେଥିରୁ ୩ଟି ଆଦୌ ଗ୍ରହଣୀୟ ନୁହେଁ। ୬ ମାସରୁ ଅଧିକ ସମୟ ଚାଉଳ ଉଠାଇନଥିଲେ, ୧ ହେକ୍ଟର(୨.୪୭ ଏକର)ରୁ ଅଧିକ ଜମି ଥିଲେ ଏବଂ ବାର୍ଷିକ ୧ ଲକ୍ଷ ୨୦ ହଜାର କିମ୍ବା ମାସିକ ୧୦ ହଜାର ଆୟ ଥିଲେ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ୪ ଲକ୍ଷ ୭୪ ହଜାର ୯୭୪ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେଉଛନ୍ତି। ଆହୁରି ୩୯ ଲକ୍ଷ କରିବେ । ୧୦ ପ୍ରତିଶତ ଲୋକଙ୍କ କାର୍ଡ ଏ ସରକାର କାଟି ସାରିଲେଣି। ଜଣେ ଲୋକ ସୁଭଦ୍ରା ଯୋଜନା ବାବଦକୁ ଅର୍ଥ ପାଉଥିଲେ କିମ୍ବା କୌଣସି ଋଣ କରି ଆୟକର ରିଟର୍ଣ୍ଣ ଫାଇଲ କରିଥିଲେ ରାସନ୍ କାର୍ଡ କଟିଯିବା କଥା କହୁଛନ୍ତି। ଧାନ ବିକ୍ରି କରି ଆୟ କରିଥିବା ଲୋକଙ୍କ କାର୍ଡ କଟିଯିବ କି, ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ । ଲୋକଙ୍କୁ କୃତ୍ରିମ ଧନୀ କରି ସରକାର ଚାଉଳ କାଟି ଦେଉଛନ୍ତି । ଚାଷୀଙ୍କ ପେଟରେ ଲାତ ମାରିବା ପାଇଁ ଯୋଜନା ହୋଇଛି । ଗରିବ ମାରଣ ନୀତିର ଜବାବ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଯାଇଥିବା ଚିଠି କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ନିଜର କାର୍ଡକୁ ନେଇ ଗାଁ ଗହଳିର ଲୋକେ ଏବେ ସଂଶୟ ମଧ୍ୟରେ ଅଛନ୍ତି। ନୂଆ ସରକାର ଆସିବା ପରେ ଭୂତ ହିତାଧିକାରୀ କହି କିଛି ଲୋକଙ୍କ କାର୍ଡ କାଟିଲେ। ୧୫ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଗୋଟେ ଟେ ସରକାର ଚାଷୀଙ୍କ ଆୟବୃଦ୍ଧି କଥା କହୁଛନ୍ତି। ମହିଳା ସଶକ୍ତିକରଣ କଥା କହୁଛନ୍ତି। ମାତ୍ର ଅନ୍ୟପଟେ ମାନଦଣ୍ଡର ଆଳ ଦେଖାଇ ସେମାନଙ୍କ କାର୍ଡ କାଟିବାର ଯୋଜନା କରାଯାଉଛି। ମନ୍ତ୍ରୀ ସ୍ପଷ୍ଟ କରନ୍ତୁ କିଏ ଯୋଗ୍ୟ, କିଏ ଅଯୋଗ୍ୟ। ଏଫସିଆଇ ଚାଉଳ ନ ଉଠାଇବା ଆଉ କେନ୍ଦ୍ରୀୟ ଅନୁଦାନ କମିବା ଅଳରେ ସରକାର ରାସନ୍ କାର୍ଡ କାଟି ଦେବା ପାଇଁ ମସୁଧା ନୁହେଁ ତ ବୋଲି କହିଥିଲେ। ସେହିଭଳି କଂଗ୍ରେସ ବିଧାୟକ ଅଶୋକ ଦାସ ଓ ସି ଏସ ରାଜନ୍ ଏକ୍କା ରାସନ୍ କାର୍ଡ ମାୟା ଜାଲରେ ଗରିବ ଛନ୍ଦି ହୋଇଛନ୍ତି ବୋଲି କହି ଉଦବେଗ ପ୍ରକାଶ କରିଥିଲେ। ମାନଦଣ୍ଡ ଆଳ ଦେଖାଇ ରାଜ୍ୟ ସରକାର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାର ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଉଭୟେ କ୍ଷୋଭକ୍ତି ପ୍ରକାଶ କରିଥିଲେ।

ବିଜେପି ପକ୍ଷରୁ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆମର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ବିରୋଧୀଙ୍କ ଅଭିଯୋଗ କୁ ଖଣ୍ଡନ କରିବା ସହ ପାଲଟା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ ୨୦୨୪ ଜୁନ ମାସଠାରୁ ରାଜ୍ୟ ସରକାର ପ୍ରାୟ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରକୁ ପ୍ରତିମାସରେ ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ହିତାଧିକାରୀଙ୍କ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ଲକ୍ଷ କାର୍ଡ କାଟି ଦେଇଥିଲେ। ମାତ୍ର ଆମ ସରକାର ଆସିବା ପରଠାରୁ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତା ରକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଇ-କେୱାଇସି କରୁଛନ୍ତି ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

**AFFIDAVIT**
By virtue of an affidavit sworn before Executive Magistrate, Rayagada, vide No. 1100 dated. 29/11/2025, I, **Kumari Sunita Pujhari**, aged about 30 years, D/o- Nityananda Pujhari, resident of At- Pitamahal, PO.- Pitamahal, PS.- Seskhal, Tahasil/ Dist.- Rayagada, Pin- 765002, Odisha, declare that I have changed my name from **Sasmita Behera to Kumari Sunita Pujhari**. Henceforth, I shall be known as **Kumari Sunita Pujhari** for all purposes.
**Kumari Sunita Pujhari**

**AFFIDAVIT**
I, RAHUL RAY, aged about 26 years, S/o- Hari Kumar Ray resident of Indranagar At/PO: Mandosil, PS: Paikmal, Dist.: Bargarh, Odisha, PIN-768050, declared by this Affidavit No.: 1732/2025, Dated: 26.11.2025. That now onwards I shall be known as for all future **RAHUL KUMAR RAY** for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated 28/11/2025, CF No.- 50/28.11.2025. I, Pinki Senapati D/O Prakash Senapati, Plot No-1637, Community Center-8, Back side of Bharatpur, Dist.- Khordha, Pin- 751029, declare that I have changed the name of my daughter from Subhashree Senapati to Manasha Chakraborty. Henceforth, she shall be known as new name Manasha Chakraborty for all purposes.
**Pinki Senapati**

**AFFIDAVIT**
**I, Pravir Kumar Satpathy,** S/o.: Late Pravakar Satapathy resident of N/2-122 IRC Village, P.S.: Nayapalli, Bhubaneswar, Dist.: Khurda, PIN-751015, Odisha declare by this affidavit No. 400, Dtd.28.11.2025 that now onwards I shall be known as **PRAVIR KUMAR SATAPATHY** for all future purposes.

**AFFIDAVIT**
I, Simadri Rajalakshmi Patra, aged about 58 years, W/o- Sri Raj Kishore Patra, resident of Mahabir Residency, Kantabanji, PO/PS-Kantabanji, Dist- Balangir, PIN-767039, Odisha declared by this affidavit No. 1146, dtd-30/09/2025 that now onwards I shall be known as Rajlaxmi Patra for all future purposes.

**AFFIDAVIT**
By virtue of an affidavit before the Notary Public, Koraput, I, D Abinash Dora, residing at Police Camp, Sunabeda, Dist: Koraput, Odisha, do hereby declare that my correct name is D Abinash Dora, as per my Aadhaar, PAN and academic certificates. But in my Passport, mentioned as Domti Abinash Dora, where "D" stands for Domti. I hereby declare that I shall be known as D Abinash Dora for all purposes.
**D Abinash Dora**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit sworn before the Executive Magistrate, Jajpur No 11806 dated 27/11/2025. I ANINDITA PADHI, W/O- Prasanta Kumar Padhi resident of Belarpur, Debidwar, Jajpur declare that I have changed my name From Anindita Rath to Anindita Padhi .Hence I will be known as Anindita Padhi for all purposes.

**DISTRICT PROJECT OFFICE, NUAPADA**
**SAMAGRA SHIKSHA**
At/PO/Dist-Nuapada (Behind Mini Stadium), Odisha-766105.
Phone & Fax: 06678-225121 (MIS) / 225295(OFF)
e-Mail: dpcnuapadassa.opepa@nic.in
No. 3404/IV/34/25/PLG/25, Date- 29.11.202

**NOTICE INVITING TENDER (NIT) FOR SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders under two bid systems (Technical & Financial Bid) are invited from reputed firms / agency/ individuals having valid GST Registration Number, IT clearance and valid PAN for printing & supply of "Identity Cards and Badges for Teachers and Students of PM-SHRI Schools for the year 2025-26".

| Name of the Tender | Bid processing fees (Rs.) | Amount of EMD (Rs.) | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Identity Card and PM SHRI Badge for the students and teachers of 08 nos of PMSHRI Schools | Rs.2000/- | Rs. 16480/- | 15.12.25, 5.00 AM | 16.12.25, 11.00 AM |

The Bid documents (tender papers) containing detailed specification with terms and conditions can only be downloaded from the district website i.e. https://nuapada.odisha.gov.in and OSEPA website https://osepa.odisha.gov.in.Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By order of Collector-cum-Chairman
District Education Officer-cum-DPC
Samagra Shiksha, Nuapada

**Women's College, Rayagada**
Gautam Nagar, Po/Dist.: Rayagada-765001
E-Mail ID: womenscollegergd@gmail.com , Ph. No. 06856453864
No. 551/WCR/25, Date- 28.11.2025
**Walk-In-Interview**

A walk-in-interview for engagement of various non-teaching posts in Women's College, Rayagada will be held on 17.12.2025 at 11:00 AM in the College premises.

| Sl No. | Posts | Minimum Qualification |
|---|---|---|
| 1 | Laboratory Bearer in Zoology (01) | 10th Pass |
| 2 | Laboratory Bearer in Physics (01) | 10th Pass |
| 3 | Peon(02) | 10th Pass |
| 4 | Sweeper(02) | 8th Pass |

Interested candidates should attend the interview with filled in Bio-data Proforma, all relevant documents in original; self attested photocopies and two Passport size photos. The Maximum age limit shall be 42 years and 5 years relaxation shall be given to SC/ST/Women and 3 years to SEBC and 10 years to PwDs. No TA/DA shall be paid for attending the interview.

The above mentioned posts are in self finance mode and no financial and non-financial support or grant of any nature will be extended to them from the Government in future.

Principal-cum-Secretary
Governing Body, Women's College, Rayagada





# ବେତ ମାଣର ଜାଗା ନେଉଛି ବ୍ରାଇଡାଲ୍ ମାଣ

ଭୁବନେଶ୍ୱର, ୨୯ ।୧୧(ସମିସ): ଉତ୍କଳୀୟ ପରମ୍ପରାରେ ପ୍ରତିଟି ପୂଜା ପର୍ବର ସ୍ୱତନ୍ତ୍ର ପ୍ରାଧାନ୍ୟ ରହିଛି । ଠିକ୍ ଏହିପରି ମଧ୍ୟ ମାର୍ଗଶୀର ମାସ ଗୁରୁବାରରେ ମା ଲକ୍ଷ୍ମୀଙ୍କୁ ଆବାହନ କରାଯାଏ । ଏଥିପାଇଁ ପ୍ରତି ଘରେ ମାସର ଯେ କୌଣସି ଗୁରୁବାରରେ ମାଣ ମାଧ୍ୟମରେ ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା ହୋଇଥାଏ । ପୂର୍ବରୁ ବେତରେ ତିଆରି ହେଉଥିବା ମାଣ ପ୍ରତିଘରେ ଦେଖିବାକୁ ମିଳୁଥିଲା ହେଲେ ଏବେ ଏହି ମାଣର ଚାହିଦା ଆଉ ନାହିଁ । ଲୋକମାନେ ଏବେ କଂସା, ପିତ୍ତଳ ଆଦିରେ ତିଆରି ହୋଇଥିବା ମାଣରେ ମାଣ ବସାଯାଉଛି । ଫଳରେ ଦିନକୁ ଦିନ ବେତ ମାଣର ଗୁରୁତ୍ୱ କମିଯାଉଛି । ଏଥିସହିତ ବେତ ମାଣ ଶିଘ୍ର ଉଇ ଲାଗିବା ସହ ପୋକ କାଟୁଥିବାରୁ ଲୋକମାନେ ପିତ୍ତଳ ମାଣକୁ ଅଧିକ ପସନ୍ଦ କରୁଛନ୍ତି । ବର୍ଷ ବର୍ଷ ପଡ଼ି ରହିଲେ ମଧ୍ୟ ଏହି ମାଣକୁ ପୋକ କାଟିବ ନାହିଁ କି ମଧ୍ୟ ଲାଗିବ ନାହିଁ ଯେଉଁଥିପାଇଁ ଏହି ମାଣ ଏବେ ସମସ୍ତଙ୍କ ପସନ୍ଦ ପାଲଟିଛି ।

ରାଜଧାନୀରେ ମଧ୍ୟ ମାଣବସାର ଗୁରୁତ୍ୱ ରହିଛି । ମହିଳାଙ୍କ ଚାହିଦାକୁ ଦେଖି ୟୁନିଟ୍-୧ରେ ଦୋକାନୀମାନେ ଗୁଜୁରାଟ ସମେତ ଅନ୍ୟ ରାଜ୍ୟରୁ



ପିତ୍ତଳ, କଂସା ମାଣ ଆଣିଛନ୍ତି । ପିତ୍ତଳ ମାଣରେ ମା ଲକ୍ଷ୍ମୀଙ୍କ ମୂର୍ତ୍ତି ରହିଛି । ମାଣରେ ଧାନ ଦେଇ ସାଲୁକନା ଘୋଡ଼ାଇଲେ ତାହା ବ୍ରାଇଡ଼ାଲ ପରି ରହିବ । ଫଳରେ ଲୋକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି । ଏହି ମାଣ ଶହେ ଗ୍ରାମରୁ ନେଇ ଏକ କେଜି ପର୍ଯ୍ୟନ୍ତ ରହିଛି । ପିତ୍ତଳ ମାଣର ଦର ୨୫୦ ଟଙ୍କାରୁ ଆରମ୍ଭ ହୋଇ ୨୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଠିକ୍ ଏହିପରି ୟୁନିଟ୍ ୨ ମାର୍କେଟ ବିଲ୍ଡିଂ ପଟେ କାରିଗରମାନେ ବେତରେ ମାଣ ତିଆରି କରିଛନ୍ତି । ହେଲେ ଏହି ବେତ ମାଣ ୧ କେଜିରୁ ନେଇ ୨୫୦ ଗ୍ରାମ ପର୍ଯ୍ୟନ୍ତ ରହିଛି । ଏହାର ଦର ୩୦୦ ଟଙ୍କାରୁ ଆରମ୍ଭ ହୋଇ ୧୫୦ ଟଙ୍କା ଭିତରେ ରହୁଛି । ବେତ ମାଣର ଦର କମ୍ ଏବଂ ତିଆରି କରିବା ପାଇଁ ତିନିଘଣ୍ଟା ସମୟ ଲାଗୁଛି । ହେଲେ କମ ଦର ଥିଲେ ବି ଲୋକମାନେ କିଣିବା ପାଇଁ କୁଣ୍ଠକୁଣ୍ଠ ହେଉଛନ୍ତି ।

ପରମ୍ପରା ଅନୁସାରେ ବେତ ମାଣରେ ମାଣ ବସିବା କଥା ହେଲେ ଏବେ ବେତ ମାଣକୁ ପୋକ କାଟିଦଉଛନ୍ତି ଏବେ ଉଇ ଲାଗୁଛି । ଯେଉଁଥିପାଇଁ ପିତ୍ତଳମାଣ ପସନ୍ଦ ବୋଲି ସୁନ୍ଦରପଦାର ସ୍ୱାଗତିକା ରଥ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଘରେ ବେତ ମାଣ ସହିତ ପିତ୍ତଳ ମାଣ ରହିଛି; ହେଲେ ବେତ ମାଣ ପୁରୁଣା ହେବା ସହ



ପୋକ କାଟିଦେଉଛନ୍ତି । ଏଥିପାଇଁ ସେ ପିତ୍ତଳ ମାଣ କିଣିବାକୁ ଆସିଛନ୍ତି ବୋଲି କହିଛନ୍ତି ।






ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟନ ଅବସରରେ ଅତିଥିଗଣ ଓ ବିଶିଷ୍ଟ ସାହିତ୍ୟିକ

## ବଦଳି ଦାବିରେ ସପରିବାର ଆନ୍ଦୋଳନରେ ବସିଲେ ଶିକ୍ଷକ ଦମ୍ପତି




ଭୁବନେଶ୍ୱର, ୨୯ ।୧୧(ସମିସ): ବଦଳିରେ ଅହେତୁକ ବିଳମ୍ବ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତି । ପିଲାଛୁଆଙ୍କୁ ଧରି ସପରିବାର ଗାନ୍ଧିମାର୍ଗରେ ଧାରଣା ଦେଇଥିବାବେଳେ ସେମାନଙ୍କ ସହ ସରକାର ଅନ୍ୟାୟ କରୁଥିବା ଅଭିଯୋଗ କରିଛନ୍ତି । ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଶିକ୍ଷକ ଦମ୍ପତିଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି । ହେଲେ ଅନ୍ୟ ଶିକ୍ଷକଙ୍କର ବଦଳି ପ୍ରକ୍ରିୟା ଶେଷ ହୋଇଥିବାଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଛି । ଆବେଦନକୁ ଦୀର୍ଘ ୬ ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏଣୁ ତୁରନ୍ତ ସେମାନଙ୍କ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି । ଅପରପକ୍ଷରେ ଶିକ୍ଷକ ଦମ୍ପତିଙ୍କ ବଦଳିରେ ବିଳମ୍ବ ହେଉଥିବାରୁ ଦୁଇଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଦିନ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି । (ବିଶ୍ୱଜିତ)

## ଉଦ୍ଦୀପନ: ତୁଳନାତ୍ମକ ସ୍ମାର୍ଟ ସହର ପ୍ରସ୍ତୁତି ନିମନ୍ତେ କିଶୋରଙ୍କୁ ପ୍ରୋତ୍ସାହନ



ଭୁବନେଶ୍ୱର, ୨୯।୧୧ (ସମିସ): ହମାରା ବଚ୍‌ପନ ଟ୍ରଷ୍ଟ, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆ ସହିତ ମିଳିତ ଭାବରେ 'ଉଦ୍ଦୀପନ: ଦି ଫ୍ୟୁଚର ଇଜ୍ ଆୱାର୍ସ! ଆଡୋଲେସେଂଟ୍‌ସ୍ କୋ-ଡିଜାଇନିଂ ସ୍ମାର୍ଟର ସିଟିଜ' ନାମରେ ଏକ ଉଲ୍ଲେଖନୀୟ ନାଗରିକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମେଫେୟାରକନ୍‌ଭେନ୍‌ସନରେଅନୁଷ୍ଠିତହୋଇଯାଇଛି । ଏହିକାର୍ଯ୍ୟକ୍ରମରେକିଶୋରମାନେ ଯୁବ ଅନ୍ତର୍ଭୁକ୍ତିଭିତ୍ତିକ ସହରାଞ୍ଚଳ ଭବିଷ୍ୟତ ନିମନ୍ତେ ସେମାନଙ୍କର ଚିନ୍ତାଧାରା ଓ ଦୂରଦୃଷ୍ଟି ବିନିମୟ କରିବାକୁ ସହରାଞ୍ଚଳ କର୍ତ୍ତୃପକ୍ଷ, ନୀତି ନିର୍ଦ୍ଧାରକ ଏବଂ ଯୋଜନା ପ୍ରସ୍ତୁତକାରୀଙ୍କ ସହିତ ନିୟୋଜିତ ରହିଥିଲେ । ଧରିତ୍ରୀ ପଟ୍ଟନାୟକ (ଫାଉଣ୍ଡର ଚେୟାରପର୍ସନ, ଏଚ୍‌ବିଟି)ଙ୍କ ଉଦ୍‌ବୋଧନରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ସେ ସଂଗଠନର ଦଶନ୍ଧି ଧରି ଲକ୍ଷ୍ୟ ଓ ମୂଲ୍ୟବୋଧଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ । ଗୃହ ନିର୍ମାଣମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବ-ଅନ୍ତର୍ଭୁକ୍ତିଭିତ୍ତିକ ସହରାଞ୍ଚଳ ବିକାଶ ନିମନ୍ତେ ସରକାରଙ୍କର ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ । ସେ କହିଥିଲେ ଯେ କିଶୋରମାନେ କେବଳ ସହରଗୁଡିକର ବ୍ୟବହାରକାରୀ ନୁହନ୍ତି, ସେମାନେ ମଧ୍ୟ ଏହାର ସହ-ସ୍ରଷ୍ଟା । ସେମାନଙ୍କର ନିରୀକ୍ଷଣ ଏବଂ ଆକଳନ ଆମକୁ ସର୍ବସାଧାରଣ ସ୍ଥଳଗୁଡିକ କିଭଳି ସ୍ୱାସ୍ଥ୍ୟ, ନିରାପତ୍ତା, ଅନ୍ତର୍ଭୁକ୍ତି ଏବଂ କଲ୍ୟାଣକୁ ପ୍ରଭାବିତ କରେ ତାହା ବୁଝିବାରେ ସହାୟତା କରୁଛି । ଏହି କାର୍ଯ୍ୟକ୍ରମରେ ବିଏମସି କମିଶନର ଚଞ୍ଚଳ ରାଣା ମଧ୍ୟ ସାମିଲ ହୋଇଥିଲେ । ଶେଷରେ "ରିଇମାଜିନିଂ ସିଟିଜ୍ ୱିଥ୍ ଆଣ୍ଡ ଫର୍ ଆଡୋଲେସେଂଟ୍‌ସ୍" ଶୀର୍ଷକ ଶ୍ୱେତପତ୍ର ପ୍ରକାଶ ସହିତ କାର୍ଯ୍ୟକ୍ରମ ପରିସମାପ୍ତ ହୋଇଥିଲା ।

## ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର ଏକ୍ସେଲେନ୍ସ ପୁରସ୍କାର



ଭୁବନେଶ୍ୱର, ୨୯।୧୧ (ସମିସ): ଟିପି ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍‌କୁ)କୁ ଓଡ଼ିଶା ସିଏସ୍‌ଆର ଫୋରମ୍ ଦ୍ୱାରା ଓଡ଼ିଶା ସିଏସ୍‌ଆର ଏକ୍ସେଲେନ୍ସ ପୁରସ୍କାର - ୨୦୨୫ରେ ସମ୍ମାନିତ କରାଯାଇଛି । ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଅଧିକାର–ସରକାରୀ ଯୋଜନା ସମୂହକୁ ପ୍ରବେଶ ପଥ' କୁ ସ୍ୱୀକୃତି ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ନୟାଗଡ଼ ଏବଂ ଢେଙ୍କାନାଳରେ କାର୍ଯ୍ୟକାରୀ 'ଅଧିକାର' କାର୍ଯ୍ୟକ୍ରମ ହଜାର ହଜାର ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରିଛି । ଏହା ଫଳରେ ତୃଣମୂଳ ସ୍ତରରେ ସାମାଜିକ ନିରାପତ୍ତା ଏବଂ ସାମାଜିକ ସଶକ୍ତିକରଣ ସମ୍ଭବ ହୋଇପାରିଛି । ଏହି ସ୍ୱୀକୃତି ସେବା ଯୋଗାଣ ଅଞ୍ଚଳରେ ଗୋଷ୍ଠୀର ବିକାଶ, ଅନ୍ତର୍ଭୂକ୍ତିକରଣ ଅଭିବୃଦ୍ଧି ଏବଂ ପରିବର୍ତ୍ତନର କ୍ଷମତା ରଖୁଥିବା ବିଭିନ୍ନ ସିଏସ୍‌ଆର ହସ୍ତକ୍ଷେପ ପାଇଁ ଟିପିସିଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଏନ୍‌ଏସ୍‌ଇ ଓ ଜମ୍ମୁ-କଶ୍ମୀର ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୯।୧୧(ସମିସ): ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ଓ ଜମ୍ମୁକାଶ୍ମୀର ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି । ଜମ୍ମୁ-କଶ୍ମୀରର ଏମମ୍‌ଏସଏମଇଗୁଡିକ ମଧ୍ୟରେ ଏନଏସଇ ଏମର୍ଜର ବ୍ୟବହାର କରି ଆଇପିଓ ମେକାନିଜିମରେ ପାଣ୍ଠି ହାସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଉପସ୍ଥିତିରେ ଜମ୍ମୁର ଶିଳ୍ପ ବିଭାଗ ନିର୍ଦ୍ଦେଶକ ଅରୁଣ ମନହାସ, ଶିଳ୍ପ ଓ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଖାଲିଦ ମାଜିଦ ଏବଂ ଏନଏସଇର



ବରିଷ୍ଠ ଉପାଧ୍ୟକ୍ଷ କ୍ରିଷ୍ଣନ ଆୟରଙ୍କ ମଧ୍ୟରେ ଜମ୍ମୁରେ ଏହି ବୁଝାମଣାପତ୍ରର ଆଦାନପ୍ରଦାନ ହୋଇଥିଲା । ଏମଓୟୁ ପରେ ସରକାରଙ୍କ ସହଯୋଗରେ ଏନଏସଇ ପକ୍ଷରୁ ଏନଏସଇ ଏମର୍ଜ ପ୍ଲାଟଫର୍ମ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବା ଉପରେ ରାଜ୍ୟର କର୍ପୋରେଟଗୁଡିକୁ ମାର୍ଗଦର୍ଶନ ପ୍ରଦାନ ପାଇଁ ସେମିନାର, ଏମଏସଏମଇ କ୍ୟାମ୍ପ, ନଲେଜ ସେଶନ, ରୋଡଶୋ' ଓ ୱର୍କସପ ଦ୍ୱାରା ସଚେତନତା ଅଭିଯାନଗୁଡିକୁ ପରିଚାଳନା କରାଯିବ ।

## 'ରମାଦେବୀ' ବିଇଡି ବିଭାଗର ଆଲୋଚନାଚକ୍ର



ଭୁବନେଶ୍ୱର, ୨୯ ।୧୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବିଇଡି ବିଭାଗ ପକ୍ଷରୁ ଫଳପ୍ରଦ ଶିକ୍ଷକ ଓ ଶିକ୍ଷାଦାନ ଏବଂ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଅତିଥି ଭାବେ ପ୍ରାଧ୍ୟାପକ ଡ. ମାନସ ବେହେରା ଯୋଗଦେଇ ବିଦ୍ୟାର୍ଥୀଙ୍କ ସୃଜନଶୀଳତା ଓ ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବାରେ ଏହି ଆଲୋଚନା ସହାୟକ ହେବ ବୋଲି କହିଛନ୍ତି । ବିଷୟ ବିଶେଷଜ୍ଞ ଭାବେ ରାଧାନାଥ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶରତ କୁମାର କଣ୍ଡ ନୂତନ ଶିକ୍ଷାନୀତି ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଛନ୍ତି । ବିଭାଗୀୟ ମୁଖ୍ୟ ଡ. ଅଶୋକ କୁମାର ଦିଗଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷା ବିଭାଗ ମୁଖ୍ୟ ଡ. ସସ୍ମିତା କର ବକ୍ତବ୍ୟ ରଖିଥିଲେ । ଶେଷରେ ଡ. ସନ୍ତୋଷ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକା ଛାତ୍ରୀ ଉପସ୍ଥିତ ଥିଲେ ।

## ଅଭିନୟ ପାଇଁ ପରିପକ୍ୱତା ଓ ଅନୁଶୀଳନ ଆବଶ୍ୟକ: ବିନୋଦ ମିଶ୍ର



ଭୁବନେଶ୍ୱର, ୨୯ ।୧୧(ସମିସ): ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ-ଅଭିନେତା ବିନୋଦ ମିଶ୍ର ଯୋଗ ଦେଇ କହିଛନ୍ତି ଯେ, ଅଭିନୟରେ ସଫଳତା ପାଇଁ ପରିପକ୍ୱତା, ନିଷ୍ଠା ଓ ଚରିତ୍ର-କାହାଣୀର ଗଭୀର ଅନୁଶୀଳନ ଅପରିହାର୍ଯ୍ୟ । ସିନେ ଗବେଷକ ସୂର୍ଯ୍ୟ ଦେଓଙ୍କ ସହ ଆଳାପରେ ଶ୍ରୀ ମିଶ୍ର ଘରବାହୁଡା, ମୁକ୍ତି, ଉଲ୍‌କା, କାଚଘର, ମାୟା ମିରିଗ, ଭିନ୍ନ ମଣିଷ ଓ ସଦ୍ୟ ମୁକ୍ତିଲାଭ କରିଥିବା 'ଅଜାତି' ଆଦି ଚଳଚ୍ଚିତ୍ରରେ ନିଜ ଅଭିନୟ ଅନୁଭବ ବର୍ଣ୍ଣନା କରିଥିଲେ । କଥାକାର ଅଧ୍ୟାପକ ଆଭାସ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ରୋତସ୍ୱିନୀ ପରିଡ଼ା ଗଳ୍ପ ପାଠ କରିଥିଲେ ଏବଂ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ ସୁସ୍ମିତା ଶତପଥୀ, ନଟ ଆଚାର୍ଯ୍ୟ, ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଗାୟକ ହୁମାନ ସାଗର ଓ ଗୀତିକାର ମନୋରଞ୍ଜନ ହୋତାଙ୍କ ପ୍ରତି ନିରବ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

## ଗଳ୍ପ ସଂକଳନ 'କାଳିଜହ୍ନ' ଉନ୍ମୋଚିତ



ଭୁବନେଶ୍ୱର, ୨୯।୧୧(ସମିସ): ଶନିବାର ବୁଦ୍ଧମନ୍ଦିରରେ ସଂଯୁକ୍ତା ନାୟକଙ୍କ ଲିଖିତ ଗଳ୍ପ ସଂକଳନ 'କାଳିଜହ୍ନ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ପ୍ରତିଭା ରାୟ ଯୋଗ ଦେଇଥିବା ବେଳେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାସ ଯୋଗ ଦେଇଥିଲେ । ଲେଖିକା ସଂଯୁକ୍ତା ନାୟକ ନିଜର ଲେଖକ ଅଭିବ୍ୟକ୍ତ ପ୍ରଦାନ କରିବା ସହ ନିଜ ପୁସ୍ତକକୁ ଝିଅ ଗୌତମୀ ଦାସ ନାୟକଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଂଘମିତ୍ରା ଭଞ୍ଜ ପରିଚାଳନା କରିଥିବା ବେଳେ ପ୍ରକାଶନୀ ସଂସ୍ଥା ବ୍ଲାକ୍ ଇଗଲ ବୁକ୍‌ସର ଅଶୋକ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ ।

**ଖେଳ ଖବର**

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## କିଟ୍‌ର ରେଜିଆଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ୫ମ ସ୍ୱର୍ଣ୍ଣ ପଦକ ଜିତିଛି । ଶନିବାର ଟ୍ରାକ୍ ସାଇକ୍ଲିଂର ମହିଳା ବ୍ୟକ୍ତିଗତ ପୁର୍‌ସିଟ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଖଇରମ ରେଜିଆ ଦେବୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିଭଳି ମହିଳା ହକିରେ କିସ୍ ଦଳ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ଶନିବାର ଫାଇନାଲ ଲିଗ୍ ମ୍ୟାଚରେ କିସ୍ ୨-୦ ଗୋଲରେ ବିଜୟୀ ହୋଇଥିଲା । ସୋମବାର କିସ୍ ଓ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଅପରପକ୍ଷରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ ଦଳ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।





**ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ**

## ପ୍ରତିଭା, ମୌସୁମୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନର ତୃତୀୟ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି । ସେମାନଙ୍କ ମଧ୍ୟରୁ ପ୍ରତିଭାରାଣୀ ପାତ୍ର ଗୋଟିଏ ଓ ମୌସୁମି ଦାସ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ସଫଳତା ଫଳରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି । ଗତକାଲି କେବଳ ପ୍ରତିଯୋଗୀମାନେ ୧୨ଟି ପଦକ ଜିତିଥିଲେ ।

ପୂର୍ବପରି ଆଜି ମଧ୍ୟ ଯୁବ ବର୍ଗରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାରେ ସଫଳ ହୋଇଛନ୍ତି । ଉଭୟ ପଦକ ବିଜେତା କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି । ରାଜ୍ୟ କ୍ରୀଡ଼ାଛାତ୍ରାବାସର ପ୍ରତିଭାରାଣୀ ୭୭ କେଜି କାଟାଗୋରୀରେ ମୋଟ ୧୫୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିପରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମୌସୁମି ଯୁବ ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ଓ ବରିଷ୍ଠ ବିଭାଗର ୮୬ କେଜି କାଟାଗୋରୀରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି । ସେ ସ୍ନାଚ୍‌ରେ ୭୧କେଜି, ଜର୍କରେ ୮୯ ଓ ମୋଟରେ ୧୫୯ କେଜି ଓଜନ ଉଠାଇଥିଲେ । ପ୍ରଥମ ଦିନରେ ବନିତା ନାଏକ, ଦ୍ୱିତୀୟ ଦିନରେ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ ।



**୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ଫେନ୍ସିଂ**

## ବଲାଙ୍ଗିର ଚାମ୍ପିଅନ: ଭୁବନେଶ୍ୱର ରନର୍ସଅପ୍

ଭୁବନେଶ୍ୱର, ୨୯ ।୧୧ (ସମିସ): ଓଡ଼ିଶା ରାଜ୍ୟ ବିଦ୍ୟାଳୟସମୂହ ଫେନସିଂ ଓ ଥାଙ୍ଗଟା (ପାରମ୍ପରିକ ମଣିପୁରୀ ସାମରିକ କଳା) ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ୨୭ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏଥିରେ ବଲାଙ୍ଗିର ୧୮ ପଦକ ସହ ଗ୍ରୁପ୍ ଚାମ୍ପିଅନ ଓ ୪ଟି ପଦକ ଜିତି ଭୁବନେଶ୍ୱର ରନର୍ସଅପ୍ ହୋଇଛି । ବଲାଙ୍ଗିର ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ।



## ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୨୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି । ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ବରୋଦାକୁ ପରାସ୍ତ କରିଥିଲା । ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୯୪ ରନ କରିଥିଲା । ଓପନର୍ ତନ୍ମୟୀ ବେହେରା (୪୦ ରନ), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (୨୩ ରନ) ଓ ଅଧିନାୟିକା ଅଲିସ୍ମା ବିଶ୍ୱାଳ (୧୦ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ । ବରୋଦାର ତ୍ରିସାଙ୍କୁ ୪ଟି ୱିକେଟ୍ ମିଳିଥିଲା । ଜବାବରେ ବରୋଦା ତ୍ରିସାଙ୍କ ୩୭ ରନ ସତ୍ତ୍ୱେ ୧୬.୨ ଓଭରରେ ୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଓଡ଼ିଶାର ଅନନ୍ୟା ମିଶ୍ର (୪-୧-୬-୪) ସୁନ୍ଦର ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ଅନନ୍ୟା ମିଶ୍ର



# ବଣଭୋଜିରେ ଜମୁଛି କୁଆଖାଇ ବାଲିପଠା

ନନ୍ଦନକାନନ, ୨୯।୧୧(ସମିସ): ପର୍ଯ୍ୟଟନ ଋତୁରେ ପ୍ରାକୃତିକ ମନୋରମ ମନଲୋଭା ପରିବେଶକୁ ନେଇ ଭୋଜିର ଆସରସ୍ଥଳ ପାଲଟିଛି ଉତ୍ତର ଭୁବନେଶ୍ୱର ଝିଙ୍କରଡ଼ିହି ନିକଟରେ ଥିବା କୁଆଖାଇ ନଦୀ ପଠା ଜଙ୍ଗଲ। ଯେଉଁଠି ଏବେ ଦେଖିବାକୁ ମିଳୁଛି ଶହଶହ ଦଳ, ଗୋଷ୍ଠୀ, ପରିବାର, ସାଙ୍ଗସାଥୀ, ସ୍କୁଲ ବ୍ୟାଚ, ବରିଷ୍ଠ ନାଗରିକ, କମ୍ପାନୀ ଷ୍ଟାଫ, କର୍ପୋରେଟ ଗୋଷ୍ଠୀ, ବିଭିନ୍ନ ସାମାଜିକ କ୍ଲବ, ମଞ୍ଚ ଓ ଅନୁଷ୍ଠାନର ସଦସ୍ୟମାନେ ଏକାଠି ହୋଇ ବଣଭୋଜିର ଆସର ଜମାଉଛନ୍ତି। ସପ୍ତାହକ ସତ ଦିନ ଯାକ ଏଠି ଭିଡ଼ ଜମୁଥିଲା ବେଳେ ବୁଧବାର, ଶୁକ୍ରବାର ଓ ରବିବାର ବହୁ ସଂଖ୍ୟାରେ ଭୋଜିଭାତ, ବନ୍ଧୁ ମିଳନ କାର୍ଯ୍ୟକ୍ରମ ହେଉଛି। ଭୁବନେଶ୍ୱର କଟକ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପ୍ରତାପନଗରୀ ଧାକୁଳେଇ ପୀଠ ଠାରୁ ମାତ୍ର ୨ରୁ ୩ କିଲୋମିଟର ଦୂରରେ ଥିବା ଏହି ସ୍ଥାନରେ ଭୋଜିଭାତ କରିବା ପାଇଁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। କୁଆଖାଇ ନଈକୁ ଜଙ୍ଗଲିଆ ପରିବେଶ ଛାଇର ଲୋକମାନେ ବେଶ ମଜା ନେଉଛନ୍ତି। ହାଣ୍ଡି, ଡ଼େକଚି, କଡେଇ, କରଛୁଲି, ପାଣି ବୋତଲ, ଗ୍ୟାସ ଚୁଲା, ସାଙ୍ଗରେ ଆଣି, ଖାସି ମାଂସ, କୁକୁଡ଼ା ମାଂସ, ରୋହି ଭାକୁର ଚିଙ୍ଗୁଡ଼ି କଙ୍କଡା, ଅଣ୍ଡା ଆଣି ଜଙ୍ଗଲିଆ ପରିବେଶ ବଡ ବଡ ଗଛ ତଳେ ରାନ୍ଧି ଖାଇ, ନାଚି ଗାୟୀ ସମୟକୁ ଆପଣା ଲୋକଙ୍କ ସହିତ ବିତାଉଛି। କୁଆଖାଇ ନଦୀର ବିସ୍ତୃତ ବାଲି ପଠା ସାଙ୍ଗକୁ ସରୁ ସରୁ ଧାର ହୋଇ ବୋହିଯାଉଥିବା ନଈ ପାଣିରେ ଜଳ କ୍ରୀଡାର ଆନନ୍ଦ ନେଉଛନ୍ତି। ନଈ ପଠାରେ ବାଲିରେ, ଖରିବଣରେ ରିଲସ, ଭିଡିଓ ଫଟୋ ଉଠାଇ ଏକ ମଜାଦାର ସ୍ମୃତିକୁ ବାଣ୍ଟୁଛନ୍ତି। ଏଠାକୁ ଆସିବାକୁ ହେଲେ ଭୁବନେଶ୍ୱର କଟକ ଜାତୀୟ ରାଜପଥ ପ୍ରତାପନଗରୀ ମା ଧାକୁଳେଇ ପୀଠ ଠାରୁ ଆସି କୁଆଖାଇ ବ୍ରିଜ ଅତିକ୍ରମ କରିବାରେ ବାମ ପାର୍ଶ୍ୱରେ ଏହା ପଡ଼ିବ। ସେହିଭଳି ଭୁବନେଶ୍ୱର ମଞ୍ଚେଶ୍ୱର ହାଇଟେକ ଗଡ଼ା ଠାରୁ କୁଆଖାଇ ପଟିଆ ବନ୍ଧ ରାସ୍ତାରେ ଆସି ବରିମୁଣ୍ଡ, କଲ୍ୟାଣପୁର ପରେ ଗଣ୍ଡରପୁର ହାଇସ୍କୁଲ ଗଡ଼ା ଛକଠାରେ ଥିବା ଛୋଟବ୍ରିଜ ଦେଇ ଯାଇପାରିବେ। ନନ୍ଦନକାନନ ବାରଙ୍ଗ ମୁଖ୍ୟରାସ୍ତା ଦେଇ ଆସିଲେ, ବାରଙ୍ଗ ବ୍ଲକ ଛକ ଗଡ଼ା ଠାରୁ ପୁରୀ ମୁଖ୍ୟ କେନାଲ ବନ୍ଧେ ବନ୍ଧେ ଆସିଲେ ବନ୍ଧ ଶେଷରେ ଦକ୍ଷିଣ ପାର୍ଶ୍ୱରେ ଏହା ଅବସ୍ଥିତ। ସେମିତି ଜୟଦେବ ବିହାର ନନ୍ଦନକାନନ ରାସ୍ତା ଦେଇ ଆସୁଥିଲେ ପଟିଆ ଷ୍ଟେସନ ରାସ୍ତା ଦେଇ କଳାରାହାଙ୍ଗ ପାର ହୋଇ ଟାଙ୍ଗିବନ୍ତ ଗ୍ରାମ ଦେଇ ଗଣ୍ଡରପୁର ହାଇସ୍କୁଲ ଛକ ହୋଇ ଯାଇପାରିବେ। ନନ୍ଦନକାନନ ପର୍ଯ୍ୟଟକ ମାନେ ପଦାସାହି କଳାଝରି ଦୟା ୱେଷ୍ଟ କେନାଲ ରାସ୍ତା ହୋଇ ପନ୍ଦରଫୁଙ୍କାଠାରେ ଥିବା ବ୍ରିଜ ହୋଇ ଟାଙ୍ଗିବନ୍ତ ବାଟେ ଯାଇ ପାରିବେ।



## ରାସ୍ତା ସାଙ୍ଗକୁ ପାନୀୟ ଜଳ ସମସ୍ୟା

ତେବେ ଏଠାକୁ ଆସୁଥିବା ହଜାରେ ହଜାରେ ସଂଖ୍ୟାରେ ଲୋକ ମାନଙ୍କ ପାଇଁ ବଡ଼ ସମସ୍ୟା ଯେ ଏଠାରେ ରୋଷେଇବାସ କରିବାକୁ ବିଶୁଦ୍ଧ ପାନୀୟ ଜଳର ଅସୁବିଧା ରହିଛି। କୁଆଖାଇ ନଈ ପାଣି ଦୂଷିତ ରହିବା ସହ ଏହା ଖାଦ୍ୟ ପ୍ରସ୍ତୁତ ଓ ପାନୀୟ ପାଇଁ ଅନୁପଯୁକ୍ତ। ଏହି ନଦୀବନ୍ଧ ରାସ୍ତାଟି ଅଣ ଓସାରିଆ। ଯାହା ଫଳରେ ଗାଡିମାଟର ଯିବାଆସିବାରେ ଅସୁବିଧା ଉପୁଜୁଛି। ଗୋଟିଏ ଚାରିଚକିଆ ଗାଡି ଗଲା ବେଳେ ଆଉ ଗୋଟିଏ ଚାରି ଚକିଆଗାଡି ନଦୀବନ୍ଧର ଏକଦମ ତୀକ୍ଷ କଡକୁ ଯିବାକୁ ପଡ଼ି ଅଟକି ରହିବାକୁ ପଡୁଛି। ଅନେକବାର ଗାଡି ନଦୀ ବନ୍ଧ ତଳକୁ ଓଲଟି ପଡୁଛି। ଏଇ କିଛି ଦିନ ତଳେ ଏହି ନଦୀବନ୍ଧ ରାସ୍ତା କାର୍ଯ୍ୟ ହୋଇଥିଲେ ସୁଦ୍ଧା, ରାସ୍ତାର ଉଭୟ ପାର୍ଶ୍ୱର ବହୁ ଜାଗାରେ ଦବିଯାଇ ବଡବଡ ଖାଇ ହୋଇ ଖଲଖମା ହୋଇଗଲାଣି। ଏମିତି କି ରାସ୍ତା ମଝିରେ ବି ଦବି ଘାଇ ଖାଇ ହୋଇଯାଇଛି। ଯାହାପାଇଁ ରାସ୍ତା ବିପଦପୂର୍ଣ୍ଣ ହେବା ସହ ଦୁର୍ଘଟଣା ମାନ ଘଟୁଛି। ଏଠାରେ ଓ ଏହି ରାସ୍ତାରେ ଆଲୋକୀକରଣ ନଥିବାରୁ ଲୋକେ ହଇରାଣ ହରକତ ହେବା ସହ, ଚୋରି ଡକାୟତିର ଅସଦାଚରଣ, ଆଦି ଅଘଟଣ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ଭିଭାଗୀୟ ମନ୍ତ୍ରୀ, ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି କରାଯାଉଛି।

## କୋଲକାତା ସର୍ଟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ 'ଦଣ୍ଡେ ରହେ କାହାଣୀ କହେ'

ଭୁବନେଶ୍ୱର, ୨୯ ।୧୧(ସମିସ): କୋଲକାତା ଇଣ୍ଟରନ୍ୟାସନାଲ ସର୍ଟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି ବାଲୁକା କଳା ଉପରେ ନିର୍ମିତ କ୍ଷୁଦ୍ର ପ୍ରମାଣିକ ଚଳଚ୍ଚିତ୍ର 'ଦଣ୍ଡେ ରହେ କାହାଣୀ କହେ'। ୨୩ ମିନିଟ ଅବଧି ବିଶିଷ୍ଟ ଏହି ଚଳଚ୍ଚିତ୍ରର ରଚନା, ପ୍ରଯୋଜନା ଓ ନିର୍ଦ୍ଦେଶନା ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା ଦେଇଥିବା ବେଳେ ଏହାକୁ ଓଡ଼ିଆରେ ବର୍ଣ୍ଣନା କରିଛନ୍ତି ପ୍ରଫେର ରମାକାନ୍ତ ମିଶ୍ର। ଏଦ ପ୍ରିମିୟର ମିଡ଼ିଆ ବ୍ୟାନରରେ ପ୍ରସ୍ତୁତ ଏହି କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରରେ ବାଲୁକା କଳାର ଉତ୍ପତ୍ତିସ୍ଥଳ ଓଡ଼ିଶା ବୋଲି ଦର୍ଶାଯାଇଛି। ଏହାସହ ଜାତୀୟ ତଥା ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀମାନେ ବାଲୁକା କଳାର ଶୈଳୀ, ବାଲୁକା କଳା ଓ ଜୀବନ ମଧ୍ୟରେ ରହିଥିବା ସାମଞ୍ଜସ୍ୟ କୁ ବର୍ଣ୍ଣନା କରିଛନ୍ତି। ଜୀବନ କ୍ଷଣସ୍ଥାୟୀ ନୁହେଁ, ଠିକ୍ ବାଲୁକା କଳା ଭଳି। ତେଣୁ ଯେତିକି ସମୟରେ ଜିଇଁବା ତାହାକୁ ସରଶ ଭାବେ ଗଢ଼ି ପାରିବା ଏଥିରେ ଦର୍ଶାଯାଇଛି। ଆସନ୍ତା ଜାନୁଆରୀ ମାସ ୨୫ ତାରିଖରେ କୋଲାକାତାରେ ଆୟୋଜିତ ହେବାକୁ ଥିବା ଫିଲ୍ମ ଫେଷ୍ଟିଭାଲରେ ଫିଲ୍ମଟି ସମସ୍ତଙ୍କ ପସନ୍ଦ ଆସିବ ବୋଲି ଫିଲ୍ମର ନିର୍ଦ୍ଦେଶକ ଶ୍ରୀ ପଣ୍ଡା କହିଛନ୍ତି।

## କ୍ରୁଟ୍‌କୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର

ଭୁବନେଶ୍ୱର, ୨୯ ।୧୧(ସମିସ): ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ କ୍ରୁଟ୍‌କୁ ୧୮ ତମ ସହରାଞ୍ଚଳ ଗତିଶୀଳତା ଭାରତ (ୟୁଏମ୍‌ଆଇ) ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ସଫଳତା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ ଆସନ୍ତା ବର୍ଷ ଅକ୍ଟୋବର ଶେଷ ସପ୍ତାହରେ ୧୯ ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀ ଆୟୋଜନ କରିବ। ଡ. ମହାପାତ୍ର ଆହୁରି ମଧ୍ୟ କହିଛନ୍ତି କି 'ଆମ ବସ୍' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି। ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ଟି ଆମ ବସ୍ ଚାଲୁଛି। ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଏଥିସହିତ ବହୁତ ଶୀଘ୍ର, ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ ବୋଲି ସେ କହିଛନ୍ତି।

## 'କବ୍ ବୁଲ୍‌ବୁଲ୍ ଉତ୍ସବ' ଉଦ୍‌ଯାପିତ




ଭୁବନେଶ୍ୱର, ୨୯।୧୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ 'କବ୍ ବୁଲ୍‌ବୁଲ୍ ଉତ୍ସବ' ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ସଭାପତି ଅତନୁ ସବ୍ୟସାଚୀ ନାୟକ, ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଜିଲ୍ଲାପାଳ ତଥା ସ୍କାଉଟ୍ କମିସନର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ ଦାଶରଥୀ ଶତପଥୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ। ଶେଷରେ କବ୍ ବୁଲ୍‌ବୁଲ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା।

## ଶ୍ରୀରାମ ମନ୍ଦିର ଅନ୍ତରୀଣ ଟ୍ରଷ୍ଟ ବୋର୍ଡର ଅବଧି ଏକବର୍ଷ ବୃଦ୍ଧି

ଭୁବନେଶ୍ୱର, ୨୯ ।୧୧(ସମିସ): ୟୁନିଟ-୩ ଖାରବେଳ ନଗରସ୍ଥିତ ଶ୍ରୀରାମ ମନ୍ଦିର ସେବା ସମିତିର ଅନ୍ତରୀଣ ଟ୍ରଷ୍ଟ ବୋର୍ଡର ଅବଧି ବର୍ଷ ବଢ଼ିଛି। ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ଶନିବାର ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ଅବଧିକୁ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୫ ସେପ୍ଟେମ୍ବର ୪ରୁ ଆସନ୍ତା ୨୦୨୬ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ସମୟଅବଧିକୁ ବୃଦ୍ଧି କରାଯାଇଛି। ଏନେଇ ଦେବୋତ୍ତର ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ଦେବୋତ୍ତରଆୟୁକ୍ତ୨୦୨୪ ସେପ୍ଟେମ୍ବର୪ରେ ୭ ଜଣସଦସ୍ୟଙ୍କୁ ନେଇ ଅନ୍ତରୀଣ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ। ଜଟଣୀ ବିକାଶ ନଗରର ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି କୁମାର ରଥ ଟ୍ରଷ୍ଟବୋର୍ଡର ସଭାପତିଙ୍କ ସମେତ ବ୍ରହ୍ମେଶ୍ୱର ପାଟଣାର ବରିଷ୍ଠ ଆଇନଜୀବୀ ନିର୍ମଳ କିଶୋର ରଥ, ସାମ୍ବାଦିକ ଅଜିତ କୁମାର ଶତପଥୀ, ରାଜଭବନ ନିକଟ ଆର୍.ଏନ. ସିଂହଦେଓ ମାର୍ଗର ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ତଥା ବ୍ୟବସାୟୀ ସୁରେନ୍ଦ୍ର କୁମାର ଝୁନ୍‌ଝୁନ୍‌ୱାଲା, ଘାଟିକିଆ ସାଇବାବା ମନ୍ଦିର (ଭିପୁଲ)ର ରାଜନୀତିଜ୍ଞ ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ସତ୍ୟନଗର ଭଞ୍ଜ ପ୍ରଭା ମାର୍କେଟ ଅଞ୍ଚଳର ରାଜନୀତିଜ୍ଞ କାଳୀ ପ୍ରସାଦ ମିଶ୍ର ଓ ଖାରବେଳ ନଗର ଥାନା ନିରୀକ୍ଷକ ରଜନୀକାନ୍ତ ମିଶ୍ରଙ୍କୁ ସଦସ୍ୟ ଭାବେ ଆୟୁକ୍ତ ମନୋନୀତ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା



ବାଲିପାଟଣା, ୨୯।୧୧ (ସମିସ): ବାଲିପାଟଣା ବ୍ଲକ ଅଧୀନ ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୩୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ରାଉତ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କୁ ପ୍ରକଳ୍ପ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ଉଭୟ ସିନିଅର ଏବଂ ଜୁନିଅର ବିଭାଗରୁ ତିନୋଟି ଲେଖାଏଁ ପ୍ରକଳ୍ପକୁ ଚୟନ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ଅଧକ୍ଷା ରତ୍ନପ୍ରଭା ତ୍ରିପାଠୀ ପ୍ରକାଶ କରିଥିଲେ। ପ୍ରତିଯୋଗୀତାକୁ ବିଦ୍ୟାଳୟର ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବୁଲି ଦେଖିଥିଲେ। ବିଦ୍ୟାଳୟ ର ପରାମର୍ଶଦାତା ଜଗନ୍ନାଥ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅଧକ୍ଷା ଶ୍ରୀମତୀ ରତ୍ନପ୍ରଭା ତ୍ରିପାଠୀ ବିଜ୍ଞାନ ମେଳା ଆୟୋଜନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ବିଶ୍ୱଜିତ୍ ସେନାପତି, ବିଶ୍ୱରଞ୍ଜନ ନାୟକ, ଉପାଧକ୍ଷା ସଂଯୁକ୍ତା ଜେନା, ସ୍ନେହ ବାଳା ଆଚାର୍ଯ୍ୟ, ପ୍ରତିମାରାଣୀ ଦେଇ, ରାଜଶ୍ରୀ ରାଉତରାୟ, ସବିତା ଜେନା, ଅର୍ଚ୍ଚ ନା ମୁଦୁଲି ଏବଂ ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**୮୯ତମ ସଂସ୍କୃତି ଚର୍ଚ୍ଚା ସମାରୋହ**

## ଓଡ଼ିଆମାନେ ହିଁ ଜାତୀୟ ଚେତନାର ଜନ୍ମଦାତା

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଆ ମାନେ ହିଁ ମହାଭାରତୀୟ ଜାତୀୟ ଚେତନାର ଜନ୍ମଦାତା। ଓଡିଆ ମାନେ ହିଁ ସମନ୍ୱୟ-ସଭାବନା-ସମ୍ପ୍ରୀତି ଓ ଶାନ୍ତିର ବାର୍ତ୍ତା ଦେଇଆସିଛନ୍ତି। ଓଡିଆ ମାନେ ମୁକ୍ତିକାମୀ ଚେତନାର ଅଗ୍ରଦୂତ ଓ ମହାମାନବୀୟ ଚିନ୍ତା ଚେତନାରେ ଜଗତକୁ ଉଦବୁଦ୍ଧ କରିଆସିଛନ୍ତି। ଶିକ୍ଷା ଓ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଭାରତ ଓ ବିଶ୍ୱକୁ ଶୁଣାଇଥିଲେ ଅମୃତର ବାର୍ତ୍ତା। ବହିର୍ବାଣିଜ୍ୟ ମାଧ୍ୟମରେ ଆପଣାକୁ ସମୃଦ୍ଧ କରିବା ସହ ମାନବ ସମାଜକୁ ଶିଖାଇଥିଲେ ସହଯୋଗ ହିଁ ସମୃଦ୍ଧି ବୋଲି ୮୯ତମ ସଂସ୍କୃତି ଚର୍ଚ୍ଚା ସମାରୋହରେ ମତପ୍ରକାଶ ପାଇଛି। ଶନିବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଆଇନଜୀବୀ, କବି, ଲେଖକ ତଥା ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର 'ପ୍ରାଚୀନ ଇତିହାସରେ ଓଡ଼ିଆଙ୍କ ସ୍ୱାକ୍ଷର (ଏକ ସାଂସ୍କୃତିକ ଅନୁଶୀଳନ)' ଉପରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପୃଥିବୀର ପ୍ରଥମ ବୌଦ୍ଧଥିଲେ ଓଡ଼ିଆ। ମହାବୀରଙ୍କ ବିଜୟଚକ୍ର ପ୍ରବର୍ତ୍ତନର ସ୍ଥାନ ଥିଲା ଓଡ଼ିଶା। କରକଣ୍ଡୁ ଓ ଖାରବେଳଙ୍କ ପରି ସମ୍ରାଟମାନେ ଓଡ଼ିଆ ଜାତିର ପ୍ରତିନିଧିତ୍ୱ କରି ଜଗତକୁ କହିଯାଇଛନ୍ତି, ସବୁକ୍ଷେତ୍ରରେ ଓଡ଼ିଆମାନେ ଅଗ୍ରଦୂତ। ପ୍ରକୃତରେ ପ୍ରାଚୀନ ଓଡ଼ିଶା ଥିଲା ଏକ ଅତୁଳନୀୟ ଭୂଖଣ୍ଡ ଓ ପ୍ରାଚୀନ ଓଡ଼ିଆମାନେ ଥିଲେ ବସୁଧୈବ କୁଟୁମ୍ବକମ୍ ମନ୍ତ୍ରର ବାହକ ବୋଲି ମୁଖ୍ୟବକ୍ତା ଶ୍ରୀ ମିଶ୍ର କହିଥିଲେ। ସମ୍ମାନରେ ସମ୍ମାନନୀୟ ଅତିଥି ଭାବରେ ସଂସ୍କୃତି ବିଭାଗ ଉପଶାସନସଚିବ ସଙ୍ଘମିତ୍ରା ବେହେରା, ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ଅଶୋକ କୁମାର




ପଟ୍ଟନାୟକ, ଡ. ଅନାମ ବେହେରା, ଡ. ସତ୍ୟନାରାୟଣ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୧ ଜଣଙ୍କୁ ମିଳିଲା କଳିଙ୍ଗ ପୁସ୍ତକ ମେଳା ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୨୯।୧୧(ସମିସ):୨୮ ତମ କଳିଙ୍ଗ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ପୁସ୍ତକ ମେଳା ମଞ୍ଚରେ ମର୍ଯ୍ୟାଦାଜନକ ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସାହିତ୍ୟ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟର ୧୦ ଗୋଟି ବିଭାଗର ୧୧ ଗୋଟି ପୁସ୍ତକର ଲେଖକ ଲେଖିକାଙ୍କୁ ଚଳିତ ବର୍ଷର କଳିଙ୍ଗ ପୁସ୍ତକ ମେଳା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ପ୍ରଦର୍ଶନୀ ପଡ଼ିଆ ଠାରେ ଚାଲିଥିବା କଳିଙ୍ଗ ପୁସ୍ତକ ମେଳାର ଶନିବାର ମୁଖ୍ୟ ମଞ୍ଚରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଭାଷା ବିଜ୍ଞାନୀ ତଥା ଲେଖକ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ପ୍ରମୁଖ ଆୟକର କମିଶନର ତଥା ଲେଖକ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇ ଲେଖକ ଲେଖିକାଙ୍କୁ ସମ୍ମାନିତ କରିଥିଲେ। ଏହାସହ କଳିଙ୍ଗ ପୁସ୍ତକ ମେଳାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ଗୀତା ହୋତାଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା 'ଗୀତା ହୋତା ସ୍ମୃତି ସମ୍ମାନ'ରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଡ. ସେବା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପୁସ୍ତକ ମେଳାର ମୁଖପାତ୍ର ହର୍ଷିତା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶିଷ୍ଟ ଭାଷା ବିଜ୍ଞାନୀ ତଥା ଲେଖକ ଡ. ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

**ଡ. ସେବା ମହାପାତ୍ରଙ୍କୁ 'ଗୀତା ହୋତା ସ୍ମୃତି ସମ୍ମାନ' ପ୍ରଦାନ**

## ସଙ୍ଗୀତରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୯।୧୧(ସମିସ): ସୁର ଭାଇବ୍ରେସନ ଷ୍ଟୁଡିଓ ଠାରେ ଦିବଙ୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ସଙ୍ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେ ପୂର୍ବରୁ ଗାଇବାକୁ କଥା ଦେଇଥିବା ସଙ୍ଗୀତ 'କୁଆଡ଼େ ଗଲୁ କୁଆଡ଼େ ଗଲୁ' କୁ ଆଜି ରିଲଇଜ୍ କରାଯିବା ସହ ସଙ୍ଗୀତଟି ତାଙ୍କୁ ସମର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ, ଯୁବ ପ୍ରଯୋଜକ ବିବେକାନନ୍ଦ ବାରିକ, ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର, ଗୀତିକାର ସଂଗ୍ରାମଜିତ, ସମାଜସେବୀ ମହାସଂଘ ସଭାପତି ବାପୁ ଓଝା ପ୍ରମୁଖ ଉପସ୍ଥିତ ରହି ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ। କର୍ଯ୍ୟକ୍ରମକୁ ପିଣ୍ଟୁ, ବାପି ପ୍ରମୁଖ ପରିଚାଳନା କରିଥିଲେ।

## କଣ୍ଠଶିଳ୍ପୀ ହ୍ୟୁମାନଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାଲିଅନ୍ତା, ୨୯ ।୧୧(ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଶ୍ରୀ ସୁଦର୍ଶନ ଦାରୁ ପୀଠରେ ଓଡ଼ିଆ କଳା ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ପ୍ରକୃତି ବନ୍ଧୁ ପ୍ରଶାନ୍ତ ମିଶ୍ର, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଅନୁଷ୍ଠାନର ମୁଖ୍ୟ ଦୀନବନ୍ଧୁ ଭୋଇ, ହରେକୃଷ୍ଣ ମହାରଣା, ରଶ୍ମୀ ରଞ୍ଜନ ମହାପାତ୍ର, ଲକ୍ଷ୍ମଣ ଜେନା ପ୍ରମୁଖ ଯୋଗ ଦେଇ ୧୦୮ ଦୀପ ଜାଳିବା ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

**ଆରମ୍ଭ ହୋଇଛି ପର୍ଯ୍ୟଟନର ଋତୁ**

# ଆକର୍ଷଣରେ ସାମୁଦ୍ରିକ ଜୀବଙ୍କ ପ୍ୟାନେଲ ପ୍ରଦର୍ଶନୀ

ଭୁବନେଶ୍ୱର, ୨୯।୧୧(ସମିସ): ଆରମ୍ଭ ହୋଇଯାଇଛି ପର୍ଯ୍ୟଟନର ଋତୁ। ରାଜ୍ୟରେ ଏବେ ଶୀତର ଲହରୀ। ସେନେଇ ଭିନ୍ନ ଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାର ଆଗ୍ରହ ଦେଖାଉଛନ୍ତି ପର୍ଯ୍ୟଟକ। ତା ସାଙ୍ଗକୁ ସଂଗ୍ରହାଳୟ ଗୁଡ଼ିକରେ ମଧ ଭିଡ଼ ଦେଖିବାକୁ ମିଳୁଛି ସେହିକ୍ରମରେ ରାଜଧାନୀର ଆଚାର୍ଯ୍ୟ ବିହାର ନିକଟରେ ଥିବା ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ସ୍କୁଲ ପିଲାଙ୍କଠାରୁ ନେଇ ସବୁ ବର୍ଗର ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ସେଥିପାଇଁ ସଂଗ୍ରାହଳୟର ଭିତର ପାର୍ଶ୍ୱ ସହ ବାହାର ପାର୍ଶ୍ୱକୁ ମଧ ଆକର୍ଷିତ କରିବାର ପ୍ରୟାସ କରୁଛି ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ।



**ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ଜମୁଛି ଭିଡ଼**

ପର୍ଯ୍ୟଟକଙ୍କ ପାଇଁ ସଂଗ୍ରହାଳୟର ଗ୍ୟାଲେରୀରେ ବିଭନ୍ନ ପକ୍ଷୀଠାରୁ ଆରମ୍ଭକରି ଜୀବଜନ୍ତୁଙ୍କ କଙ୍କାଳ ସଂଗ୍ରହ କରି ପ୍ରଦର୍ଶିତ ହେଉଛି। ସେଥିମଧ୍ୟରୁ ବାଲିନ୍ ତିମିରର ପ୍ରକୃତ ଖପୁରି, କଙ୍କାଳ, ବିଶ୍ୱର କ୍ଷୁଦ୍ରତମ ସ୍ଥଳଚର ସ୍ତନ୍ୟପାୟୀ ପ୍ରାଣୀର ଶରୀର, ମାଙ୍କଡ଼ର କଙ୍କାଳ, ପ୍ରକୃତ ମହୁଫେଣାଠାରୁ ଆରମ୍ଭକରି ସମସ୍ତ ପ୍ରଜାତିର ସରୀସୃପ, ଆଫ୍ରିକ୍ରିୟ କଳା ଗଣ୍ଡାର କଙ୍କାଳ ସହ ବିଦେଶୀୟ ପକ୍ଷୀଙ୍କ ଅଣ୍ଡା ଆଦି ଗ୍ୟାଲେରୀରେ ପ୍ରଦର୍ଶିତ ହେଉଛି। ସେଥିରେ ଅଧିକାଂଶ ବର୍ଜ୍ୟରୁ ତିଆରି ମଡେଲ ରହିଛି। ଯାହାକୁ ଦେଖିବା ପାଇଁ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଲୋକ ଏଠାକୁ ଆସୁଛନ୍ତି।

ହେଲେ ଚଳିତ ବର୍ଷ 'ଇଷ୍ଟନ୍‌ଘାଟ - ଏ ବଟାନିକାଲ ଟ୍ରେଜର୍'ର ପ୍ୟାନେଲଗୁଡିକ ଲୋକଙ୍କୁ ଅଧିକ ଆକର୍ଷିତ କରୁଛି। ଏହା ୧୦ଟି ପ୍ୟାନେଲ ବିଶିଷ୍ଟ ଓପନ ଗ୍ୟାଲେରୀରେ ପ୍ରଦର୍ଶିତ ହେଉଛି। ସେଥିରେ ଇଷ୍ଟନ୍‌ଘାଟ୍‌ର ମ୍ୟାପ୍, ଡିଜାଇନ୍, ସମ୍ପୂର୍ଣ୍ଣ ତଥ୍ୟ, ତାର ଭିଜୁଆଲସ୍ ଏବଂ ସାମୁଦ୍ରିକ ଜୈବ ବିବିଧତା ଆଦି ପ୍ରଦର୍ଶିତ ହେଉଛି। ବିଶେଷକରି ସାମୁଦ୍ରିକ ଜୀବ ଏବଂ ତାଙ୍କ ମଡେଲରେ ବିଭିନ୍ନ ପ୍ରଜାତି ଏବଂ ଲିଙ୍ଗର କଙ୍କଡା, ବିଭିନ୍ନ ସାମୁଦ୍ରିକ ଅଞ୍ଚଳର ଶଙ୍ଖ, ସାମୁକା, ଲିମୁଲିଡେ ଭଳି ଜୀବ ସେହି ପ୍ୟାନେଲରେ ଚଳିତ ବର୍ଷ ଆକର୍ଷଣ ସାଜିଛି। ଏହା ବ୍ୟତିତ ପିଲାଙ୍କ ଶିକ୍ଷଣୀୟ କଥା ଜାଣିବା ପାଇଁ କିଛି ଉପକରଣମାନ ମଧ୍ୟ ଏଠାରେ ରହିଛି। ଯେଉଁଥିରେ ସେମାନଙ୍କୁ କିଛି ମଜାଳିଆ ଖେଳ ମାଧ୍ୟମରେ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ବିଷୟରେ ଅବଗତ କରାଯାଉଛି। ଏହା ସହ ପ୍ରତ୍ୟେକ ହଲ୍‌ରେ ଜଣେ ଲେଖାଏଁ ଗାଇଡ ରହୁଛନ୍ତି ଯିଏକି କୌଣସି ତଥ୍ୟ ଜାଣିବାରେ ଅସୁବିଧା ହେଲେ ସାହାଯ୍ୟ କରୁଛନ୍ତି। ପର୍ଯ୍ୟଟନ ଋତୁରେ କେବଳ ଯେ ଓଡ଼ିଶା ଲୋକ ଆସୁଛନ୍ତି ତାହା ନୁହଁ ବରଂ ଓଡ଼ିଶା ବାହରୁ ମଧ ପର୍ଯ୍ୟଟକ ଆସୁଥିବା ପରିଲକ୍ଷିତ ହେଉଛି। ଏନେଇ କଟକର ଏକ ସରକାରୀ ବିଦ୍ୟାଳୟରୁ ଆସିଥିବା ପଞ୍ଚମ ଶ୍ରେଣୀ ଛାତ୍ରୀ ଅନନ୍ୟା କୁହନ୍ତି ସଂଗ୍ରାହଳୟର ପରିବେଶ ତାଙ୍କୁ ବହୁତ ଭଲ ଲାଗିଲା ଏବଂ ଏଠାରେ ବିଜ୍ଞାନ ସମ୍ବନ୍ଧିତ ଅନେକ ଗୁଡିଏ ତଥ୍ୟ ମଧ ଜାଣିବାକୁ ପାଇଲେ। ସୁଯୋଗ ମିଳିଲେ ସେ ଏଠାକୁ ଆଉଥରେ ଆସିବେ ବୋଲି କହିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୦୦ ● ପାଉଣ୍ଡ ୧୧୮.୭୪
- ୟୁରୋ ୧୦୩.୯୬ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୦୯୦ (ନୂଆଦିଲ୍ଲୀ)
- ରୁପା : ୧,୭୩,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତକୁ ଡବଲ ଝଟ୍‌କା ଦେଲା ଟ୍ରମ୍ପ ଶୁଳ୍କ

# ରପ୍ତାନୀ ହ୍ରାସ; ଚୀନ୍-ଜାପାନଠୁ ଅଧିକ ବୋଝ

ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇ ଥିବା ଶୁଳ୍କ ଭାରତକୁ ବଡ଼ ଝଟ୍‌କା ଦେଇଛି। ମେ'ରୁ ଅକ୍ଟୋବର ମଧ୍ୟରେ ସିପ୍‌ମେଣ୍ଟ ୨୮.୫ ପ୍ରତିଶତ ହ୍ରାସ ପାଇଛି। କୌଣସି ଶୁଳ୍କ ଲାଗି ନ ଥିବା ସାମଗ୍ରୀର ସ୍ଥିତି ମଧ୍ୟ ଭଲ ନାହିଁ। ଏଭଳି ଉତ୍ପାଦର ରପ୍ତାନୀ ୨୫.୮ ପ୍ରତିଶତ କମିଛି। ଏହାକୁ ନେଇ ଗ୍ଲୋବାଲ ଟ୍ରେଡ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ସରକାରଙ୍କୁ ଚେତାବନୀ ଦେଇଛି। ଖୁବଶୀଘ୍ର 'ରପ୍ତାନୀ ପ୍ରୋତ୍ସାହନ ଅଭିଯାନ' ଆରମ୍ଭ କରିବାକୁ କୁହାଯାଇଛି। ଆମେରିକାର ଅତିରିକ୍ତ ଟିକସ ହଟାଇବା ପାଇଁ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଆମେରିକା ଶୁଳ୍କ ଭାରତକୁ ଦ୍ୱେତ ଝଟ୍‌କା ଦେଇଛି। ଚୀନ୍ ଏବଂ ଜାପାନ ତୁଳନାରେ ଭାରତ ଉପରେ ଶୁଳ୍କର ବୋଝ ବହୁତ ଅଧିକ ରହିଛି।



କୌଣସି ଶୁଳ୍କ ଲାଗି ନ ଥିବା ଉତ୍ପାଦର ରପ୍ତାନୀରେ ମଧ୍ୟ ବଡ଼ ହ୍ରାସ ଦେଖା ଦେଇଛି। ଶୁଳ୍କ ପାଇଁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଗତ ମେ'ରୁ ଅକ୍ଟୋବର ମଧ୍ୟରେ ଆମେରିକାକୁ ଯାଉଥିବା ଭାରତୀୟ ସିପ୍‌ମେଣ୍ଟ ୮.୮୩ ବିଲିୟନ ଡଲାର ହ୍ରାସ ପାଇ ୬.୩୧ ବିଲିୟନ ଡଲାରକୁ ଖସି ଆସିଛି। ଆମେରିକା ଏପ୍ରିଲରେ ଭାରତ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇ ଥିଲା। ଅଗଷ୍ଟରେ ଏହାକୁ ବଢ଼ାଇ ୨୫ ପ୍ରତିଶତ କରିଦିଆଯାଇଥିଲା। ସେହି ମାସ ଶେଷରେ ପୁଣି ଅତିରିକ୍ତ ଶୁଳ୍କ ଲଗାଇ ଏହାକୁ ୫୦ ପ୍ରତିଶତକୁ ଟ୍ରମ୍ପ ବୃଦ୍ଧି କରିଦେଇଥିଲେ। ସର୍ବାଧିକ ଟିକସ ଲଗା ଯାଇଥିବା ଉତ୍ପାଦ ମଧ୍ୟରେ ଭାରତୀୟ ସାମଗ୍ରୀ ସାମିଲ ରହିଛି। ଜିଟିଆରଆଇର ରିପୋର୍ଟ ଅନୁଯାୟୀ, ଆମେରିକା ଚୀନ୍ ଉପରେ ୩୦ ପ୍ରତିଶତ ଏବଂ ଜାପାନ ସାମଗ୍ରୀରେ ୧୫ ପ୍ରତିଶତ ଶୁଳ୍କ ଲଗାଇଛି।

ଏହି ଅବଧିରେ ଭାରତରୁ ଆମେରିକାକୁ ହେଉଥିବା ରପ୍ତାନୀକୁ ଜିଟିଆରଆଇ ତିନୋଟି ଶୁଳ୍କ ଶ୍ରେଣୀରେ ରଖିଛି। ପ୍ରଥମ ଶ୍ରେଣୀରେ ସ୍ମାର୍ଟଫୋନ, ଔଷଧ ଏବଂ ପେଟ୍ରୋଲିୟମ

## ଶୁଳ୍କ ଲାଗି ନ ଥିବା ସାମଗ୍ରୀର ବି ସ୍ଥିତି ଖରାପ

ଭଳି କୌଣସି ଶୁଳ୍କ ଲଗା ଯାଇ ନ ଥିବା ଉତ୍ପାଦ ସାମିଲ ରହିଛି। ଅକ୍ଟୋବରରେ ହୋଇଥିବା ରପ୍ତାନୀରେ ଏହାର ଅଂଶ ୪୦.୩ ପ୍ରତିଶତ ଥିଲା। ଏହା ସତ୍ତ୍ୱେ ରପ୍ତାନୀ ୨୫.୮ ପ୍ରତିଶତ କମିଛି। ମେ'ରେ ଏହା ୩.୪୨ ବିଲିୟନ ଡଲାର ଥିବାବେଳେ ଅକ୍ଟୋବରରେ ୨.୫୪ ବିଲିୟନ ଡଲାରକୁ ଖସି ଆସିଥିଲା। ଅର୍ଥାତ୍ ୮୮.୧ କୋଟି ଡଲାରର କ୍ଷତି ହୋଇଥିଲା। ଦ୍ୱିତୀୟ ଶ୍ରେଣୀରେ ସାରା ବିଶ୍ୱରେ ସମାନ ଶୁଳ୍କ ଲଗା ଯାଇଥିବା ଦ୍ରବ୍ୟ ସାମିଲ ରହିଛି। ଏଗୁଡିକ ମଧ୍ୟରେ ଲୁହା, ତମ୍ବା, ଆଲୁମିନିୟମ, ଷ୍ଟିଲ ଏବଂ ଅଟୋ ପାର୍ଟ୍ସ ସାମିଲ ରହିଛି। ଅକ୍ଟୋବର ରପ୍ତାନୀରେ ଏହାର ଭାଗ ୭.୬ ପ୍ରତିଶତ ଥିଲା। ମେ'ରେ ଏହା ୬୨.୯ କୋଟି ଡଲାର ଥିବାବେଳେ ଅକ୍ଟୋବରରେ ୪୮ କୋଟିକୁ ଖସି ଆସିଥିଲା। ଏହା ଦ୍ୱାରା ୧୪.୯ କୋଟି ଡଲାର କ୍ଷତି ହୋଇଛି। ସେହିପରି ରତ୍ନ, ଅଳଙ୍କାର, ସୋଲାର ପ୍ୟାନେଲ, ବୟନ ଶିଳ୍ପ, ରାସାୟନିକ ଏବଂ ସାମୁଦ୍ରିକ ଖାଦ୍ୟପଦାର୍ଥ ରପ୍ତାନୀର ବଡ଼ ହ୍ରାସ ଦେଖା ଦେଇଛି। ଏହି ସବୁ ଉତ୍ପାଦରେ ୫୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଅକ୍ଟୋବର ରପ୍ତାନୀରେ ଏହାର ଅଂଶ ୫୨.୧ ପ୍ରତିଶତ ଥିଲା। ଏହା ସତ୍ତ୍ୱେ ରପ୍ତାନୀ ୩୧.୨ ପ୍ରତିଶତ ହ୍ରାସ ପାଇଛି। ମେ'ରେ ଏହା ୪.୭୮ ବିଲିୟନ ଡଲାର ଥିବାବେଳେ ଅକ୍ଟୋବରରେ ୩.୨୯ ବିଲିୟନ ଡଲାରକୁ ଖସି ଆସିଥିଲା। କେବଳ ୫ ମାସରେ ୧.୫ ବିଲିୟନ ଡଲାର କ୍ଷତି ହୋଇଛି।

■ ଷ୍ଟେଟ ବ୍ୟାଙ୍କରୁ ଋଣ ଠକେଇ

## ବିଏମ୍‌ଡବ୍ଲ୍ୟୁ, ମର୍ସିଡିଜ୍, ଲ୍ୟାଣ୍ଡ ରୋଭର୍ ଜବତ

ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ରୁ ଗାଡ଼ି ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁନେ ସ୍ଥିତ କାର୍ ଡିଲର ଏବଂ ଋଣ ଗ୍ରହୀତାଙ୍କ ୧୨ଟି ଘର ଏବଂ ଅଫିସରେ ଚଢ଼ଉ କରି ଅନେକ ବିଳାଶପୂର୍ଣ୍ଣ କାର ଜବତ କରାଯାଇଛି। ଏଠାରୁ ଅପରାଧର ପର୍ଦ୍ଦାଫାସ କରୁଥିବା କାଗଜପତ୍ର ମଧ୍ୟ ମିଳିଛି। ତଦନ୍ତରୁ ଜଣାପଡ଼ିଛି ଯେ ଜାଲ କାଗଜପତ୍ର ଏବଂ ବ୍ୟାଙ୍କକୁ ଠକି ଅଭିଯୁକ୍ତମାନେ ବିଳାଶପୂର୍ଣ୍ଣ କାର୍ ପାଇଁ ଋଣ ଆଣୁଥିଲେ। ଏ ନେଇ ମୁମ୍ବଇର ଇଡି ଶାଖା ପକ୍ଷରୁ ଗତ ୨୫-୨୬ ତାରିଖରେ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଅଧିନରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା।



ଏସ୍‌ବିଆଇର ପୂର୍ବତନ ଶାଖା ପରିଚାଳକ ଅମର କୁଲକର୍ଣ୍ଣୀଙ୍କ ଘରର ମଧ୍ୟ ତଲାସୀ ନିଆଯାଇଥିଲା। ଏହି ତଦନ୍ତରୁ ଋଣ ଗ୍ରହୀତା କିଣିଥିବା ଅସ୍ଥାବର ସମ୍ପତ୍ତିର ଅନେକ କାଗଜ ପତ୍ର ମଧ୍ୟ ମିଳିଥିଲା। ବିଏମଡବ୍ଲ୍ୟୁ, ମର୍ସିଡିଜ୍, ଲ୍ୟାଣ୍ଡ ରୋଭର, ଭଲ୍‌ଭୋ ଭଳି ମହଙ୍ଗା କାର୍ ଜବତ କରାଯାଇଥିଲା। ପ୍ରଥମେ ପୁନେର ଶିବାଜୀନଗର ଥାନା ପୁଲିସ ଏବଂ ଏସିବି ଋଣ ଠକେଇକୁ ନେଇ ଏତଲା ରୁଜୁ କରିଥିଲା। ପରେ ଏହାର ତଦନ୍ତ ଭାର ଇଡି ନେଇଥିଲା। ୨୦୧୭-୧୯ ମଧ୍ୟରେ କୁଲକର୍ଣ୍ଣୀ ପୁନେର ୟୁନିଭର୍ସିଟି ରୋଡ ବ୍ରାଞ୍ଚର ମୁଖ୍ୟ ପରିଚାଳକ ଥିଲେ। ସେ ନିଜ ପଦର ଅପବ୍ୟବହାର କରି ଏସ୍‌ବିଆଇର ଅଟୋ ଲୋନ କାଉନସିଲର ଆଦିତ୍ୟ ସେଥିଆ ସହ ମିଶି ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ମହଙ୍ଗା ଋଣ ପାଇଁ ଅନୁମୋଦନ ଦେଇ ଏସ୍‌ବିଆଇକୁ ଠକି ଥିଲେ। ନିୟମ ଉଲ୍ଲଂଘନ କରି କୁଲକର୍ଣ୍ଣୀ ଜାଲ କାଗଜପତ୍ରରେ ବିନା ଯାଞ୍ଚରେ ଋଣ ପ୍ରଦାନ କରିଥିଲେ। ଅନେକ ଋଣରେ କାର୍ ମୂଲ୍ୟକୁ ବଢ଼ାଇ ଚଢ଼ାଇ ଦର୍ଶାଇବା ପାଇଁ ଜାଲିଆତି କରାଯାଇଥିଲା। ଏହି ଅପରାଧରେ ଋଣ ଏଜେଣ୍ଟଙ୍କଠାରୁ ମ୍ୟାନେଜରଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ଥିଲେ ବୋଲି ଇଡି ପକ୍ଷରୁ କୁହାଯାଇଛି।

## ୩୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ ଶୀତକାଳୀନ ସହାୟତା ଦେଲା ବେଦାନ୍ତ ଆଲୁମିନିୟମ

ସୁନ୍ଦରଗଡ଼, ୨୯।୧୧ (ଏଜେନ୍ସି): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଶୀତ ପ୍ରକୋପରୁ ରକ୍ଷା ପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରିଛି। ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳାଙ୍କ ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଏହି କାର୍ଯ୍ୟକ୍ରମକୁ କୁରାଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ ଉଦଘାଟନ କରିଥିଲେ।



ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଛୋଟ ଛୋଟ ପିଲା, ପରିବାର ଏବଂ ସମ୍ପ୍ରଦାୟ ଆମର ସାମାଜିକ ପ୍ରଭାବ ଦୃଷ୍ଟିକୋଣର କେନ୍ଦ୍ରରେ ଅଛନ୍ତି। କମ୍ପାନୀ ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ। ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ଦର୍ଶାଉଛି। ବେଦାନ୍ତ ଆଲୁମିନିୟମର ଏହି ପ୍ରୟାସକୁ ସରପଞ୍ଚ ସନାତନ ନାୟକ, ମାଧବ ବାରିକ ଖୁବ ପ୍ରଶଂସା କରିଛନ୍ତି। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ଜାଲ୍ ଜିଏସଟି ଇନଭଏସିଂ ନେଟୱର୍କ; ୨ ଗିରଫ

ଭୁବନେଶ୍ୱର, ୨୯।୧୧ (ସମିସ): ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଚାଲିଥିବା ଅନ୍ତଃରାଜ୍ୟ ଜାଲ୍ ଜିଏସଟି ଇନଭଏସିଂ ନେଟୱର୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଏସ୍‌ଟି ଗୁଇନ୍ଦା ମହାନିର୍ଦ୍ଦେଶାଳୟର ରାଉରକେଲା ଶାଖା ପକ୍ଷରୁ ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ କୌଣସି ସାମଗ୍ରୀ ଯୋଗାଣ ବିନା ଠକେଇ କରି ଅସ୍ତିତ୍ୱହୀନ ସେଲ୍ ଫାର୍ମଗୁଡ଼ିକର ଏକ ଶୃଙ୍ଖଳା ବନାଇ ୯୦ କୋଟିରୁ ଅଧିକ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ହାସଲ କରିଥିଲେ। ଏହି ମାମଲାରେ ରାଇଗଡ଼, ବରମକେଲା ଏବଂ ଅନ୍ୟ ଠିକଣାରେ ଚଢ଼ଉ କରି ଡିଜିଟାଲ ରେକର୍ଡ ଓ ଜାଲ୍ କାଗଜପତ୍ର ଜବତ କରାଯାଇଛି।

## ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର 'ରୟାଲ ପୋଲ୍‌କି ଜୁଏଲାରୀ ଶୋ'

ଭୁବନେଶ୍ୱର, ୨୯।୧୧ (ଏଜେନ୍ସି): ଦେଶର ପ୍ରମୁଖ ସୁନା ଏବଂ ହୀରା ରିଟେଲ ଚେନ୍ 'ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ' ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ଶୋ'ରୁମ୍‌ରେ 'ରୟାଲ ପୋଲ୍‌କି ଶୋ' ଆରମ୍ଭ କରାଯାଇଛି। ମାଲାବାର ସମସ୍ତ ପରିଚାଳନା କର୍ମଚାରୀଙ୍କ ଉପସ୍ଥିତିରେ ଓଲିଉଡ ଅଭିନେତ୍ରୀ ସୁଶ୍ରୀ ସଙ୍ଗୀତା ପଲେଇ ଶନିବାର ଏହାର ଶୁଭାରମ୍ଭ କରିଛନ୍ତି। ଏହା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପାରମ୍ପରିକ ଏବଂ ସମସାମୟିକ ଅଳଙ୍କାରର ବିସ୍ତୃତ ସମ୍ଭାରକୁ ସ୍ଥାନିତ କରାଯାଇଛି। ପ୍ରତ୍ୟେକ ଅଳଙ୍କାର ଭାରତୀୟ କଳାର ଅପୂର୍ବ ସୌନ୍ଦର୍ଯ୍ୟତାକୁ ପରିସ୍ଫୁଟ କରୁଛି। ଅତ୍ୟନ୍ତ ନିଖୁଣତାର ସହ ଏହାକୁ ପ୍ରସ୍ତୁତ କରାଯାଇଛି। ଏଠାରେ ମାଲାବାର ଏବଂ ଭିରାଜ ରୟାଲ ପୋଲକୀ ଜୁଏଲାରୀର ସ୍ୱତନ୍ତ୍ର ଅଳଙ୍କାର ଗୁଡିକୁ ଦର୍ଶକଙ୍କ ପାଇଁ ରଖାଯାଇଛି। ଏହି ଅବସରରେ ସୁନା, ଅନ୍‌କଟ ଏବଂ ଜେମ୍‌ଷ୍ଟୋନ ଜୁଏଲାରୀର ଗଢ଼ା ମଜୁରୀ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯାଉଛି। ସେହିପରି ହୀରା ଅଳଙ୍କାରର ହୀରା ମୂଲ୍ୟ ଉପରେ ୩୦ ପ୍ରତିଶତ ଯାଏଁ ରିଆତି ଦିଆଯାଉଛି।



ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି ଯେ ଚନ୍ଦ୍ରଶେଖରପୁରରେ ଏହି ଶୋ' ଆରମ୍ଭ କରି ଏବଂ କାରିଗରୀର ସ୍ୱତନ୍ତ୍ରତାକୁ ପ୍ରଦର୍ଶନ କରୁଥିବା ଡିଜାଇନକୁ ସାମିଲ କରି ଆମେ ଉତ୍ସାହିତ। ସର୍ବୋଚ୍ଚ ଗୁଣବତ୍ତା, ଶୁଦ୍ଧତା ଏବଂ ଉଚିତ ମୂଲ୍ୟରେ ଗ୍ରାହକ ଏଠାରୁ ଅଳଙ୍କାର କ୍ରୟ କରି ପାରିବେ। ସେହିପରି ମାଲାବାର 'ୱାନ ଇଣ୍ଡିଆ ଗୋଲ୍ଡ ରେଟ ସ୍କିମ' ଏବଂ ସବୁ ଷ୍ଟୋରରେ ସମାନ ମୂଲ୍ୟର ସୁବିଧା ପ୍ରଦାନ କରୁଛି।

### ଆଇନଜୀବୀ ପୀତବାସ ହତ୍ୟା ମାମଲା

# ବିପିନକୁ ୨ଦିନିଆ ରିମାଣ୍ଡରେ ନେଲା ପୁଲିସ

ବ୍ରହ୍ମପୁର,୨୯।୧୧(ସମିସ): ଆଇନଜୀବୀ ପୀତବାସ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିପିନ ସ୍ୱାଇଁଙ୍କୁ ପୁଲିସ ଦୁଇଦିନିଆ ରିମାଣ୍ଡରେ ନେଇ ବୈଦ୍ୟନାଥପୁର ଥାନାରେ ଜେରା କରୁଥିବା ସୂଚନା ମିଳିଛି। ଶନିବାର ରାତିରେ ତଦନ୍ତ ଅଧିକାରୀ ତଥା ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ଅତିରିକ୍ତ ଏସ୍‌ପି ଆଲୋକ ଜେନା ବୈଦ୍ୟନାଥପୁର ଥାନାରେ ପହଞ୍ଚି ଅଭିଯୁକ୍ତ ବିପିନକୁ ଜେରା କରିଛନ୍ତି।

ପୁଲିସ ସୂଚନାନୁସାରେ, ପୀତବାସଙ୍କୁ ହତ୍ୟା ପାଇଁ ବହୁ ପୂର୍ବରୁ ଷଡ଼ଯନ୍ତ୍ର ହୋଇଥିଲା। ଏଥିପାଇଁ ଅଭିଯୁକ୍ତ ଉମା ବିଷୋୟୀ ସୁପାରି କିଲର ଯୋଗାଡ଼ କରିଥିଲା। ପୀତବାସଙ୍କୁ ହତ୍ୟା ପାଇଁ ପ୍ରଥମେ ବିହାରରୁ ୨ ସୁଟର ଆସିଥିଲେ ବି ଯୋଜନା ସଫଳ ନହେବାରୁ ହତ୍ୟାକାଣ୍ଡର ପ୍ଲଟ ବଦଳାଇବାକୁ ବାଧ୍ୟ ହୋଇଥିଲା ଉମା। ନିଜ ଗାଁ ବନ୍ଧପଲ୍ଲୀରୁ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ଏଥିପାଇଁ ଡାକିଥିଲା। ସେମାନେ ପୁନର୍ବାର ରେକି କରିବା ସହ ଅକ୍ଟୋବର

**ସରିଲା ରିମାଣ୍ଡ; ଜେଲ୍ ଫେରିଲେ ଶୂନ୍ୟ ଓ ସୁନିଲ**



୬ତାରିଖ ରାତି ପ୍ରାୟ ୧୦ଟାରେ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିଲେ। ଘଟଣା ସମୟରେ ଚିଣ୍ଟୁ ବାଇକ୍ ଚଳାଉଥିବା ବେଳେ କୁରୁପତି ବନ୍ଧୁକରୁ ଗୁଳି ଫୁଟାଇ ପୀତବାସଙ୍କୁ ହତ୍ୟା କରିଥିବା ନେଇ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସେପଟେ ପୁଲିସ ଅଭିଯୁକ୍ତ ଶୂନ୍ୟଚନ୍ଦ୍ର ଦାସ ଓ ସୁନୀଲ ହୋତାଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇ ଜେରା କରିଥିଲା। ରିମାଣ୍ଡ ଅବଧି ଶେଷ ପରେ ଶନିବାର ଅପରାହ୍ନରେ ଶୂନ୍ୟ ଓ ସୁନିଲଙ୍କୁ ପୁଲିସ କୋର୍ଟରେ ହାଜର କରିଥିଲା। କୋର୍ଟରେ ହାଜର ପରେ ଜେଲକୁ ଫେରିଥିଲେ ଶୂନ୍ୟ ଓ ସୁନୀଲ। ଏପଟେ ବିପିନ ସ୍ୱାଇଁଙ୍କୁ ରିମାଣ୍ଡରେ ନେବାକୁ ପୁଲିସ ପକ୍ଷରୁ କୋର୍ଟରେ ରିମାଣ୍ଡ ଆବେଦନ ହୋଇଥିଲା। ଆବେଦନକୁ କୋର୍ଟ ଗ୍ରହଣ କରି ୨ଦିନ ରିମାଣ୍ଡ ମଞ୍ଜୁର କରିଥିବା ଜଣାପଡ଼ିଛି। ସୋମବାର ଅପରାହ୍ନରେ ବିପିନଙ୍କୁ କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ରହିଛି। ଏଯାବତ ପୁଲିସ ୮ଜଣ ଅଭିଯୁକ୍ତ ଯଥା ସୁନୀଲ ହୋତା, ଶୂନ୍ୟ ଦାସ, ମଦନ ଦଳାଇ, ମଳୟ ବିଷୋୟୀ, ଉମା ବିଷୋୟୀ, ଚିଣ୍ଟୁ ପ୍ରଧାନ, କୁରୁପତି ଭୂୟାଁ ଓ ଯୋଗୀ ରାଉତଙ୍କୁ ରିମାଣ୍ଡରେ ନେଇ ଜେରା କରିଥିବା ବେଳେ ୨ଥର ପାଇଁ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ ଓ ଯୋଗୀ ରାଉତଙ୍କୁ ପୁଲିସ ରିମାଣ୍ଡରେ ନେଇ ଜେରା କରିଥିଲା। ଏହି ମାମଲାରେ ପୁଲିସ ଆବଶ୍ୟକ ପ୍ରମାଣ ଯୋଗାଡ଼ କରିବା ପାଇଁ ଅଧିକ ତଦନ୍ତ ଜାରି ରଖିବା ବେଳେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଏକାଧିକଙ୍କୁ ପର୍ଯ୍ୟାୟ କ୍ରମେ ରିମାଣ୍ଡରେ ଆଣି ବୟାନ ରେକର୍ଡ କରିବା ସହ ନୂଆ ତଥ୍ୟ ସଂଗ୍ରହ କରିବାକୁ ଉଦ୍ୟମ ଜାରି ରଖିଛି।

■ ବିଡିଓଙ୍କ ମନମୁଖୀ କାର୍ଯ୍ୟ; ରଣପୁର ବ୍ଲକ୍‌ରେ ଅଚଳାବସ୍ଥା

## ବିଜେପି ସମର୍ଥିତ ଅଧ୍ୟକ୍ଷାଙ୍କ ଧାରଣା



ନୟାଗଡ଼, ୨୯।୧୧(ସମିସ): ନୟାଗଡ଼ ଜିଲ୍ଲା ରଣପୁର ପଞ୍ଚାୟତ ସମିତି ବିଜେପି ସମର୍ଥିତ ଅଧ୍ୟକ୍ଷା ନିର୍ମଳା ବେହେରା ଧାରଣା ଦେଇଛନ୍ତି। ବ୍ଲକ୍‌ରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା, ବିଡିଓଙ୍କ ମନମୁଖୀ କାର୍ଯ୍ୟ ଓ ଫଲ୍ସ ବିଲ୍ ଅଭିଯୋଗ କରି ଅଧ୍ୟକ୍ଷାଙ୍କ ସମେତ ଅନେକ ଜନପ୍ରତିନିଧି ଧାରଣାରେ ବସିଛନ୍ତି। ଅଧ୍ୟକ୍ଷା ନିର୍ମଳା ବେହେରା ବିଜେପି ସମର୍ଥିତ। ସେ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କ ପତ୍ନୀ। ବିଜେପି ସଂଗଠନରେ ଦବ୍‌ଦବା ରଖିଥିବା ଉଭୟ ପତି ଓ ପତ୍ନୀ ଧାରଣା ଦେବା ସରକାରଙ୍କ ଅପାରଗତାକୁ ପଦାକୁ ଆଣିଛି। ରଣପୁର ବ୍ଲକ୍‌ରେ ଭତ୍ତା ବଣ୍ଟନରେ ବ୍ୟାପକ ଅନିୟମିତତା କରାଯାଇଛି। ଏହାସହ ଅଯୋଗ୍ୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇଛି। ଅଧ୍ୟକ୍ଷାଙ୍କ ଅଗୋଚରରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ଫଲ୍ସ ବିଲ୍ ମଧ୍ୟ କରାଯାଇଛି। ନିକଟରେ କିଛି ଫର୍ଣ୍ଣିଚର୍ ନକିଣି ବିଲ୍ ମଧ୍ୟ କରାଯାଇଛି। ଏହି ଫର୍ଣ୍ଣିଚର୍ ବାବଦ ଅର୍ଥକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକର କୌଣସି ଫାଇଲ୍ ଅଧ୍ୟକ୍ଷାଙ୍କୁ ଦେଖାଯାଉ ନଥିବା ବେଳେ ବିଡିଓ ସ୍ଥାନୀୟ ବିଧାୟିକାଙ୍କ ସହ ସାଲିସ୍ କରି ଏଭଳି ଷଡ଼ଯନ୍ତ୍ର ଓ କେଲେଙ୍କାରୀ କରୁଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲ୍ଲାରେ ପ୍ରଶାସନିକ ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ନିକଟରେ ଭାପୁର ବ୍ଲକ୍‌ରେ ଜନପ୍ରତିନିଧିମାନେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଶନିବାର ସମାନ ସ୍ଥିତି ରଣପୁର ପଞ୍ଚାୟତ ସମିତିରେ ଦେଖିବାକୁ ମିଳିଛି। ସରକାରୀ ଦଳର ଜଣେ ଅଧ୍ୟକ୍ଷା ଧାରଣା ଦେବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଆଲୋଚନା ହେଉଛି। ଖବର ପାଇ ବିଡିଓ ମନୋଜ କୁମାର ନାୟକ ଆଲୋଚନା କରିଥିବା ସୂଚନା ମିଳିଛି।

### ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ବୃତ୍ତି ପ୍ରଦାନରୁ ବାଦ୍ ଦେବା ପ୍ରସଙ୍ଗ

# ଗାନ୍ଧୀ ମାର୍ଗରେ ଗର୍ଜିଲା ଏଆଇଏସ୍‌ଏଫ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ଛାତ୍ରବୃତ୍ତି ଏନ୍‌ଏମ୍‌ଏମ୍‌ଏସ୍‌ରୁ ବାଦ୍ ଦେବା ପରେ ଅଖିଳ




ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ରାସ୍ତାକୁ ଓହ୍ଲାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି। ପୂର୍ବ ସୂଚନା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶିରୁ ବାଦ୍ ଦିଆଯାଇଥିବାରୁ ବହୁ ଗରିବ ମେଧାବୀ ପିଲାଙ୍କ ଭାଗ୍ୟ ଭବିଷ୍ୟ ଅନ୍ଧାରକୁ ଠେଲି ହୋଇ ଯାଇଥିବା ଅଭିଯୋଗ ହୋଇଛି।

ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ୍ ସରକାର ଅଛି। ହେଲେ ଓଏଭିରେ ସିବିଏସ୍‌ଇ ପାଠ୍ୟକ୍ରମ ପଢୁଥିବା ରାଜ୍ୟର ଗରିବ ମେଧାବୀ ପିଲାଙ୍କ ବୃତ୍ତିରାଶି ଦ୍ୱିଗୁଣିତ ହେବା ପରିବର୍ତ୍ତେ ଶୂନ କରିଦେବା ଦୁର୍ଭାଗ୍ୟଜନକ। ଏହା ସରକାରଙ୍କ ଛାତ୍ର ବିରୋଧି ନୀତିକୁ ପଦାରେ ପକାଇଥିବା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜେନା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରବୃତ୍ତି ପ୍ରସଙ୍ଗରେ ସରକାର ସ୍ପଷ୍ଟିକରଣ ଦିଅନ୍ତୁ। କାରଣ ଦେଶର ସମସ୍ତ ସିବିଏସ୍‌ଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇଁ ଆବେଦନ କରୁଥିବାବେଳେ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହା ଉଦ୍ଦେଶ୍ୟମୂଳକ। ପ୍ରାଥମିକ ଭାବେ ବୃତ୍ତି ଆବେଦନରୁ ବାଦ୍ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଓଏଭିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହା ସୁଚିନ୍ତିତ ଷଡଯନ୍ତ୍ର।

ଚଳିତ ଶିକ୍ଷାବର୍ଷରୁ ହିଁ ଛାତ୍ରଛାତ୍ରୀଙ୍କୁ ଆବେଦନ ପାଇଁ ସୁଯୋଗଦେବାକୁ ଦାବି କରିବା ସହ ଖାରଜର କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟିକରଣ ରଖିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏକ ୫ ଜଣିଆ ପ୍ରତିନିଧି ଦଳ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପ୍ରତି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ରାଜ୍ୟରେ ଛାତ୍ର ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ଛାତ୍ର ନେତା ପପୁ ରାଉତଙ୍କ ସମେତ ଏକତା ଚୌଧୁରୀ, ଲିଲି ସାମଲ, ସାଗର ପ୍ରଧାନ ଓ ଅମିତ ସାମନ୍ତରାୟଙ୍କ ସହ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।

## ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦଳରୁ ନିଲମ୍ବିତ

ଭୁବନେଶ୍ୱର, ୨୯।୧୧(ସମିସ): ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଶ୍ରୀ ଘଡ଼େଇଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ହଟିଲା ସାମାଜିକ ବାସନ୍ଦ

## ଅତିରିକ୍ତ ତହସିଲଦାରଙ୍କ ପରିବାର କୁଳରେ ସାମିଲ

ଛତ୍ରପୁର,୨୯ ।୧୧(ସମିସ): ସବୁ ବାଦବିବାଦ ପରେ ଶେଷରେ କୈବର୍ତ୍ତ କୁଳ ସମାଜ ମୁଣ୍ଡ ନୁଆଁଇଛି। ବାସନ୍ଦ ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରାଙ୍କ ପରିବାରକୁ କୁଳରେ ସାମିଲ ହେବା ନିମନ୍ତେ କୁଳ ସମାଜର କର୍ମକର୍ତ୍ତା ରାଜି ହୋଇଛନ୍ତି। ଶନିବାର ଛତ୍ରପୁର ଥାନାରେ ପୁଲିସ, କୁଳ ସମାଜର କର୍ମକର୍ତ୍ତା ଓ ତହସିଲଦାରଙ୍କ ପରିବାରଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ବସି ସମାଧନ ହୋଇଛି। ବୈଠକର ନିଷ୍ପତ୍ତି ପ୍ରକାରେ କୈବର୍ତ୍ତ କୁଳ ସମାଜ ସହ ଅତିରିକ୍ତ ତହସିଲଦାରଙ୍କ ପରିବାର ମିଳିମିଶି ଚଳିବେ। ଏଥିରେ କୌଣସି ବାଧାବିଘ୍ନ ଆଉ ରହିବ ନାହିଁ। ଏନେଇ ଛତ୍ରପୁର ଥାନା ଅଧିକାରୀଙ୍କ ଉପସ୍ଥିତିରେ କୁଳ ସମାଜର କର୍ମକର୍ତ୍ତା ଲିଖିତ ଭାବେ ଜଣାଇଥିଲେ। ଆଗକୁ କୌଣସି ପରିବାରକୁ ମଧ୍ୟ ଏଭଳି ହଇରାଣ କରାଯିବ ନାହିଁ ବୋଲି କୁଳ ସମାଜ ପକ୍ଷରୁ କୁହାଯାଇଥିଲା। ଏହାସହ ଗୁରୁବାର କୁଳ ସମାଜର ୯ ଜଣଙ୍କ ବିରୋଧ ରୁଜୁ ହୋଇଥିବା ମାମଲାକୁ ଥାନା ପକ୍ଷରୁ ରଦ୍ଦ କରାଯାଇଛି।

ଅନ୍ୟପକ୍ଷରେ, ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗ୍ରାମର ଅର୍ଜୁନ ବେହେରା କହିଛନ୍ତି, ଅଢ଼େଇ ବର୍ଷ ହେଲା ତାଙ୍କ ପରିବାରକୁ ମଧ୍ୟ ବାସନ୍ଦ କରାଯାଇଛି। ଆଜି ଜଣେ ଓଆର୍‌ଏସ୍ ଅଧିକାରୀଙ୍କ ପରିବାରକୁ କୁଳରୁ ବାସନ୍ଦ କରାଗଲା ବୋଲି ପ୍ରଶାସନ ତଥା ପୁଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କିନ୍ତୁ ମୋର ପୁଅ ପ୍ରଦୀପ କୁମାର ବେହେରା ଜଣେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏକ କମ୍ପାନୀର ନିର୍ବାହୀ ଯନ୍ତ୍ରୀ ହୋଇଥିବା ବେଳେ ମୋର ବୋହୂ ସାଧାରଣ ପ୍ରଶାସନିକ ବିଭାଗର ସେକ୍ସନ୍ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ମୋର ପୁଅ ତାଙ୍କୁ ଅଢ଼େଇ ବର୍ଷ ତଳେ ବିବାହ କରିଥିଲେ। ମୋ ବୋହୂ ଆମ ଜାତିର ନଥିଲେ ବୋଲି କୈବର୍ତ୍ତ କୁଳ ସମାଜ ଆମ ପରିବାରକୁ ବାସନ୍ଦ କରିଥିଲେ। ସେତେବେଳେ ମୁଁ ବହୁତ ଅନୁରୋଧ କରିଥିଲି ଯେ, ମୋତେ କୁଳରେ ସାମିଲ କରାଯାଉ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଏଣୁ ଉପରୋକ୍ତ ବିଚାର ଅନୁସାରେ ଆମ ପରିବାରକୁ ମଧ୍ୟ କୁଳ ସମାଜରେ ସାମିଲ କରିବାକୁ ସମ୍ପୃକ୍ତ ଯନ୍ତ୍ରୀଙ୍କ ବାପା ଅର୍ଜୁନ ବେହେରା ଦାବି କରିଛନ୍ତି।



# ସେନ୍‌ସର ପ୍ରତୀକ୍ଷାରେ 'ଅପେକ୍ଷା'

## ଆକର୍ଷିତ କରିବ ହ୍ୟୁମାନଙ୍କ ଗୀତ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ପ୍ରଯୋଜକ ଡ. କେ. ତମନ୍ନା. ସେନ୍‌ସର ଅପେକ୍ଷାରେ ଅଛନ୍ତି। ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗୀଙ୍କୁ ଏଥିରେ ଦେଖିବାକୁ ମିଳିବ। ପୂର୍ବରୁ ଡ. କେ ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି। ଓଡ଼ିଆରେ 'କଟକ ୱେଡ୍ସ ସମ୍ବଲପୁର' ଏବଂ 'ମହାବାହୁ' ପରି ଚଳଚ୍ଚିତ୍ର ଯୁଗ୍ମ ପ୍ରଯୋଜକ ଭାବେ ନିର୍ମାଣ କରିଥିଲେ। ଏବେ ନିଜସ୍ୱ ବ୍ୟାନର Studio 3Sixty5 ରେ ପ୍ରଯୋଜିତ 'ଅପେକ୍ଷା'ର ସେନ୍‌ସର ପାଇଁ ଅପେକ୍ଷା କରିଛନ୍ତି। ସମସ୍ତ କଳାକାର ଓ ନିର୍ଦ୍ଦେଶକ ଏ ଫିଲ୍ମ ପାଇଁ ଢେର୍ ପରିଶ୍ରମ ମଧ୍ୟ କରିଛନ୍ତି। ତେବେ ଫିଲ୍ମଟି ରିଲିଜ୍ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର, ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ନିଶ୍ଚୟ ବଢ଼ିବ। ଏହି ସିନେମାରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଗୁଡ୍ଡୁ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ। କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ। ସିନେମାର ରୋମାଣ୍ଟିକ୍ ଦୃଶ୍ୟ ସହିତ ପ୍ରେତାତ୍ମାର ଦୌରାତ୍ମ୍ୟ ଓ ହ୍ୟୁମାନ ସାଗରଙ୍କ ଗୀତଗୁଡ଼ିକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ। ■



ଡିସେମ୍ବର ୩୧ରେ ରିଲିଜ୍

# 'ଲଢ଼େଇ'କୁ 'ଏ' ସାର୍ଟିଫିକେଟ୍



ସେନ୍‌ସର ସାର୍ଟିଫିକେଟ ନ ମିଳିବା କାରଣରୁ ନିର୍ଦ୍ଧାରିତ ତାରିଖରେ ଓଡ଼ିଆ ସିନେମା 'ଲଢ଼େଇ' ମୁକ୍ତିଲାଭ କରିପାରି ନଥିଲା। ତେବେ ଏହାକୁ 'ଏ' ସାର୍ଟିଫିକେଟ ମିଳିବା ସହ ଡିସେମ୍ବର ୩୧ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ପୁନର୍ବାର ଘୋଷଣା କରାଯାଇଛି। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି। ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ଫିଲ୍ମରେ ନଜର ଆସିବେ ଲୋହିତାକ୍ଷ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନାୟିକା ସାଜୁଛନ୍ତି ନବାଗତା ଅଭିଲିପ୍ସା। 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ଏହାର ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠ ଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ ସମସ୍ତ ଆଗଧାଡ଼ିର କଣ୍ଠଶିଳ୍ପୀ। ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି। ଚଳଚ୍ଚିତ୍ରରେ ସମୁଦାୟ ୪ଟି ଗୀତ ସ୍ଥାନିତ ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। 'ଲଢ଼େଇ' ସାରା ଓଡ଼ିଶାରେ ପାଖାପାଖି ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ରାଜ୍ୟ ବାହାରେ ମୁମ୍ବାଇ, ଗୋଆ, ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ରହିଛି। ■

# ଆଇଟମ୍ ଗୀତରେ ସୂର୍ଯ୍ୟମୟୀ



ନାୟିକାମାନେ ଆଇଟମ୍ ଗୀତରେ ଅଭିନୟ କରିବା କିଛି ନୂଆ କଥା ନୁହେଁ। କିନ୍ତୁ ଅଭିନେତ୍ରୀ ସୂର୍ଯ୍ୟମୟୀ ଏକ ଆଇଟମ୍ ଗୀତରେ ଅଭିନୟ କରିଛନ୍ତି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଫିଲ୍ମ 'ରକ୍ତ ଗୋଲାପ'ରେ ରହିଛି ଏହି ଚର୍ଚ୍ଚିତ ଆଇଟମ୍ ଗୀତ। ସମ୍ବଲପୁରୀ ଫ୍ଲେବର୍ ସାଙ୍ଗକୁ ସୂର୍ଯ୍ୟମୟୀଙ୍କ ଠୁମକା ଦର୍ଶକଙ୍କ ମନ କିଣି ନେବ ନିଶ୍ଚୟ। 'ପାତଲ ଘଣ୍ଟା...' ଶୀର୍ଷକ ଏ ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। ଏହି ଗୀତ ଏବଂ ଏଥିରେ ସୂର୍ଯ୍ୟମୟୀଙ୍କ ଉପସ୍ଥିତି ଚଳଚ୍ଚିତ୍ର ପାଇଁ ୟୁଏସ୍‌ଏସ୍‌ପି ସାଜିବ ବୋଲି କୁହାଯାଉଛି। ■

ଟେଲିଭିଜନ ପ୍ରିମିୟର

# 'ବୋହୂ ୪୨୦'

ନଭେମ୍ବର ୩୦ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ୪୨୦'। 'ଆଦି ଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ତଥା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଦ୍ୱାରା ନିର୍ମିତ ଏବଂ ରାଶେସ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିରେ ସସପେନ୍ସ, ଥ୍ରୀଲର ସହ ସାମାଜିକ ପ୍ରାସଙ୍ଗିକତାର ଏକ ଆକର୍ଷଣୀୟ ମିଶ୍ରଣ ରହିଛି। 'ବୋହୂ ୪୨୦' ହେଉଛି କସ୍ତୁରୀ ନାମକ ଜଣେ ଝିଅର ରୋମାଞ୍ଚକର ଜୀବନ ଯାତ୍ରାକୁ ନେଇ ଏକ ସୁନ୍ଦର କାହାଣୀ। ଫିଲ୍ମରେ ନିକିତା ମିଶ୍ର ଏବଂ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପୁଷ୍ପା ପରିଡ଼ା, ସତ୍ୟ ରଂଜନ ବଳ ଏବଂ ଉମାକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ଶାନ୍ତନୁ ନାୟକ ଓ କଣ୍ଠ ଦାନ କରିଛନ୍ତି ଚିରାଗ ଦୀପ, ଅଭିଜିତ୍, ଗୀତିଶ୍ରୀ, ପ୍ରିୟମ୍ବଦା ଓ ଅରୁତୋଷ। କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ■



ଆଳାପ

# "ସିନେମାରେ ଅଭିନୟ କରିବାର ଲକ୍ଷ୍ୟ ରହିଛି"

ରୋମ୍ୟାଞ୍ଜଳି, ଅଭିନେତ୍ରୀ



**ଭାରତୀୟ ସେନାରେ ଯୋଗ ଦେବାକୁ ସେ ସ୍ୱପ୍ନ ଦେଖିଥିଲେ। ଏନ୍‌ସିସିରେ ଭାଗ ନେଉଥିଲେ। ଫାଙ୍କା ସମୟ ଦେଖି ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କଲେ। ଟିକ୍‌ଟକ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା। ସୌଭାଗ୍ୟବଶତଃ ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା। ବର୍ତ୍ତମାନ ଆଲବମ୍ ଜଗତର ଜଣେ ଜଣାଶୁଣା ନାୟିକା ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଭୁବନର ରୋମ୍ୟାଞ୍ଜଳି। ସେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି। ତାଙ୍କ ଅଭିନୀତ 'ରସ ଜାମୁଡ଼ାଳି', 'ସେଦିନୁ ମୁଁ ହୁନୁ ହୁନୁ', 'ଧାକୁଲୁ ଧାକୁଲୁ ହାର୍ଟ', 'ରଙ୍ଗବତୀ ନାଚ', 'ପରଦେଶୀୟା ରାଜା', 'ମତେ ବୁଲେଇ ନେବୁ କି ସମ୍ବଲପୁର' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା। ରୋମ୍ୟାଞ୍ଜଳିଙ୍କ ନୃତ୍ୟ ଓ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କରି ମୁହଁରୁ।**

**କଳା ଦୁନିଆକୁ କାହିଁକି ବାଛିଲେ?**

ଛୋଟ ବେଳୁ ମୋର ଇଚ୍ଛା ଥିଲା ମୁଁ ଭାରତୀୟ ସେନାରେ ଯୋଗ ଦେବି। ସ୍କୁଲରୁ କଲେଜ ଏନ୍‌ସିସିରେ ଭାଗ ନେଉଥିଲି। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ପଢ଼ା ଚାଲିଥିଲା। ୨୦୨୦ ମସିହାରେ ଟିକ୍‌ଟକ୍‌ରେ ଭିଡିଓ ବନାଇବା ଆରମ୍ଭ କରିଲି। ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା। ଏହା ପରେ ଯେତେବେଳେ ଟିକ୍‌ଟକ୍ ବ୍ୟାନ୍ ହୋଇଗଲା ସେତେବେଳକୁ ପ୍ରେମ ଦର୍ଶନ ପକ୍ଷରୁ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା। 'ଦେଖିଛୁ ତ ପ୍ରେମ ମୋର ଏବେ ଘୃଣା ଦେଖିବୁ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବା ସମୟରେ ଟିକେ ନର୍ଭସ ଥିଲି। ଏହି ମ୍ୟୁଜିକ୍ ଭିଡିଓ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛି।

**ରିଆଲିଟି ଶୋ'ରେ ନଜର ଆସୁଛନ୍ତି, ଏହାର କାରଣ କ'ଣ?**

ଅନେକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ରହିବାକୁ ରିଆଲିଟି ଶୋ'ରେ ଭାଗ ନେଉଛି। ତରଙ୍ଗ ଏବଂ ଜୀ ସାର୍ଥକ ଚ୍ୟାନେଲର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଏବଂ 'କିଚେନ୍ ହଙ୍ଗାମା'ରେ ଭାଗ ନେଇ ମୁଁ ମୋର ଅନ୍ତର୍ନିହିତ କଳା ଦେଖାଇବାକୁ ପ୍ରୟାସ କରୁଛି। ମୋ ପରି ଅନେକ ତାରକା ଏଥିରେ ଭାଗ ନେଇ ନୃତ୍ୟ, ଭାବଭଙ୍ଗୀ, ଗୋଟେ ଚରିତ୍ର ଭିତରେ କେମିତି ପଶି ହେବ ସେ ସବୁକୁ ଶିଖିପାରୁଛୁ।

**ସଫଳତାର ଶ୍ରେୟ କାହାକୁ ଦେବେ?**

ମୋ ପରିବାର ଆଉ ପ୍ରେମ ଦର୍ଶନକୁ। ମୁଁ ସବୁବେଳେ କାମର ପାର୍ଟନରକୁ ଦେଖେ। ଗୁରୁଜନଙ୍କ କଥାକୁ ଗ୍ରହଣ କରେ। ଭଲ ମନ୍ଦ କ'ଣ ତାହାକୁ ଗଭୀର ଭାବେ ଚିନ୍ତା କରେ। ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ଗୋଟେ କଥା କହିବି ଏହି ଲାଇନ୍ କାମ କରିବାରେ ମୋତେ ଗୋଟେ ପ୍ରକାର ଖୁସି ମିଳେ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ଘରେ ଆରାମ କରେ। ପଢ଼ାପଢ଼ି କରିବାକୁ ଭଲ ପାଏ। ନାଚେ। ସ୍ୱାଦିଷ୍ଟ ଖାଦ୍ୟ ବନାଏ ଆଉ ଖୁଆଏ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି। ଆଗକୁ ଧାରାବାହିକ କିମ୍ବା ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି।

**ରୋମ୍ୟାଞ୍ଜଳିଙ୍କ ଡ୍ରିମ ରୋଲ୍?**

ଆଶା କରିବି ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିପାରିବି। ଆଉ ଦର୍ଶକଙ୍କ ମନୋରଞ୍ଜନ କରିବି। କିନ୍ତୁ ହଁ ଭବିଷ୍ୟତରେ ନାରୀ କୈନ୍ଦ୍ରିକ ଏବଂ ଗ୍ରାମାଞ୍ଚଳର କାହାଣୀକୁ ନେଇ ସିନେମାରେ କାମ କରିବାକୁ ଆଶା ରହିଛି। ■

# 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ନୂଆ ସିଜିନ୍ ପ୍ରସାରଣ

ଜୀ ସାର୍ଥକରେ ନଭେମ୍ବର ୨୯ ତାରିଖରେ ଓଡ଼ିଶାର ସବୁଠୁ ବଡ଼ ଡାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ଏକ ନୂଆ ସିଜିନ୍ ପ୍ରସାରଣ ଆରମ୍ଭ ହୋଇଛି। ଏହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି। ଏହି ସିଜିନ୍ ରୋମାଞ୍ଚକର ହୋଇଛି। କାରଣ ପ୍ରଥମଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିବାର ପ୍ରୟାସ କରାଯାଇଛି ଏହି ଡ୍ୟାନ୍ସ ରିଆଲିଟି ଶୋ'। ଏହି ଶୋ' ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ରଙ୍ଗବତୀ ୨.୦ ଏବଂ ଲଟକମଣି ୨.୦ ନାଁରେ ଦୁଇଟି ଦଳ ଗଠନ କରାଯାଇଛି। ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା, ହିତୈସା, ମାନସୀ ପ୍ରମୁଖ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଏକ ନୂତନ ଅନୁଭୂତି ଆଣିବେ। ଏହି ଶୋ'କୁ ସୁଜିତ ପାଇକରାୟ ହୋଷ୍ଟ କରିଛନ୍ତି। ବିଚାରକ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି। ଅନ୍ୟପଟେ ଏହି ଶୋ'ରେ ଏକ ସ୍ୱତନ୍ତ୍ର ସ୍ୱାଦ ଯୋଡ଼ିବେ ୟୁଟ୍ୟୁବ୍ କମେଡି ସେନସେସନ୍ ରାଜୁ ଦାସ (ସାହୁ ବାବୁ ଫେମ) ଏବଂ ଏହି ମଞ୍ଚରେ ସାହୁ ଭେରାଇଟି ଷ୍ଟୋର୍ ଏକ ମନୋରଞ୍ଜନକାରୀ ଖୋରାକ ଯୋଗାଇବା ସହ ସାହୁ ବାବୁ ଭରିଛନ୍ତି କମେଡିର ତଡ଼କା। ■



ପରଦା ପଛର କାହାଣୀ

# ସୁଟିଂ ସମୟରେ ଅଭିନେତା ଗିରଫ

୧୯୯୨ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବିଶ୍ୱାତ୍ମା'। ସନି ଦେଓଲ୍ ଓ ଦିବ୍ୟାଭାରତୀଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଫିଲ୍ମର ଅଧିକାଂଶ ଦୃଶ୍ୟ କେନ୍ୟାରେ ସୁଟିଂ ହୋଇଥିଲା। ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଫିଲ୍ମକୁ ନେଇ ରୋଚକୀୟ କଥା ଖୁଲାସା କରିଛନ୍ତି। କେନ୍ୟାରେ ଏହି ଫିଲ୍ମ ସୁଟିଂ ସମୟରେ ଦୁଇଜଣ ଅଭିନେତାଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏ ସଂପର୍କରେ ଅନେକ ଜାଣି ନଥିଲେ। ବହୁବର୍ଷ ପରେ ସେ ଏହାର ଖୁଲାସ କରିଛନ୍ତି। ରାଜୀବ ଓ ଫିଲ୍ମର କଳାକାରମାନେ ନାଇରୋବି ଏବଂ ମୋମ୍ବାସାରେ ସୁଟିଂ କରୁଥିଲେ। ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ରାଜୀବଙ୍କ କହିବାନୁଯାୟୀ, ବିଦେଶରେ ସୁଟିଂ କରିବା ପଛରେ କୌଣସି ଖାସ୍ କାରଣ ନ ଥିଲା। ଫିଲ୍ମର କାହାଣୀ ଅନୁଯାୟୀ, ଖଳନାୟକ ଫେରାର ହୋଇଯାଇଥିଲା। ସୁଟିଂ ପାଇଁ ତାଙ୍କ ହିସାବରେ ଆଫ୍ରିକା ଏକ ଶସ୍ତା ଦେଶ ଥିଲା। ତେଣୁ ସେ ସେଠାରେ ସୁଟିଂ ପାଇଁ ସ୍ଥିର କରିଥିଲେ। ସେ ପୂର୍ବରୁ ସେଠାରେ କାର୍ଯ୍ୟ କରିଥିବାରୁ ତାଙ୍କର କିଛି ପରିଚିତ ବନ୍ଧୁ ଥିଲେ। ସେମାନେ ସୁଟିଂ ପାଇଁ ସହଯୋଗ କରିଥିଲେ। କିନ୍ତୁ ନାଇରୋବିରେ ଫିଲ୍ମ ସୁଟିଂକୁ ନେଇ କିଛି ନିୟମ କାନୁନ ରହିଛି। ଏଠାରେ ରାତ୍ରି ସମୟରେ ମନଇଚ୍ଛା ବୁଲିବା ନିଷେଧ। ଏଥିସହ ସାଥିରେ ଡଲାର୍ ନେଇ ଯିବା ପାଇଁ ମଧ୍ୟ ଅନୁମତି ନ ଥାଏ। ବିଦେଶରେ ଥିବାରୁ ଅଭିନେତାଙ୍କ ପାଖରେ କିଣାକିଣି ପାଇଁ ୧୦-୧୫ ଡଲାର ଥିଲା। ନିୟମ ଅନୁସାରେ ଡଲାର ରଖି ଧରାପଡ଼ିଲେ ଗୁଳିମାଡ଼ ଖାଇବାର ମଧ୍ୟ ସମ୍ଭାବନା ରହିଛି। ଏହା କଡ଼ା ନିୟମ ପାଳନ କରୁଥିବା ଦେଶ। 'ବିଶ୍ୱାତ୍ମା' ସୁଟିଂ ସମୟରେ ଅଭିନେତା ଦୁଇଜଣ ରାତିରେ ବୁଲିବା ପାଇଁ ବାହାରିଥିଲେ। ସେମାନେ ସଡ଼କରେ ବୁଲୁଥିବା ସମୟରେ ତାଙ୍କୁ ଦେଖି ଗିରଫ କରାଯାଇଥିଲା। ଏହାପରେ ଦୁଇଜଣଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। ଜେଲ୍‌ରେ ବନ୍ଦୀ ହେବା ପରେ ଏହି ଘଟଣା ରାଜୀବଙ୍କ ପାଖରେ ପହଞ୍ଚିଥିଲା। ଏହାପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେ ଅଭିନେତାଙ୍କୁ ଜେଲ୍‌ରୁ ବାହାର କରିଥିଲେ। ରାଜୀବ ଏବଂ ଫିଲ୍ମ ପ୍ରଡ୍ୟୁସର୍‌ଙ୍କ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ଭଲ ଥିବାରୁ ତାଙ୍କୁ ଜେଲ୍‌ରୁ ବାହାର କରିବା ସହଜ ହୋଇଥିଲା। ■



### ପୁରୁଷ ଜୁନିଅର ହକି ବିଶ୍ୱକପ୍

# ଓମାନକୁ ୧୭-୦ରେ ହରାଇଲା ଭାରତ

ଚେନ୍ନଇ,୨୯।୧୧(ଏଜେନ୍ସି): ଆୟୋଜକ ଭାରତ ଏଠାରେ ଚାଲିଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ଆଜିର ଖେଳରେ ଓମାନକୁ ୧୭-୦ ଗୋଲରେ ପରାସ୍ତ କରିଛି। ଗତକାଲି ଚିଲିକୁ ୭-୦ ଗୋଲରେ ହରାଇଥିବା ଭାରତ ପୂରା ପଏଣ୍ଟ ପାଇଛି। ଅନ୍ୟ ପକ୍ଷରେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ସ୍ୱିଜରଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଓମାନକୁ ୪-୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୩-୨ ଗୋଲରେ ହରାଇ କ୍ରମାଗତ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ଉଭୟ ଭାରତ ଓ ସ୍ୱିଜରଲାଣ୍ଡ ସମାନ ପଏଣ୍ଟ ପାଇଛନ୍ତି। ଡିସେମ୍ବର ୨ରେ ଏହି ଗ୍ରୁପ୍‌ର ଶେଷ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତ ଓ ସ୍ୱିଜରଲାଣ୍ଡ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଫଳାଫଳ ପରେ ଗ୍ରୁପ-ବି'ରେ କେଉଁ ଦଳ ବିଜୟୀ ହେବ ତାହା ପରେ ଜଣାପଡ଼ିବ। ଏହି ମୁକାବିଲାରେ ଭାରତ ପକ୍ଷରୁ ମନ୍‌ମିତ ସିଂହ, ଦିଲରାଜ ସିଂହ ଓ ଅର୍ଶଦୀପ ସିଂହ ହ୍ୟାଟ୍ରିକ ସହ ୩ଟି ଲେଖାଏଁ, ଗୁରଜୋତ ସିଂହ, ଲୁଆଙ୍ଗ୍ ଓ ଅଜିତ ଯାଦବ ୨ଟି ଲେଖାଏଁ ଗୋଲ



ସ୍କୋର କରିଥିଲେ। ଓଡ଼ିଆଙ୍କ ମଧ୍ୟରେ ଅନ୍‌ମୋଲ ଏକ୍କା ଓ ଶାରଦାନନ୍ଦ ତିୱାରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆଜି ଅନୁଷ୍ଠିତ ଅନ୍ୟ ଗ୍ରୁପ୍ ମ୍ୟାଚ୍ ମଧ୍ୟରୁ ଗ୍ରୁପ୍-ଏ'ରେ ଜର୍ମାନୀ ୭-୦ରେ କାନାଡାକୁ ଓ ଦକ୍ଷିଣ ଆଫ୍ରିକା ୨-୧ରେ ଆୟର୍ଲାଣ୍ଡକୁ, ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ପ୍ରଥମ ମୁକାବିଲାରେ ଇଂଲଣ୍ଡକୁ ୫-୩ ଓ ମାଲେସିଆ ୫-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।

### ଏସୀୟ ଯୁବ ଚେସ୍ | ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ଟିମ୍ ବ୍ରୋଞ୍ଜ୍

ଭୁବନେଶ୍ୱର,୨୯।୧୧(ସମିସ): ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଏସୀୟ ଯୁବ ଚେସ୍ ଚାମ୍ପିଅନସିପ୍‌ରେ ଭାରତ ଲାଗି ୧୦ ବର୍ଷରୁ କମ୍ ବିଭାଗରେ ଟିମ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ସାତ୍ତ୍ୱିକ, ସିଏମ୍ ମଣି ସର୍ବାଥୋ ଓ ଓଇସିକ୍ ମଣ୍ଡଳ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭିଏତନାମ ୨୦.୫ ପଏଣ୍ଟ ପାଇ ସ୍ୱର୍ଣ୍ଣ ଓ କାଜାଖସ୍ଥାନ ୧୯ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଗତବର୍ଷ ପଦକ ଜିତିଥିବା ସାତ୍ତ୍ୱିକ ଏଥର ଅଳ୍ପକେ ପଦକ ଲାଭରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି। ଏହି ସଫଳତା ଲାଗି କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ, ପ୍ରୋଚେଷ୍ଟାର ପ୍ରଶାସକ ସ୍ୱଙ୍ଗଶୁ ସତ୍ୟପ୍ରାଜ୍ଞ, ଟ୍ରିପଲ-ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍

# ସମ୍ମାନ ରକ୍ଷା ଲାଗି ରୋହିତ-କୋହଲି ଭରସା

ରାଞ୍ଚି,୨୯।୧୧(ଏଜେନ୍ସି):

ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ରାଞ୍ଚିରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଭ୍ରମଣକାରୀ ଦଳଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ଘରୋଇ ଭାରତୀୟ ଦଳ ଦିନିକିଆ ସିରିଜ୍‌ରେ ହିସାବ ନିକାଶ କରିବାକୁ ଅପେକ୍ଷା କରିଛି। ଐତିହାସିକ ଟେଷ୍ଟ ସିରିଜ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ମନୋବଳ ବହୁପରିମାଣରେ ବଢ଼ିଯାଇଛି। ଟେଷ୍ଟଠାରୁ ଦିନିକିଆ ଫର୍ମାଟ ଅଲଗା ହୋଇଥିଲେ ମଧ୍ୟ ସେମାନେ ଯେଉଁ ମନୋବଳ ହାସଲ କରିଛନ୍ତି ତାହା ଏହି ଫର୍ମାଟରେ ଖୁବ୍ ସୁହାଇବ। ପାକିସ୍ତାନଠାରୁ ଦିନିକିଆ ସିରିଜ୍ ହାରିଥିବା ଦଳକୁ ଅଧିନାୟକ ତେମ୍ବା ବଭୁମା, ଆଇଡେନ୍ ମାରକ୍ରମ ଓ ଅବସରରୁ ଆସିଥିବା କ୍ୱିଣ୍ଟନ ଡି କକ୍ ସାମିଲ ହେବା ପରେ ଦକ୍ଷିଣ ଆଫ୍ରିକାର ଶକ୍ତି ବୃଦ୍ଧି ପାଇଛି।

ଭାରତୀୟ ପିଚ୍‌ରେ ସ୍ପିନ୍ ବୋଲିଂକୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟ କେଶବ ମହାରାଜ ଫେରିଛନ୍ତି। ଅନ୍ୟ ପକ୍ଷରେ ଦିନିକିଆରେ ଭାରତ ଏକ ସନ୍ତୁଳିତ ଦଳ ଥିଲା। କିନ୍ତୁ ଆଘାତ ଓ ୱାର୍କଲୋଡ ସମସ୍ୟା ଦଳର ସନ୍ତୁଳନକୁ ବିଗାଡି ଦେଇଛି। ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଶ୍ରେୟସ ଆୟର ଆହତ





ହୋଇ ଏହି ସିରିଜ୍ ଖେଳୁନାହାନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଦୁଇ ପ୍ରତିଭାବାନ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍ ଦଳରେ ରହିଛନ୍ତି। ଏତେ ଦକ୍ଷତା ସତ୍ତ୍ୱେ ଟେଷ୍ଟ ସିରିଜ୍‌ରେ ହରାଇଥିବା ସମ୍ମାନ ଫେରିପାଇବା ଲାଗି ଭାରତକୁ ଦିନିକିଆ ସିରିଜ୍ ଜିତିବାକୁ ହେବ। ଏଥିଲାଗି ଦଳ ଦୁଇ ସୁପରଷ୍ଟାର ରୋ-କୋ (ରୋହିତ ଶର୍ମା ଓ ବିରାଟ କୋହଲି)ଙ୍କ ଉପରେ ନିର୍ଭର କରୁଛି। ବିଶେଷ କରି ଗିଲ-ଆୟର-ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ କେବଳ ରୋ-କୋ' ହିଁ ଭାରତକୁ ସମ୍ମାନ ଓ ସମର୍ଥକଙ୍କ ମନରେ ବିଶ୍ୱାସ ଫେରାଇବାକୁ ସମର୍ଥ ହେବେ।

### ଦ୍ୱନ୍ଦ୍ୱ: ୩ ସ୍ପିନର ନା ୪ ପେସର

ରାଞ୍ଚି ପିଚ୍‌ରେ ବଡ଼ ସ୍କୋର ହେବାର ନଜର ନାହିଁ। ଏହି ମ୍ୟାଚ୍‌ରେ କେଉଁ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହାକୁ ନେଇ ଭାରତର ଦ୍ୱନ୍ଦ୍ୱ ବଢ଼ିଛି। ଓପନିଂରେ ରୋହିତଙ୍କ ସହ ଜୟସ୍ୱାଲଙ୍କ ଖେଳିବା ସମ୍ଭାବନା ଅଧିକ। ଏମାନଙ୍କ ପଛକୁ କୋହଲି, ନଂ-୪ରେ ଗାଏକ୍ୱାଡ କିମ୍ବା ୱିକେଟରକ୍ଷକ ଋଷଭ ପନ୍ତ୍ ଖେଳିବେ। କିମ୍ବା ଉଭୟଙ୍କୁ ସ୍ଥାନ ମିଳିବ। ନଂ-୫ କିମ୍ବା ୬ରେ ଲୋକେଶ ରାହୁଲ ରହିବେ। ଅନ୍ୟ ପକ୍ଷରେ ଦଳ ୩ଜଣ କିମ୍ବା ଅତିକମରେ ୨ ଜଣ ଅଲରାଉଣ୍ଡରଙ୍କୁ ଖେଳାଇବ। ଦଳ ଯଦି ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ଦଳରେ ସାମିଲ କରେ ତେବେ ନୀତୀଶ ରେଡ୍ଡୀଙ୍କ ଖେଳିବା ନିଶ୍ଚିତ। କୁଳଦୀପ ଯାଦବଙ୍କୁ ଖେଳାଇଲେ ଗାଏକ୍ୱାଡଙ୍କ ଖେଳିବା ସମ୍ଭାବନା କମ୍। ଏହି ଦ୍ୱନ୍ଦ୍ୱ ଭିତରେ ଭାରତର ଚୂଡାନ୍ତ ଏକାଦଶ ଅଟକିଛି।

### ନଜରରେ ମାଥ୍ୟୁ ବ୍ରିଜ୍‌କେ

ବିଶ୍ୱର ପ୍ରଥମ ବ୍ୟାଟରଭାବେ ମାଥ୍ୟୁ ବ୍ରିଜ୍‌କେ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ହାସଲ କରିବା ଓ ମିଡିଲ ଅର୍ଡରରେ ବ୍ୟାଟିଂ କରି ୬୭.୭୫ ହାରରେ ରନ୍ ସଂଗ୍ରହ କରିବା ଆଜିଯାଏ କେହି କରିନାହାଁନ୍ତି। ଏଭଳି ସଫଳତା



ପାଇଥିବା ଜଣେ ବ୍ୟାଟରଙ୍କ ସହ ବଭୁମା, ମାରକ୍ରମ ଓ ଡି କକ୍‌ଙ୍କ ଉପସ୍ଥିତି ଦଳକୁ ଅଧିକ ବଳ ଯୋଗାଇଛି। ଦୁର୍ବଳ ଭାରତୀୟ ବୋଲିଂରୁ ଏମାନେ ନିଶ୍ଚିତ ଫାଇଦା ଉଠାଇବେ।

### ରେକର୍ଡ ଅପେକ୍ଷାରେ

**ଭାରତ:** ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଘରୋଇ ମାଟିରେ ୧୦ଟି ଦିନିକିଆ ସିରିଜ୍ ଖେଳି ୯ଟିରେ ବିଜୟୀ ହୋଇଛି। କେବଳ ୨୦୨୩ରେ ଘରୋଇ ଦଳ ଅଷ୍ଟ୍ରେଲିଆ ନିକଟରୁ ସିରିଜ୍ ହାରିଛି। ସୂଚନାଯୋଗ୍ୟ ଟେଷ୍ଟ କ୍ରିକେଟରେ ଭାରତ ଗତ ୧୨ ବର୍ଷରେ ଗୋଟିଏ ହେଲେ ସିରିଜ୍ ହାରି ନ ଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ୨ଟି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇଛି।

**ଡି କକ୍:** କ୍ୱିଣ୍ଟନ ଡି କକ୍ ଭାରତ ବିପକ୍ଷରେ ୬ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଦଳର ଅନ୍ୟତମ ନବାଗତ ଖେଳାଳି ମାଥ୍ୟୁ ବ୍ରିଜ୍‌କେ ତାଙ୍କ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ସହ ୬୭.୭୫ ହାରରେ ରନ୍ ସଂଗ୍ରହ କରି ପ୍ରତିପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ବନିଛନ୍ତି।

**ରୋହିତ ଶର୍ମା:** ହିଟ୍‌ମ୍ୟାନ୍ ରୋହିତ ଶର୍ମା ଆଉ ୩ଟି ଛକା ମାରିଲେ ବିଶ୍ୱରେ ସର୍ବାଧିକ ଦିନିକିଆ ଛକାରେ ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିବେ। ସେ ଯଦି ଆଉ ୯୮ ରନ୍ କରନ୍ତି, ତେବେ ଭାରତର ଚତୁର୍ଥ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିବେ।



### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ୍ (ୱିକେଟରକ୍ଷକ), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଳଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ତିଲକ ବର୍ମା, ଧ୍ରୁବ ଜୁରେଲ।

**ଦକ୍ଷିଣ ଆଫ୍ରିକା:** କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାରକ୍ରମ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ, କୋର୍ବିନ ବୋଶ୍, କେଶବ ମହାରାଜ, ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡି, ଓଟ୍ଟନେଲ ବାର୍ଟମ୍ୟାନ୍, ଟୋନି ଡି ଜୋର୍ଜି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS